


ଯା ଦେବୀ ସର୍ବଭୂତେଷୁ...........


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୧ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 11 OCTOBER 2023
Vol.No. 34 ■ No. 268■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ହମାସ ଆଟାକ ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ମୋଦି

### ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବା ବେଳେ ଇସ୍ରାଏଲକୁ ଖୋଲା ସମର୍ଥନ କରିଛି ଭାରତ



ନୂଆଦିଲ୍ଲୀ,୧୦/୧୦ : ଇସ୍ରାଏଲ ଓ ପାଲେଷ୍ଟାଇନ ଆତଙ୍କବାଦୀ ସଂଗଠନ ହମାସ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି । ହମାସର ଆଟାକକୁ କାଉଣ୍ଟର କରିବା ପାଇଁ ଇସ୍ରାଏଲ ସେନା ଗାଜା ଷ୍ଟ୍ରିପ ଉପରେ ଜୋରଦାର ହମଲା କରିଛି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବା ବେଳେ ଇସ୍ରାଏଲକୁ ଖୋଲା ସମର୍ଥନ କରିଛି ଭାରତ। ଆଜି ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଇସ୍ରାଏଲ ପ୍ରତିପକ୍ଷ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଫୋନ ଯୋଗେ କଥା ହୋଇଛନ୍ତି। ଏହି ସମୟରେ ଭାରତ ଆତଙ୍କବାଦର ସବୁ ପ୍ରକାରର ପଦକ୍ଷେପ ଓ ରୂପକୁ ଦୃଢ଼ ନିନ୍ଦା କରୁଛି ବୋଲି ମୋଦି ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ଜଣାଇ ଦେଇଛନ୍ତି। ସୋଶାଲ ମିଡିଆ ଆକାଉଣ୍ଟ ଏକ୍ସରେ ମୋଦି କହିଛନ୍ତି ଯେ ସେ ଫୋନ ଯୋଗେ ନେତାନ୍ୟାହୁଙ୍କ ସହ କଥା ହୋଇଥିଲେ। ଏହି ସମୟରେ ନେତାନ୍ୟାହୁ ତାଙ୍କୁ ଇସ୍ରାଏଲରେ ଜାରି ରହିଥିବା ସାଂଘାତିକ ପରିସ୍ଥିତି ସମ୍ପର୍କରେ ଅପଡେଟ ଦେଇଛନ୍ତି। ମୋଦି ତାଙ୍କୁ କହିଛନ୍ତି ଯେ "ଏପରି ଏକ କଠିନ ସମୟରେ ଭାରତର ଲୋକମାନେ ଇସ୍ରାଏଲ ସହ ରହିଛନ୍ତି। ଭାରତ ବେଶ ଦୃଢ଼ତା ଓ ସ୍ପଷ୍ଟତାର ସହ ଆତଙ୍କବାଦର ସବୁ ପ୍ରକାରର ପଦକ୍ଷେପକୁ ନିନ୍ଦା କରୁଛି ।" ଅକ୍ଟୋବର ୭ରୁ ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଛି। ହମାସ ପକ୍ଷରୁ ଶନିବାର ହଠାତ୍? ଇସ୍ରାଏଲ ଉପରେ ୫ ହଜାର ରକେଟ ମାଡ଼ କରାଯାଇଥିଲା। ଏହାପରେ ହମାସ ଆତଙ୍କବାଦୀମାନେ ଇସ୍ରାଏଲର କିଛି ସହରରେ ପ୍ରବେଶ କରି ଆକ୍ରମଣ କରି ଦେଇଥିଲେ। ଇସ୍ରାଏଲ ମଧ୍ୟ କାଉଣ୍ଟର ଆଟାକ କରିବାକୁ ଆଦୌ ପଛାଇ ନଥିଲା। ଏହି ଆଟାକ ଓ କାଉଣ୍ଟର ଆଟାକ ମଧ୍ୟରେ ୧୬ ଶହରୁ ଅଧିକ ଲୋକଙ୍କ ଜୀବନ ଗଲାଣି।

## ନିଜ ହାତରେ ନିଜ ସିନ୍ଦୂର ପୋଛି ଦେଲେ ମହିଳା

କେନ୍ଦୁଝର, ୧୦/୧୦ (ନି.ପ୍ର): ଯାହାର ହାତ ଧରି ଘର ସଂସାର ଗଢ଼ିଥିଲେ, ତାକୁ ମାରିଦେଲେ। ନିଜ ହାତରେ ନିଜ ମଥାର ସିନ୍ଦୂର ପୋଛି ଦେଲେ ମହିଳା। ସାମାନ୍ୟ ମୋବାଇଲଟିଏ ପାଇଁ ଅତି ନିର୍ମମ ଭାବେ ଶୋଇଥିବା ଅବସ୍ଥାରେ ସ୍ୱାମୀଙ୍କୁ ଶାବଳରେ ପିଟି ହତ୍ୟା କଲେ ସ୍ତ୍ରୀ। ଏପରି ବୀଭତ୍ସ ହତ୍ୟାକାଣ୍ଡ କେନ୍ଦୁଝର ଟାଉନ୍ ଥାନା ଅଞ୍ଚଳରେ ଘଟିଛି। ପୁଲିସ୍ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। କୋଡ଼ିପଷା ଗାଁ ଜୁଆଙ୍ଗ ସାହିର ତୁରା ଜୁଆଙ୍ଗ ସୋମବାର ମଧ୍ୟାହ୍ନରେ ତାଙ୍କ ପତ୍ନୀ ସୁମିତାଙ୍କୁ ତାଙ୍କ ମୋବାଇଲ୍ ମାଗିଥିଲେ। ହେଲେ ସୁମିତା ନିଜ ମୋବାଇଲ୍ ତୁରାଙ୍କୁ ଦେଇନଥିଲେ। ଯେଉଁଥିପାଇଁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଅପରାହ୍ନରେ ତୁରା ଶୋଇଥିଲେ। ସେହି ସମୟରେ ସୁମିତା ଶାବଳରେ ତାଙ୍କୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ତା'ପରେ ଘର ଛାଡ଼ି ପଳାଇ ଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖି ଗାଁ ଲୋକେ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ଗାଁରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ବର୍ତ୍ତମାନ ସୁଦ୍ଧା ସୁମିତା ଫେରାର ଅଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି, ମୋବାଇଲ୍‌ରେ କ'ଣ ଥିଲା ? ସୁମିତା କାହିଁକି ନିଜ ମୋବାଇଲ ଦେଇନଥିଲେ ? ସେଥିରେ କିଛି ଗୁପ୍ତ ତଥ୍ୟ ଥିଲା କି ? ପୁଲିସ୍ ମାମଲା ରୁଜୁ କରି ଏମିତି ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।

## ପରିଚୟ ମିଳିଲାନି: ଶେଷରେ ସତ୍କାର କଲା ବିଏମ୍‌ସି



ଭୁବନେଶ୍ୱର, ୧୦/୧୦ (ନି.ପ୍ର): ୧୩୦ ଦିନ ବିତିଗଲା। ଅପରିଚିତ ହୋଇ ରହିଗଲେ ବାହାନଗା ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୮ଟି ମୃତଦେହ। କେହି ଦାବିଦାର କିମ୍ବା ସମ୍ପର୍କୀୟ ନଆସିବାରୁ ଶେଷରେ ଆଜିଠୁ ଆରମ୍ଭ ହୋଇଛି ଶବ ସତ୍କାର। ଭୁବନେଶ୍ୱର ଏମ୍‌ସ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ(ବିଏମସି)କୁ ସଂରକ୍ଷିତ ରଖାଯାଇଥିବା ମୃତଦେହ ଗୁଡ଼ିକୁ ହସ୍ତାନ୍ତର କରାଯାଇଛି। ଏହା ପରେ ବିଏମସି ଆଜିଠୁ ଆରମ୍ଭ କରିଛି ଶବ ସତ୍କାର ପ୍ରକ୍ରିୟା। ଭୁବନେଶ୍ୱର ଭରତପୁର ମଶାଣିରେ ଶବ ଗୁଡ଼ିକର ଅନ୍ତିମ ସତ୍କାର କରାଯାଉଛି। ଏହି କାର୍ଯ୍ୟ ପ୍ରାୟ ଦୁଇ ଦିନ ଧରି ଚାଲିବ ବୋଲି ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇଛନ୍ତି। ଜୁନ୍ ୨ ତାରିଖରେ ବାହାନଗା ଟ୍ରେନ ଟ୍ରାଜେଡି ପରେ ବିଭିନ୍ନ ପର୍ଯ୍ୟାୟରେ ଆସିଥିବା ୧୬୨ଟି ମୃତଦେହକୁ ଭୁବନେଶ୍ୱର ▶▶ପୃଷ୍ଠା ୭

## ଭାରତରେ ହମାସ ଭଳି ଆକ୍ରମଣର ଧମକ ଦେଲା ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁନ୍





ନୂଆଦିଲ୍ଲୀ,୧୦/୧୦ : ଇସ୍ରାଏଲ ଉପରେ ପାଲେଷ୍ଟାଇନ ଆତଙ୍କବାଦୀ ହମାସ ଯେଉଁଭଳି ଆକ୍ରମଣ କରିଛି, ଠିକ ସେଭଳି ଢଙ୍ଗରେ ଭାରତ ଉପରେ ମଧ୍ୟ ଆକ୍ରମଣ କରାଯିବ ବୋଲି ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂହ ପନ୍ନୁନ୍ ଧମକ ଦେଇଛି। ଏବେ ପନ୍ନୁନର ଭାଇରାଲ ହେଉଥିବା ଭିଡିଓରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଇସ୍ରାଏଲ-ପାଲେଷ୍ଟାଇନ ଯୁଦ୍ଧରୁ କିଛି ଶିଖିବା ପାଇଁ କହିଛି। ଏଥିସହ ସମାନ ପ୍ରତିକ୍ରିୟା ଭାରତରେ ମଧ୍ୟ ସୃଷ୍ଟି ହେଇପାରେ ବୋଲି ପନ୍ନୁନ ଧମକ ଦେଇଛି। ବ୍ୟାନ ହୋଇଥିବା ଶିଖ ଫର ଜଷ୍ଟିସ(ଏସ୍‌ଏଫଜେ)ର ମୁଖ୍ୟ ପନ୍ନୁନ୍ କହିଛି ଯେ "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲ-ପାଲେଷ୍ଟାଇନ ବିବାଦରୁ ଶିକ୍ଷା ଲାଭ କରିବା ଉଚିତ୍ । ପଞ୍ଜାବରୁ ପାଲେଷ୍ଟାଇନ ଯାଏ ବେଆଇନ ଦଖଲ ଅଧୀନରେ ଥିବା ଲୋକମାନେ ଏବେ ପ୍ରତିକ୍ରିୟା ପ୍ରକାଶ କରିବେ। ହିଂସା କେବଳ ଭୟଙ୍କର ହିଂସା ଦେଖାଯିବ। ଯଦି ଭାରତ ପୂର୍ବଭଳି ପଞ୍ଜାବକୁ ଦଖଲ କରି ରଖିବ, ▶▶ପୃଷ୍ଠା ୭

## ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଶୁଭାରମ୍ଭ



ଭୁବନେଶ୍ୱର , ୧୦/୧୦ (ନି.ପ୍ର): ନୂଆ ଓଡିଶା ସଶକ୍ତ ଓଡିଶା ଗଠନର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ଆରମ୍ଭ ହେଲା ରାଜ୍ୟ ସରକାରଙ୍କର ମହତ୍ୱକାଂକ୍ଷୀ ଯୋଜନା 'ଆମ ଓଡିଶା ନବୀନ ଓଡିଶା' । ଏହି କାର୍ଯ୍ୟକ୍ରମର ଫୋକସ୍ ହେବ ପ୍ରତି ପଞ୍ଚାୟତ, ପ୍ରତି ଗାଁ । ମଙ୍ଗଳବାର ଭୁବନେଶ୍ୱରରୁ ଆଭାସୀ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଦିନରେ କେନ୍ଦୁଝର ଓ ଭଦ୍ରକ ଜିଲ୍ଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ସାରା ରାଜ୍ୟରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ପାଇଁ ୩୩୯୭ କୋଟି ଟଙ୍କା ଖର୍ଚ୍ଚ ହେବ । ସାମିଲ ହେବେ ରାଜ୍ୟର ୬୭୯୪ଟି ପଞ୍ଚାୟତ । ସାରା ରାଜ୍ୟରେ କାର୍ଯ୍ୟକାରୀ ହେବ ୯୦୭୨୩ଟି ପ୍ରକଳ୍ପ । ପ୍ରତି ଗାଁ ପାଇବେ ୧୦ ଲକ୍ଷ ଟଙ୍କା । ଏହି କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତି, ଓଡିଶାର ସଂସ୍କୃତିର ମୂଳଭିତ୍ତିକୁ ସୁଦୃଢ କରାଯିବା ସହିତ ଡିଜିଟାଲ ଭିତ୍ତିଭୂମିର ବିକାଶ କରାଯିବ। ଏକ ଆକାଂକ୍ଷୀ ଓଡିଶା ଗଠନ ପାଇଁ ଏହା ହେବ ମୂଳଭିତ୍ତି । ଆମର ସୁଦୃଢ ସାଂସ୍କୃତିକ ଭିତ୍ତିଭୂମିରୁ ଆଧୁନିକ ବୈଷୟିକ ଜ୍ଞାନର ବିସ୍ତୃତ ଦିଗ୍‌ବଳୟକୁ ଛୁଇଁବା ନିମନ୍ତେ ନୂଆ ଓଡିଶା ତାର ଡେଣାକୁ ପ୍ରସାରିତ କରିବ ଏବଂ ଗଢିବ ଆମ ଓଡିଶା ନବୀନ ଓଡିଶା । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶା ହେଉଛି ଜଗନ୍ନାଥଙ୍କ ଭୂମି । ବିଶ୍ୱ ପ୍ରେମ, ଶାନ୍ତି, ସଦ୍‌ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା । ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି । ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ▶▶ପୃଷ୍ଠା ୭

## ଜଗା ଦର୍ଶନ ପାଇଁ ଗଲା ବେଳେ କ'ଣ ପିନ୍ଧିବେ ?




ପୁରୀ, ୧୦/୧୦ (ନି.ପ୍ର): ବସ୍ତ୍ରରେ ଶାଳୀନତା ନଥିଲେ ଭକ୍ତଙ୍କୁ ଶ୍ରୀମନ୍ଦିର ମନା। ପୋଷାକ ମାର୍ଜିତ ନଥିଲେ କରି ପାରିବେନି ଜଗାଦର୍ଶନ। ଆଗରୁ ଚଳୁଥିଲା, ହେଲେ ନୂଆବର୍ଷରୁ ଆଉ ବିଲକୁଲ୍ ଚଳିବନାହିଁ। ସୋମବାର ବସିଥିବା ନୀତି ସବ୍‌କମିଟି ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଂଜନ ଦାଶ ଏହି ସୂଚନା ଦେଇଥିଲେ। ଏହା ପରେ ଭକ୍ତ ମହଲରେ ନାନା ଚର୍ଚ୍ଚା ଓ ଆଲୋଚନା ଚାଲିଛି। ତେବେ ଏଠି ପ୍ରଶ୍ନ ଉଠୁଛି, ଶ୍ରୀମନ୍ଦିରକୁ ଗଲେ ପିନ୍ଧିବେ କ'ଣ ? ପୁରୁଷ କ'ଣ ପିନ୍ଧିବେ ? ମହିଳାଙ୍କ ପରିଧାନ କିଭଳି ରହିବ ? ଛୋଟ ପିଲା କିଭଳି ପୋଷାକ ପିନ୍ଧିବେ ? ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ଡ୍ରେସ୍ କୋଡ୍ ସଂପର୍କରେ କୁହାଯାଇ ନଥିଲା ବେଳେ ଦଇତାପତି ନିଯୋଗର ସଂପାଦକ କହିଛନ୍ତି ମହିଳାମାନେ ଶାଢି ଓ ସାଲୱାର ପଞ୍ଜାବୀ ଏବଂ ପୁରୁଷମାନେ ପ୍ୟାଣ୍ଟ ସାର୍ଟ ଓ କୁର୍ତ୍ତା-ପଞ୍ଜାବୀ ପିନ୍ଧିପାରିବେ। ୧୨ ବର୍ଷରୁ କମ୍ ପିଲାମାନେ ହ୍ୟାଫ୍ ପ୍ୟାଣ୍ଟ ପିନ୍ଧି ପାରିବେ। କିନ୍ତୁ ପ୍ରାପ୍ତ ବୟସ୍କଙ୍କ ପାଇଁ ଚିରା ଫଟା ପୋଷାକ, ହାଫ୍ ପ୍ୟାଣ୍ଟ କିମ୍ବା ସ୍ଲିଭଲେସ୍ ଭଳି ଶରୀରକୁ ପୂର୍ଣ୍ଣ ▶▶ପୃଷ୍ଠା ୭

## ପୁଣି ଇଡି ସ୍କାନରରେ ଆପ୍: ବିଧାୟକଙ୍କ ଘରେ ହେଲା ଚଢ଼ାଉ

ନୂଆଦିଲ୍ଲୀ,୧୦/୧୦ : ପୁଣି ଥରେ ଇଡି ରାଡାରକୁ ଚାଲି ଆସିଛି ଆପ୍। ଆପ୍‌ର ସଞ୍ଜୟ ସିଂଙ୍କୁ ଗିରଫ କରିବା ପରେ ପୁଣି ଜଣେ ବିଧାୟକଙ୍କ ଉପରେ ଝୁଲୁଛି ଇଡି ଖଣ୍ଡା। ଏହି ବିଧାୟକଜଣକ ହେଉଛନ୍ତି ଆପ୍ ବିଧାୟକ ଅମନତୁଲ୍ଲା ଖାନ । ଇଡି ପକ୍ଷରୁ ତାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଦିଲ୍ଲୀ ୱକଫ୍ ବୋର୍ଡ ଅଧ୍ୟକ୍ଷ ଥିବା ବେଳେ ଅମନତୁଲ୍ଲା ବହୁ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏନେଇ ତାଙ୍କ ନାମରେ ପୂର୍ବରୁ ମାମଲା ରୁଜୁ ହୋଇଥିବା ବେଳେ ଇଡି ଏବେ ମନି ଲଣ୍ଡରିଂ ଯାଞ୍ଚ ଆରମ୍ଭ କରିଛି। ଅମନତୁଲ୍ଲାଙ୍କ ନାମରେ ଅଭିଯୋଗ ହୋଇଛି ଯେ, ସେ ଦିଲ୍ଲୀ ୱକଫ୍ ▶▶ପୃଷ୍ଠା ୭

## ଅସ୍ତବ୍ୟସ୍ତ କରିଦେବ ତାତି: ପ୍ରଭାବିତ ହେବେ ୨୨୦ କୋଟି ଲୋକ, ବଢ଼ିବ ହାର୍ଟ ଆଟାକ୍ !



ନୂଆଦିଲ୍ଲୀ,୧୦/୧୦ : ତାପମାତ୍ରା ବୃଦ୍ଧି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଲାଣି। ଚଳିତ ବର୍ଷ ଅଗଷ୍ଟରେ ସର୍ବାଧିକ ଉତ୍ତାପ ଅନୁଭବ ଆଉ ଅକ୍ଟୋବରରେ ଯେଉଁପରି ଭାବେ ଗରମ ହେଉଛି ତାହା ଜଳବାୟୁ ପରିବର୍ତ୍ତନର ଏକ ବିପଦଜନକ ସଙ୍କେତ ନିଶ୍ଚୟ। ଏସବୁ ମଧ୍ୟରେ ବୈଜ୍ଞାନିକମାନେ ତାପମାତ୍ରା ବୃଦ୍ଧିକୁ ନେଇ ଗୋଟିଏ ଚିନ୍ତାଜନକ ରିପୋର୍ଟ ପ୍ରକାଶ କରିଛନ୍ତି। ରିପୋର୍ଟ ଅନୁସାରେ, ଆଗକୁ ଯଦି ବିଶ୍ୱ ତାପମାତ୍ରା ପୂର୍ବ-ଶିଳ୍ପ ସ୍ତର ଅପେକ୍ଷା ଆଉ ୨ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଏ, ତେବେ ଉତ୍ତର ଭାରତ ଓ ପୂର୍ବ ପାକିସ୍ତାନର ସିନ୍ଧୁ ନଦୀ ଉପତ୍ୟକାରେ ରହୁଥିବା ପ୍ରାୟ ୨୨୦ କୋଟି ଲୋକ ଉତ୍ତାପ ବୃଦ୍ଧିଜନିତ ଗଭୀର ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏହି ତାପମାତ୍ରା ବୃଦ୍ଧି ମାନବ ସହନଶୀଳତାଠାରୁ ଖୁବ୍ ଅଧିକ ହେବ, ଯାହା ଫଳରେ ଲୋକଙ୍କଠାରେ ହାର୍ଟଷ୍ଟ୍ରୋକ୍ ଓ ହାର୍ଟ ଆଟାକ୍ ଭଳି ଗମ୍ଭୀର ରୋଗ ବିପଦ ଦେଖାଯାଇପାରେ। ପ୍ରୋସିଡିଙ୍ଗସ୍ ଅଫ୍ ନ୍ୟାସନାଲ୍ ଏକାଡେମୀ ଅଫ୍ ସାଇନ୍ସ (ପିଏନ୍‌ଏସ୍) ପତ୍ରିକାରେ ଏହି ଗବେଷଣାର ରେଜଲ୍ଟ ପ୍ରକାଶ ପାଇଛି। ଗବେଷଣାରେ ରିପୋର୍ଟରେ କୁହାଯାଇଛି ଯେ ତାପମାତ୍ରାର ଏପରି ପରିବର୍ତ୍ତନ ଘଟିଲେ ଉତ୍ତର ଭାରତ, ପୂର୍ବ ପାକିସ୍ତାନ, ପୂର୍ବ ଚାଇନା ଓ କିଛି ସାହାରା ଆଫ୍ରିକାର ଦେଶରେ ଅତ୍ୟଧିକ ତାପମାତ୍ରା ସହ ଆଦ୍ରତା (ଶୁଷ୍କ) ଅନୁଭୂତ ହେବ। ▶▶ପୃଷ୍ଠା ୭

## ଜନମତ ସର୍ବେକ୍ଷଣ

### ଛତିଶଗଡ଼ ଓ ମଧ୍ୟପ୍ରଦେଶରେ କଂଗ୍ରେସ, ରାଜସ୍ଥାନରେ ବିଜେପି କରିବ କ୍ଲିନ୍ ସ୍ୱିପ୍




ନୂଆଦିଲ୍ଲୀ,୧୦/୧୦ : ଦେଶରେ ୫ ବିଧାନସଭା ନିର୍ବାଚନ ପାଇଁ ବାଜି ସାରିଛି ବିଗୁଲ୍। ନଭେମ୍ବର ୭ରୁ ଆରମ୍ଭ ହେବ ମତଦାନ। ଆଗକୁ ୨୦୨୪ ଲୋକସଭା ନିର୍ବାଚନ ଥିବାରୁ ଏହି ୫ ଗଡ଼ରେ କେଉଁ ଦଳ କେତେ ନଂ ରଖୁଛି ତାହା ଏବେ ଫୋକସରେ। ଆଉ ଏହାରି ମଧ୍ୟରେ ପ୍ରକାଶ ପାଇଲାଣି ଓପିନିଅନ୍ ପୋଲ୍ ବା ମତାମତ ସର୍ଭେ। ଇଇଟ-ଉଠକ୍ଟସରଵ୍ୱ ଓପିନିଅନ୍ ପୋଲ୍ ଅନୁସାରେ ଏଥର ଭଲ ସ୍କୋର୍ କରିବାକୁ ଯାଉଛି କଂଗ୍ରେସ। ନିଜ ଗଡ଼ ବଜାୟ ରଖିବା ସହ ଅନ୍ୟ ଆସନରେ ବି ଭଲ ପ୍ରଦର୍ଶନ କରିବ ବୋଲି ଆକଳନ କରାଯାଇଛି। ଜନମତ ସର୍ବେକ୍ଷଣ ରିପୋର୍ଟ ଅନୁସାରେ କଂଗ୍ରେସ ବିଧାନସଭା ନିର୍ବାଚନରେ ବିଜେପି ଶାସନାଧୀନ ମଧ୍ୟ ପ୍ରଦେଶ ଗଡ଼ ଅକ୍ତିଆର କରିପାରେ। ସେହିପରି ଛତିଶଗଡ଼ରେ ବିଜୟୀ ହେବା ସହ ତେଲେଙ୍ଗାନାରେ ଆଗରେ ରହିପାରେ। କିନ୍ତୁ କଂଗ୍ରେସ ସରକାର ଥିବା ରାଜସ୍ଥାନ ଗଡ଼ ହାତରୁ ଖସିଯିବାର ସମ୍ଭାବନା ଅଧିକ। ବିଜେପି ରାଜସ୍ଥାନରେ କ୍ଲିନ୍ ସ୍ୱିପ୍ କରିନେବ ବୋଲି ଏବିପି-ସିଭୋଟର୍ ଆକଳନ କରିଛି। ମତାମତ ସର୍ଭେ ଅନୁଯାୟୀ, କଂଗ୍ରେସ ଏହି ଜାତୀୟ ସ୍ତରର ସେମିଫାଇନାଲ୍ ଯୁଦ୍ଧରେ ବିଜେପିକୁ ମଧ୍ୟପ୍ରଦେଶରୁ ଗାଦିଚ୍ୟୁତ କରିବ। ୨୩୦ ଆସନ ବିଶିଷ୍ଟ ଏହି ବିଧାନସଭା ଆସନରେ କଂଗ୍ରେସ ପାଇବ ୧୧୯ ସିଟ୍। ୨୦୧୮ରେ ଦଳ ଏଠାରେ ପାଇଥିଲା ୧୧୪ ଆସନ। ଆସନ୍ତା ନିର୍ବାଚନରେ କଂଗ୍ରେସ ଏଠାରୁ ଆଉ ପାଞ୍ଚ ସିଟ୍ ପାଇ ନିଜ ଅଧୀନକୁ ନେଇଯିବ। ବିଜେପିକୁ ଏଥର ୧୧୦ ଆସନ ମିଳିବ ବୋଲି ଓପିନିଅନ୍ ପୋଲ୍ ମତାମତ ପ୍ରକାଶ କରିଛି। ସେପଟେ, ଆଗାମୀ ବିଧାନସଭା ନିର୍ବାଚନରେ ଭୂପେଶ ବାଗେଲଙ୍କ ନେତୃତ୍ୱାଧୀନ କଂଗ୍ରେସ ଛତିଶଗଡ଼ରେ କ୍ଷମତା ବଜାୟ ରଖିବାକୁ ଯାଉଛି। ▶▶ପୃଷ୍ଠା ୭

## ଗଛ ମୂଳରୁ ୫ ବୋମା ଠାବ

ମାଲକାନଗିରି , ୧୦/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡ଼ିଆ ବ୍ଲକ ମାଟେରୁ ପଞ୍ଚାୟତ ଅନ୍ତର୍ଗତ କମାରଗୁଡ଼ା ଗ୍ରାମ ଜଙ୍ଗଲରେ ଏକ ଗଛ ମୂଳରୁ ୫ଟି ଜିଲେଟିନ ବୋମା ଠାବ କରି ସେଗୁଡ଼ିକୁ ନିଷ୍କ୍ରିୟ କରିଛି ବିଏସ୍‌ଏଫ। ପଡ଼ିଆ ସ୍ଥିତ ୧୪୨ ବାଟାଲିଅନ୍ ବିଏସ୍‌ଏଫ୍ ଯବାନମାନେ ଦୁର୍ଗମ ମାଟେରୁ ପଞ୍ଚାୟତର ପର୍ସନପଲ୍ଲୀ ଲିଙ୍କ୍ ରୋଡ୍ ଠାରୁ ଅଢ଼େଇ କିମି ଦୂରରେ ଥିବା କମାରଗୁଡ଼ା ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଗଛ ମୂଳରେ ୫ଟି ବୋମା ଥିବା ଜାଣିବାକୁ ପାଇଥିଲେ। ମେଟାଲ ଡିଟେକ୍ଟର ସାହାଯ୍ୟରେ ସେମାନେ ବୋମା ଗୁଡ଼ିକୁ ଠାବ କରିଥିଲେ। ଗଛ ମୂଳରେ ମାଟିରେ ପୋତି ଏହି ୫ଟି ବୋମାକୁ ରଖାଯାଇଥିଲା। ବୋମାଗୁଡ଼ିକୁ ସତର୍କତାର ସହିତ ବାହାର କରିବା ପରେ ବୋମା ନିଷ୍କ୍ରିୟକାରୀ ଟିମ୍‌କୁ ଖବର ଦିଆଯାଇଥିଲା। ବୋମା ନିଷ୍କ୍ରିୟକାରୀ ଟିମ୍ ଆସିବା ପରେ ବୋମାଗୁଡ଼ିକୁ ନିଷ୍କ୍ରିୟ କରାଯାଇଥିଲା।

# କୁଇ ଓ ଦେଶିଆ ଭାଷା ଉପରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଜୟପୁର, ୧୦/୧୦ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ କୁଓ୍ୱି ଓ ଦେଶିଆ ଭାଷା ଉପରେ ତିନିଦିନିଆ ପରିବର୍ତନଶୀଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ ଘାଟିତ କୋରାପୁଟ ଜିଲ୍ଲାରେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସଶକ୍ତ କରିବା ଏବଂ କୁଓ୍ୱି ଓ ଦେଶିଆ ଭାଷାଭାଷୀ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଅଭିଜ୍ଞତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟ ଓ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍ ଆଇଇ), ଏନସିଇଆରଟି ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ କୁଇ ଓ ଦେଶିଆ ଭାଷାର ମୌଳିକତା ଉପରେ ତିନି ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ ଘାଟିତ ହୋଇଯାଇଛି । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇଛି ଓ ଏହା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପ୍ରଶିକ୍ଷଣ କାର ?ୟକ୍ରମର ଲକ୍ଷ୍ୟ ହେଉଛି ୬୦ ଜଣ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କୁ କୁଓ୍ୱି ଓ ଦେଶିଆ ଭାଷାରେ ଶିକ୍ଷାଦାନ କରିବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ଦକ୍ଷତା ପ୍ରଦାନ କରିବା, ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର ଲକ୍ଷ୍ୟ ସହିତ ସମନ୍ୱିତ କରିବା, ଯାହା ପ୍ରାଥମିକ ଶିକ୍ଷାରେ ସ୍ଥାନୀୟ ଭାଷାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରେ । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଶୁଭେଚ୍ଛା ଜଣାଇବା ସହ ଏନଇପି ୨୦୨୦ରେ ଦର୍ଶାଯାଇଥିବା ମାତୃଭାଷାର ପ୍ରଚାର, ପ୍ରସାର ଓ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍.ସି.ଇ.ଆର.ଟି. ଭୁବନେଶ୍ୱରର ଆର.ଆଇ.ଇ.ର ଅଧକ୍ଷ ପ୍ରଫେସର ପି ସି ଅଗ୍ରୱାଲ, କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାଷା ବିଦ୍ୟାଳୟର ଡିନ୍ ତଥା ରେଜିଷ୍ଟ୍ରାର ଆଇ/ସି ପ୍ରଫେସର ଏନ୍ ସି ପଣ୍ଡାଙ୍କ ସମେତ ୧୦ଜଣ ଭାଷା ବିଶେଷଜ୍ଞ (ଇଆରପି) ଉପସ୍ଥିତ ଥିଲେ। ପ୍ରଫେସର ପି ସି ଅଗ୍ରୱାଲ ଶିକ୍ଷାର ପରିବର୍ତିତ ଦୃଷ୍ଟିକୋଣ ଏବଂ ସମାଜ ଗଠନରେ ଯୁବଗୋଷ୍ଠୀଙ୍କ ଭୂମିକା ଉପରେ ଆଲୋକପାତ କରିବା ସହ ନିରନ୍ତର ଜାତୀୟ ବିକାଶ ପାଇଁ ଶିକ୍ଷାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସଂସ୍କୃତି ଓ ଭାଷା ଏକାସାଙ୍ଗରେ ଚାଲିଥାଏ ଏବଂ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷା ଦେବା ଦ୍ୱାରା ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ପ୍ରୋତ୍ସାହନ ସହିତ ଶିକ୍ଷାର ମାନ ବୃଦ୍ଧି ହୋଇପାରିବ ବୋଲି ସେ ଉଲ୍ଲେଖ କରିଥିଲେ। ପ୍ରଫେସର ଅଗ୍ରୱାଲ ମାନ୍ୟବର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏ ଦିଗରେ ଗୁରୁତ୍ୱପୂର୍ଣ ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରଫେସର ଦୀନେଶ ପ୍ରସାଦ ସାକଲାନି, ଏନ.ସି.ଇ.ଆର.ଟି. ନିର୍ଦ୍ଦେଶକ ପ୍ରଫେସର ବିକେ ପଣ୍ଡା, ଡ. ମହେନ୍ଦ୍ର କୁମାର ମିଶ୍ରଙ୍କ ସମେତ ପ୍ରମୁଖଙ୍କ ଯୋଗଦାନକୁ ମଧ ସେ ପ୍ରଶଂସା କରିଥିଲେ । ପ୍ରଫେସର ଏନ୍ ସି ପଣ୍ଡା ପିଲାମାନଙ୍କ ପାଇଁ ସୂଚନାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବରେ ମାତୃଭାଷାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ଶିକ୍ଷାକ୍ଷେତ୍ରରେ ଏନଇପି ୨୦୨୦ର ପରିବର୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରିଥିଲେ । ମାତୃଭାଷା ମାଧମରେ ଶିକ୍ଷାକ୍ଷେତ୍ରରେ ଭାରତୀୟ ଜ୍ଞାନ ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ମଧ ସେ ଆଲୋକପାତ କରିଥିଲେ। ଏନସିଇଆରଟି ଭୁବନେଶ୍ୱରର ଆର.ଆଇ.ଇ.ର ଆସୋସିଏଟ୍ ପ୍ରଫେସର ଡ. ରଶ୍ମିରେଖା ସେଠୀ ସ୍ୱାଗତ ଭାଷଣ ଦେବା ସହ ପ୍ରଶିକ୍ଷଣ କର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର ତଥା କାର୍ଯ୍ୟକ୍ରମର ବିଶ୍ୱବିଦ୍ୟାଳୟ ସଂଯୋଜକ ଡ. କପିଳା ଖେମୁଣ୍ଡୁ ଧନ୍ୟବାଦ ଅର୍ପଣ କରି ଏନଇପି ୨୦୨୦ ପରିପ୍ରେକ୍ଷୀରେ ସଂସ୍କୃତି, ପରମ୍ପରା ଓ ରୀତିନୀତିର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କ ସମେତ କୋରାପୁଟର ବିଭିନ୍ନ ବ୍ଲକର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ପ୍ରଦୀପ କମାନ୍ତ; କୋରାପୁଟ ନବୋଦୟ ବିଦ୍ୟାଳୟ ସମିତି ର ଅଧକ୍ଷା ମିଲାନୀ ମିତ୍ରା; କୋରାପୁଟ ସରକାରୀ ମହାବିଦ୍ୟାଳୟ ର ଡାକ୍ତର ପୂର୍ଣ୍ଣଚନ୍ଦ୍ର ତନ୍ତୀ ଓ କେନ୍ଦ୍ରୀୟ ବିଦ୍ୟାଳୟ କୋରାପୁଟର ଶିକ୍ଷକ ତରୁଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭାଷାଗତ ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ ଏହି ଅଂଚଳର କୁଓ୍ୱି ଓ ଦେଶିଆ ଭାଷାଭାଷୀ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଗତ ଅଭିଜ୍ଞତାକୁ ସମୃଦ୍ଧ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପ୍ରତିନିଧିତ୍ୱ କରିଥିବା ଡ. ଫଗୁନାଥ ଭୋଇ, ଜନସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି ।

# ଜିଲ୍ଲା ଦଳିତ ସମାଜର ନୂଆଖାଇ ଭେଟଘାଟ

ବଲାଙ୍ଗୀର, ୧୦/୧୦ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଦଳିତ ସମାଜ ତରଫରୁ ନୂଆଖାଇ ଭେଟଘାଟ ୨୦୨୩ ସ୍ଥାନୀୟ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ଅର୍ଜୁନ ମୁଗ୍ରୀଙ୍କ ସଭାପତିତ୍ୱରେ ତଥା ଶମ୍ଭୁ ନାଗଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଲପଡା ବ୍ଲକ ଅଧକ୍ଷା ଟିନା କୁମ୍ଭାର ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଅବସରପ୍ରାପ୍ତ ସହକାରୀ ଜିଲ୍ଲାପାଳ ବିଜ୍ଞାନ କୁମ୍ଭାର, ମୁଖ୍ୟବକ୍ତା ଭାବେ ରମେଶ ଚନ୍ଦ୍ର ମହାନନ୍ଦ, ଡମ୍ବରୁ ଛତ୍ରିଆ, ରୁପାଲି ମହାନନ୍ଦ, ଦିଗ୍‌ଦର୍ଶନ ନନ୍ଦ, ରଞ୍ଜୁ ରାଏମନ, ସଂଜୟ କୁମାର ଦିପ, କିଶୋର କୁମ୍ଭାର, ବାସୁଦେବ ମୁଗ୍ରୀ, ରଘୁନାଥ ମୁଗ୍ରୀ, କୁନା ବାଗ, ନେପାଲ ଚନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ନୂଆଖାଇ ଭାଇଚାରର ପର୍ବ ଏବଂ ଦଳିତମାନଙ୍କର ନୂଆଖାଇ ଏକ ନିଆରା ପରଂପରା ବୋଲି ଅତିଥିମାନେ ମତବ୍ୟକ୍ତି କରିଥିଲେ। ଏହି ଅବସରରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ତଥା ସଂଗୀତ ନିର୍ଦ୍ଦେଶକ ଜିତେନ୍ଦ୍ର କୁମ୍ଭାରଙ୍କ ସ୍ମୃତିରେ ବ୍ୟାସଦେବ ପୁରୋହିତ ଓ ଦିଲିପ କୁମାର ଦୀପଙ୍କୁ ଜିତେନ୍ଦ୍ର କୁମ୍ଭାର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ତା ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଫରିକାର ହିଆଲ, ନେପାଲ ଚନ୍ଦ୍ର ବାଗ, ବାଲିଚରଣ ବାରିକ, ଅଜୟ ନାଗ, ମଦନ ବିଭାର, ସୁରେଶ ନିହାଲ, ଶ୍ରଦ୍ଧାରାଣୀ କୁମ୍ଭାର, ରାହୁଲଦେବ କାଲସାଏ, ସରୋଜ ମେଶ୍ରା, ଡା. ବିଦ୍ୟା ଆକାଶ ବାଗ, ସାଇ ସଂକଳ୍ପ ବାରିକ, ଆଶିଷ ସାଗର, ସାହିଲ କୁମାର ବାଗ, ବାସୁଦେବ ମୁଗ୍ରୀ ଓ କୁନା ବାଗ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ପର୍ବ ତରଣୀସେନ ଦୀପ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର କୋଷାଧକ୍ଷ ଜ୍ୟୋତିଷ ମୁଗ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର କଣ୍ଠଶିଳ୍ପୀ ପଦ୍ମିନୀ ଦୋରା, ଶତ୍ରୁଘନ ଲୁହା, ଟିଙ୍କୁ ଓ ବିଶି ଙ୍କ ସମେତ ଅନେକ କଳାକାର ସଂଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସାଗର ଓ ଦିଲିପ ଦିପ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସୂର୍ଯ୍ୟମଣି ସୁନା, ଦ୍ରୋଣ କୁମ୍ଭାର, ଲଳିତା ଦିପ, ସୁନିଲ ମୁଗ୍ରୀ, ବିଜୟ ବାରିକ, ରଶ୍ମିକାନ୍ତ ବାଗ, କାର୍ତିକେଶ୍ୱର ନାଗ, ପବିତ୍ର ନାଗ ଓ ବାବୁଲାଲ ଛତର ପ୍ରମୁଖ ସହଯୋଗ କରିଥିଲେ।

# ଆଇନ ସାକ୍ଷରତା ସଚେତନତା ଶିବିର

ଜୟପୁର, ୧୦/୧୦ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ଆନୁକୂଲ୍ୟରେ ଆଜି ସରକାରୀ ଉଚ୍ଚବିଦ୍ୟାଳୟ ଏକାମ୍ବା ଠାରେ ସୁମନ ଜେନା ସଚିବ ତଥା ବିଚାରପତି ଜିଲ୍ଲ ଆଇନ ସେବା ପ୍ରାଧିକରଣ ଙ୍କ ଉପସ୍ଥିତିରେ ଆଇନ ସାକ୍ଷାରତା ଶିବିର ଅନୁଷ୍ଠିତ ହୋଇଥିଲା. ଏହାର ମୁଖ୍ୟ ଉଦ୍ଦେଶ୍ୟ ଉପରେ, ଆଇନ ସେବା ଅନୁଷ୍ଠାନ ଗୁଡ଼ିକ ସହିତ ଘଇଖଟଇ ଲୋକଙ୍କୁ ସେମାନଙ୍କର ଅଧିକାର ତଥା ଆଇନ ସେବା ଆଇନ ସେବା ଅନୁଷ୍ଠାନଗୁଡ଼ିକର ଭୂମିକା, କାର୍ଯ୍ୟକଳାପ ଏବଂ କାର୍ଯ୍ୟ କାରିତା ବିଷୟରେ ଅବଗତ କରାଇବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟ କରିଥାଏ. ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ ସେମିନାର୍ ବକ୍ତୃତା, ପରି ବିଭିନ୍ନ ଉପକରଣ ବ୍ୟବହାର କରାଯାଏ. ପାମ୍ଫଲେଟ୍ ବଂଟନ, ମାଧ୍ୟମରେ ସଚେତନତା ବିସ୍ତାର ପାଇଁ ଭାସମାନ କ୍ଷୁଦ୍ର ନାଟକ ଆଇନଗତ ପ୍ରସଙ୍ଗରେ ସ୍କୁଲ୍ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆଇନଗତ ପ୍ରସଙ୍ଗରେ ପ୍ରବନ୍ଧ ଲେଖା, ଚିତ୍ର, ବିତର୍କ ଏବଂ ଘୋଷଣା ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତା. ତା ସହିତ ଗାଁ ଗାଁ କୁ ଯାଇ ସଚେତନତା ଉପରେ ବାର୍ତା ଦେବା, ଇତ୍ୟାଦି. ଲିଗାଲ୍ ଏଡ୍ ଅର୍ଥ ହେଉଛି ଯେଉଁ ମାନେ ଆଇନ ସେବା ପାଇଁ ଫି ଦେବାକୁ ଅସମର୍ଥ ସେମାନଙ୍କୁ ଆଇନ ପ୍ରଦାନ, ଆଇନ ସହାୟତା ଅର୍ଥ କେବଳ କୋର୍ଟ ମାମଲାରେ ଆଇନର ପ୍ରତିନିଧିତ୍ୱ ନୁହେଁ ବରଂ ଆଇନଗତ ପରାମର୍ଶ, ଆପୋଷ ବୁଝାମଣା, ସେମାନଙ୍କ ଅଧିକାର କର୍ତବ୍ୟ ବିଷୟରେ ଆଇନଗତ ସଚେତନତା ଜାଗ୍ରତ କରିବା ମଧ ଅନ୍ତର୍ଭୁକ୍ତ କରେ. ଉପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କୁ ସାଇବର ଠକେଇର ଶିକାର ହେବା,୧୮ ବର୍ଷରୁ କମ୍ ବୟସରେ ବିବାହ କରିବା ଅତିମାତ୍ରାରେ ମୋବାଇଲ ବ୍ୟବହାର କରିବା,ଅଜଣା ଲୋକମାନଙ୍କ ସହିତ ମିଶିବା, କାର୍ଯ୍ୟରୁ ନିଜକୁ ଦୂରରେ ରହିବା ଏବଂ ଶିଖ୍ୟା ଉପରେ ନିଜକୁ ଜଡିବା କୁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଶ୍ରୀ ସୁମନ ଜେନା ସଚିବ ତଥା ବିଚାରପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ତା ସହିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିଖ୍ୟୟତ୍ରୀ ଶ୍ରୀମତି ଜୟନ୍ତି ମିଶ୍ର ଏବଂ ସହ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।

# ପୁଇନ୍ତଲା ବ୍ଲକ ମୁଖ୍ୟାଳୟରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଜନ-ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ବଲାଙ୍ଗୀର, ୧୦/୧୦ (ନି.ପ୍ର): ଅକ୍ଟୋବର ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁସାରେ ଆଜି ପୁଇନ୍ତଲା ବ୍ଲକ ମୁଖ୍ୟାଳୟରେ ଜିଲ୍ଲାପ୍ରଶାସନର ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଂଚଳ ରାଣା, ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓଙ୍କୁ ସମୁଦାୟ ୩୬ ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା। ତନ୍ମଧ୍ୟରୁ ୨୯ଟି ବ୍ୟକ୍ତିଗତ ଅଭିଯୋଗ ଓ ଅବଶିଷ୍ଟ ୭ଟି ସାମୁହିକ ଦରଖାସ୍ତ ଥିଲା। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଜନସାଧାରଣଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟାଗୁଡିକର ଶୁଣାଣୀ କରିଥିଲେ। ୮ଟି ମାମଲାର ଶୁଣାଣୀର ସମାଧାନ ତୁରନ୍ତ ସେହି ଠାରେ ହେଇଛି ଏବଂ ବାକି ଥିବା ମାମଲାଗୁଡିକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ଶୀଘ୍ର ଶୁଣାଣୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଜଣଙ୍କୁ ୭୫ ହଜାର ଟଙ୍କା ସହାୟତା ମଞ୍ଜୁର କରାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଗିରିଧାରୀ ସାହୁଙ୍କୁ ଦଶ ହଜାର ଟଙ୍କା, ଡିଙ୍ଗରା ବାରିକଙ୍କୁ ୩୦ହଜାର, କଳ୍ପନା କଟୁଆଲଙ୍କୁ ୨୦ ହଜାର ଓ ବିଜୟ ଶତପଥୀଙ୍କୁ ୧୫ ହଜାର ଟଙ୍କାର ସହାୟତା ଦିଆଯାଇଛି। ଉକ୍ତ ଶିବିରରେ ଭିନ୍ନକ୍ଷମଙ୍କୁ ବିବାହ କରିଥିବାରୁ ଦୁଇ ଦମ୍ପତି ସ୍ୱାଗତିକ ଦାସ, ରଞ୍ଜନ ଦାସ ଏବଂ ରୋଶନ ସାହୁ, ବାସୁଦେବ ପଧାନଙ୍କୁ ଅଢେଇ ଲକ୍ଷ ଟଙ୍କା ଲେଖାଏଁ ବିବାହ ପ୍ରୋତ୍ସାହନ ରାଶି ସାମାଜିକ ସୁରକ୍ଷା ବିଭାଗ ତରଫରୁ ସହାୟତା ଦିଆଯାଇଥିଲା। ଏହି ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମାଲମୁଣ୍ଡାର ମା ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ମାଟି ନିର୍ମିତ ଦୀପ, ମୂର୍ତି , ବ୍ୟବହାର ଉପଯୋଗୀ ଜିନିଷ ପ୍ରଦର୍ଶିତ କରିବା ସହ ବିକ୍ରୟ ପାଇଁ ଷ୍ଟଲ ଖୋଲା ଯାଇଥିଲା। ସେହିପରି ମିଶନ ଶକ୍ତି, ମନରେଗା କାମ ଦ୍ୱାରା ଜନସାଧାରଣଙ୍କ ଉନ୍ନତି ତଥା ଆୟୁଷ୍ମାନ ଭବ ସଂକଳ୍ପ ସପ୍ତାହ ସ୍ୱାସ୍ଥ୍ୟ ମେଳା ଦ୍ୱାରା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରା ଯାଇଥିଲା। ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ପୁଇନ୍ତଲା ବ୍ଲକ ଅଧକ୍ଷ, ବଲାଙ୍ଗିର ଉପ ଜିଲ୍ଲାପାଳ ଶ୍ରୀ ତରଣୀ ସୁନା, ଡେପୁଟି କଲେକ୍ଟର(ସାଧାରଣ ଓ ବିବିଧ) କର୍ଣ୍ଣ ମଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ, ଜିଲ୍ଲା ସାମାଜିକ ନିରାପତା ଅଧିକାରୀ ପ୍ରସନ୍ନଜିତ ହୋତା, ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ସୁକାରାମ ମୁଣ୍ଡା ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବଲାଣିରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ

ବଲାଣି, ୧୦/୧୦ (ନି.ପ୍ର): ଜିଲାର ସୀମାନ୍ତ ତଥା ଖଣି ଅଞ୍ଚଳ ବଲାଣିରେ ଦୈନିକ ଖବର କାଗଜ ସମାଜର ପ୍ରତିଷ୍ଠାତା , ବିଶିଷ୍ଟ ସାହିତ୍ୟିକ, ସମାଜସେବୀ ଓ ପ୍ରମୁଖ ସ୍ୱତନ୍ତ୍ର ସଂଗ୍ରାମୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୬ତମ ଜନ୍ମ ଜୟନ୍ତୀ ବଲାଣି ଖଣି ଏକକ ଦ୍ୱାରା ପାଳିତ ହୋଇଯାଇଛି । ସ୍ଥାନୀୟ ଗୋପବନ୍ଧୁ ଛକ ନିକଟରେ ସ୍ଥାନୀୟ ଜନସାଧାରଣ ଏକତ୍ରିତ ହୋଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ସହ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଗୋପବନ୍ଧୁଙ୍କ ବଳିଷ୍ଠ ଜୀବନୀ ଓ ସମାଜ ସେବାରେ ସେ ଦୀନ, ଦୁଃଖୀ ଓ ବନ୍ୟା ମରୁଡିଗ୍ରସ୍ତ ଲୋକଙ୍କ ପାଇଁ ନିଜ ଜୀବନ କିପରି ଉତ୍ସର୍ଗ କରିଥିଲେ ସେ ନେଇ ସ୍ମୃତିଚାରଣ କରାଯାଇଥିଲା । କର୍ଯ୍ୟକ୍ରମ ରେ ବଲାଣି ଖଣିର କାର୍ମିକ ଓ ପ୍ରଶାସନିକ ବିଭାଗର ମହାପ୍ରବନ୍ଧକ ଭି.କେଭିନ ଘୋଷ, ବଲାଣି ଖଣି ଡାକ୍ତରଖାନା ର ମୁଖ୍ୟ ଡା.ଥାନେଶ୍ୱର ସୋରେନ , ବରିଷ୍ଠ ଅଧିକାରୀ ସଞ୍ଜୟ ଦେଓ, ତାପସ ରଞ୍ଜନ ସାହୁ, ଚନ୍ଦ୍ରମଣି ନାଏକ, ଉତ୍କଳ ଦିବସ ପାଳନ ସମିତିର ସମ୍ପାଦକ ରାଜେନ୍ଦ୍ର ଖଟୁଆ, ସାଂସ୍କୃତିକ ସମ୍ପାଦକ ଦିଲୀପ ନାଏକ, ସହ ସମ୍ପାଦକ ପ୍ରଶାନ୍ତ ଦାସ, ବରିଷ୍ଠ ଶିକ୍ଷକ ଜେ. ମହାନ୍ତ, କମଳ ଲୋଚନ ମହାନ୍ତି, କୁନ୍ଦନ ସିଂହ, ବିଜେପିର ଭଦ୍ରାସାହି ମଣ୍ଡଳ ସଭାପତି ସତ୍ୟବ୍ରତ ଜେନା, ସମ୍ପଦକ ବସନ୍ତ ଗିରି, ୱାର୍ଡ ମେମ୍ବର ବିଜେନ ମୁଣ୍ଡା, ସମାଜସେବୀ ପିନାକୀ ତ୍ରିପାଠୀ, ବ୍ୟବସାୟୀ ନିରଞ୍ଜନ ମଲ୍ଲିକ, ବଲାଣି ବିକାଶ ପରିଷଦର ସମ୍ପାଦକ ସିବାଶିଷ୍ ନନ୍ଦ, ପରିଷଦର ସଦସ୍ୟ ରୂପକ କୁମାର ଦାସ, ଅଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ମନ୍ଦିର ଜାଗା ଲିଜ୍ ପଟ୍ଟା ପାଇଁ ଆବେଦନ

ମାଲକାନଗିରି, ୧୦/୧୦ (ନି.ପ୍ର): ଆଜି ୱାର୍ଡ-୧୪ ର ଦୁଇଟି ମନ୍ଦିର ବଟେଶ୍ୱର ଶିବ ମନ୍ଦିର ପିଠ ଏବଂ କୌପନିଧାରି ଅଲେଖ ମହିମା ଧର୍ମ ପୀଠ ପାଇଁ ଫାଇଭ-ଟି ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ୍ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୱାର୍ଡ ର ଦୁଇଟି ମନ୍ଦିର ପାଇଁ ଯେଉଁ ଦରଖାସ୍ତ ଦିଆଯାଇଥିଲା, ଆଜି ତାହାର ଲିଜ୍ ପଟ୍ଟା ପାଇଁ ପୁଣି ଥରେ ୱାର୍ଡ-୧୪ ର ମନ୍ଦିର କମିଟି ସଦସ୍ୟ କାଉନସିଲର୍ ଶ୍ରୀମତି ପ୍ରଭାତି ନାୟକ, ବିଜେଡି ବରିଷ୍ଠ କର୍ମୀ ନବୀନା ନାୟକ, ପ୍ରଫୁଲ୍ଲ ନାୟକ, ଜଗା ଦାସ୍, ଜଂଟି କୁଣ୍ଡୁ ଏବଂ ତାଙ୍କ ସହ ବିଜେଡି ଯୁବ ସମ୍ପାଦକ ବସନ୍ତ ନାୟକ ଏବଂ ଏଥିରେ ପୌରାଚଂଳର ସମସ୍ତ ୱାର୍ଡ ମନ୍ଦିର କମିଟିର ସଦସ୍ୟ ମାନେ ବି ନିଜ ନିଜ ମନ୍ଦିର ପଟ୍ଟା ପାଇଁ ଆବେଦନ କରିଛନ୍ତି । ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଏବଂ ମାଲକାନଗିରି ତହସିଲଦାର୍ ସବୀର ସା ଙ୍କ ଉପସ୍ଥିତିରେ ଦରଖାସ୍ତ ଦେଇଥିଲେ। ଏଥିପାଇଁ ମାଲକାନଗିରି ପୌରାଚଂଳର ସମସ୍ତ ମନ୍ଦିର କମିଟି ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏବଂ ଜିଲ୍ଲା ପ୍ରଶାସନ କୃତଜ୍ଞତା ଜ୍ଞାପନ କରିଛନ୍ତି।

# କେନ୍ଦୁଝରରେ ଥମିବାର ନାମ ନେଉ ନାହିଁ ଗଜରାଜଙ୍କ ଆତଙ୍କରାଜ: ୨୭ଟିକିଆ ହାତୀପଲଙ୍କ ଉତ୍ପାତ ଜାରି

କେନ୍ଦୁଝର, ୧୦/୧୦ (ନି.ପ୍ର): କେନ୍ଦୁଝରରେ ଥମିବାର ନାମ ନେଉ ନାହିଁ ବଣୁଆ ହାତୀଙ୍କର ଆତଙ୍କରାଜ । ଶହ ଶହ ଏକର ଧାନ ଫସଲ ନଷ୍ଟ କରିବା ସହ ଲୋକଙ୍କୁ ଭୟ ଭୀତ କରି ରଖିଛନ୍ତି ଏହି ହାତୀ ପଲ । ଏବେ କେବଳ ଧାନ ବିଲ ଭିତରେ ସିମୀତ ରହିତିବା ଏହି ହାତୀ ପଲ କେଉଁ ମୁହୂର୍ତରେ ଯେ ଗ୍ରାମ ମୁହାଁ ହୋଇ ଉପଦ୍ରବ ଆରମ୍ଭ କରିଦେବେ ସେହି ଅଜଣା ଆତଙ୍କ ମଧ୍ୟରେ ରାତିରେ ଭଲଭାବେ ନିଦ୍ରା ଯାଇ ପାରୁ ନାହାଁନ୍ତି ଅଂଚଳବାସୀ । ଏଭଳି ଏକ ଅସ୍ୱଭାବିକ ପରିସ୍ଥିତି ସୃଷ୍ଟି ହୋଇଛି କେନ୍ଦୁଝର ଜିଲ୍ଲାର ପାଟଣା ରେଞ୍ଜ ଅଂଚଳରେ । କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜର ଖିରେଇଟାଙ୍ଗିରି ସେକ୍ସନ ଓ ତଣ୍ଡ ବିଟ୍ ଅଂଚଳ ରେ ୨୭ ଟିକିଆ ହାତୀ ପଲଙ୍କ ଆତଙ୍କରାଜ ଲାଗି ରହିଛି । ଗତକାଲି ବିଳମ୍ବିତ ରାତ୍ରୀରେ ସେହି ହାତୀ ଦଳ ମଧ୍ୟରୁ ୧୮ ଟିକିଆ ହାତୀପଲ ଖିରେଇଟାଙ୍ଗିରି ସେକ୍ସନ ଅଂଚଳର ସରାଶିଙ୍ଗା, ଦଶରଥୀପୁର , ପୁରନ୍ଦରପୁର ଅଂଚଳରେ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି । ଏବଂ ଧାନ ଫସଲ ନଷ୍ଟ କରି ସାରିବା ପରେ ହାତୀପଲ ଏବେ ବାଉଁଶୂଳୀ ଗାଁ ନିକଟ ଜଙ୍ଗଲରେ ଡେରା ପକାଇଛନ୍ତି । ଏହି ୧୮ ଟିକିଆ ହାତୀପଲ ଗତକାଲି ସଂଧାରେ ସରାସିଙ୍ଗା ଶିବ ମନ୍ଦିର ନିକଟରେ ଏକ ପୋଖରୀ ରେ ଜଳ କ୍ରିଡା କରିଥିଲେ । ହାତୀପଲଙ୍କର ଜଳ କ୍ରୀଡା ର ମନୋରମ ଦୃଶ୍ୟ ଲୋକଙ୍କୁ ଯେତିକି ଆନନ୍ଦ ଦେଇଥିଲା ମନରେ ମଧ ଅନୁରୂପ ଭୟ ସଂଚାର କରିଥିଲା । ହାତପଲଙ୍କ ଜଳକ୍ରୀଡା ଦେଖିବାକୁ ଲୋକଙ୍କର ପ୍ରବଳ ଭିଡ ଜମିଥିଲା । ସେ ପଟେ ବାକି ୯ ଟି ହାତୀ ଏକ ଦଳ ହୋଇ ତଣ୍ଡ ବିଟ୍ ଅଂଚଳରେ ବ୍ୟାପକ ଅଂଚଳରେ ଧାନ ଚାଷ ନଷ୍ଟ କରିବା ପରେ ଏବେ ବଣମହୁଲିଡିହା ଗାଁ ନିକଟସ୍ଥ ଅଟେଇ ଜଙ୍ଗଲରେ ଡେରା ପକାଇଛନ୍ତି । ଗାଁ ନିକଟରେ ହାତୀପଲଙ୍କର ଉପସ୍ଥିତି ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି । ଫଳରେ ଲୋକମାନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । କିନ୍ତୁ ଏପଟେ ବନ ବିଭାଗର ସେହି ସ୍ୱଭାବିକ ଉତର ।

# ବାଲିମେଳା ଶ୍ରୀ ଜଗନ୍ନାଥ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ

ମାଲକାନଗିରି, ୧୦/୧୦ (ନି.ପ୍ର): ଫାଇଭ-ଟି ସଚିବ ଭି.କେ. ପାଣ୍ଡିଆନ ମାଲକାନଗିରି ଗସ୍ତ ସମୟରେ ବାଲିମେଳା ଶ୍ରୀ ଜଗନ୍ନାଥ ମନ୍ଦିର ପୁନରୁଦ୍ଧାର ପାଇଁ ବାଲିମେଳାର ସ୍ଥାନୀୟ ଜନପ୍ରତିନିଧି ମାନେ ସଚିବଙ୍କୁ ଅନୁରୋଧ କରିଥିଲେ। ଜନପ୍ରତିନଧି ଏବଂ ସ୍ଥାନୀୟ ଲୋକଙ୍କ ଅନୁରୋଧକୁ ଗ୍ରହଣ କରି ସଚିବ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଫାଇଭ-ଟି ମାଧମରେ ୨୦ ଲକ୍ଷ ଟଙ୍କା ବାଲିମେଳା ଶ୍ରୀ ଜଗନ୍ନାଥ ମନ୍ଦିର ପୁନରୁଦ୍ଧାର ଲାଗି ମଞ୍ଜୁର କରିଥିଲେ। ଉକ୍ତ ଟଙ୍କାରେ ଆଜି ମନ୍ଦିର ଛାତ ପକା ଯାଉଥିବାରୁ ଜିଲ୍ଲା ଏସ.ଡି.ସି. ଅଧକ୍ଷ ଆଡମା ରାବା, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ, ଜିଲ୍ଲା ବିଜେଡି ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ବିଜେଡି ଉପ ସଭାପତି ନୃସିଂହ ଚରଣ ମହାନ୍ତି, ବାଲିମେଳା ବିଜ୍ଞାପିତ ଅଂଚଳ ପରିଷଦ ଅଧକ୍ଷ ପ୍ରଦୀପ କୁମାର ନାୟକ, ଯୁବ ନେତା ଲକ୍ଷ୍ମୀ ନାରାୟଣ ଓ ଅନ୍ୟ ବାଲିମେଳାର ବହୁ ବ୍ୟକ୍ତି ଉପସ୍ଥିତ ରହି ଚାଲିଥିବା କାର୍ଯ୍ୟର ପରିଦର୍ଶନ କରିଥିଲେ।

# କେନ୍ଦୁଝର ମାଇନ୍ସ ଏଣ୍ଡ ଫରେଷ୍ଟ ୱାର୍କରସ ୟୁନିୟନର ବାର୍ଷିକ ଉତ୍ସବ

କେନ୍ଦୁଝର, ୧୦/୧୦ (ନି.ପ୍ର): କେନ୍ଦୁଝର ମାଇନ୍ସ ଏଣ୍ଡ ଫରେଷ୍ଟ ୱାର୍କରସ ୟୁନିୟନ (ଏଆଇଟିୟୁସି)ର ବାର୍ଷିକ ଉତ୍ସବ ରବିବାର ଦିନ ବଡବିଲ ସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାର୍ଷିକ ସମ୍ମିଳନୀରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର କିପରି ସମାଧାନ କରାଯିବ ତା’ ଉପରେ ଆଲୋଚନା କରାଯାଇଥିଲା । ଆଗାମି ଦିନରେ ଜିଲ୍ଲାରେ ବନ୍ଦ ଥିବା ସମସ୍ତ ଖଣି ଖୋଲିବା, ଛଟେଇ ଶ୍ରମିକ ନିଯୁକ୍ତ ଦେବା, କେନ୍ଦୁଝର ଜିଲ୍ଲାରେ ଏକ ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା, ସ୍ଲରି ପାଇପ ଯୋଗେ ଲୁହାପଥର ଗୁଣ୍ଡ ପଠାଇବା ବନ୍ଦ କରିବା ଆଦି ଉପସ୍ଥାପନ କରାଯାଇଥିଲା । ଏଆଇଟିୟୁସି ର ଉପସଭାପତି ରାମକୃଷ୍ଣ ପଣ୍ଡା ଙ୍କ ସଭାପତିତ୍ୱରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ଶ୍ରମିକ ନେତା ଯୋଗ ଦେଇଥିଲେ । ଶ୍ରମିକମାନଙ୍କ ମୌଳିକ ଏବଂ ଆଇନଗତ ଅଧିକାର ହାସଲ କରିବା ପାଇଁ ଆଗାମି ଦିନରେ ଆନ୍ଦୋଳନ କରାଯିବ ବୋଲି ଆଲୋଚନା ହୋଇଥିଲା । ବିଶେଷ କରି କେନ୍ଦ୍ର ସରକାର ଲାଗୁ କରିଥିବା ୪୪ ଟି ଶ୍ରମ ଆଇନ କୁ ଚାରୋଟି କୋଡ ରେ ପରିଣତ କରି ମାଲିକମାନଙ୍କ ସପକ୍ଷରେ ନିୟମ ବଦଳାଇଛନ୍ତି। ଦୈନିକ ୮ ଘଂଟା ବଦଳରେ ୧୨ ଘଟାଂ ପରିଶ୍ରମ ର ସମୟ ବଦଳା ଯାଇ ନୂତନ ଆଇନରେ ବ୍ୟବସ୍ଥା କରାଯାଇଛି । ସେହିଭଳି ଗ୍ରାଚ୍ୟୁଇଟି ଆକ୍ଟ ଆଦି ଅନେକ ଶ୍ରମ ଆଇନ କୁ ପରିବର୍ତନ କରାଯାଇଛି । ଏହାକୁ ତୁରନ୍ତ ବାତିଲ କରିବା ପାଇଁ ଦାବୀ ଉପସ୍ଥାପନ କରାଯାଇଥିଲା । ଶେଷରେ ଆସନ୍ତା ବର୍ଷ ନିମନ୍ତେ ନୂତନ କର୍ମକର୍ତା ନିର୍ବାଚନ ହୋଇଥିଲା । ଉପଦେଷ୍ଟା ଭାବେ ସାଥି ଦିବାକର ନାୟକ ଓ ସାଥି ଅଶୋକ କୁମାର ଦାଶ, ସଭାପତି ଭାବେ ରାମକୃଷ୍ଣ ପଣ୍ଡା, ସାଧାରଣ ସମ୍ପାଦକ ମହେଶ୍ୱର ରାଉତ, ଉପ ସାଧାଣର ସମ୍ପାଦକ କପିଳ ମହାନ୍ତି, କୋଷାଧକ୍ଷ ରାଜାରାମ ମୁଣ୍ଡା ଓ ୨୫ ଜଣିଆ କାର୍ଯ୍ୟକାରୀ କମିଟି ଏବଂ ୬୫ ଜଣିଆ ପରିଷଦ ଗଠନ କରାଯାଇଛି ।

# ଆନ୍ଧ୍ର ଓଡିଶା ଖୋ ଖୋ ମ୍ୟାଚ ଅନୁଷ୍ଠିତ

ପୁରୀ , ୧୦/୧୦ (ନି.ପ୍ର): ତାଳବଣିଆସ୍ଥିତ ଇଣ୍ଡୋର ଷ୍ଟାଡିୟମ ଠାରେ ଆନ୍ଧ୍ର ର ଖୋ ଖୋ ଦଳ ଓ ଓଡିଶା ଖୋ ଖୋ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେଉଅଛି।ଏଥିରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ରାଜ୍ୟ ଖୋ ଖୋ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ, କୋଚ ସଞ୍ଜୀବ ଶର୍ମା ଯୋଗ ଦେଇ କ୍ରିଡାବିତ ଙ୍କୁ ଉତ୍ସାହିତ କରିଥିଲେ ।ଆଜି ଖେଳା ଯାଇଥିବା ଦୁଇଟି ଯାକ ମ୍ୟାଚ ରେ ଓଡିଶା ଦଳ ବିଜୟୀ ହୋଇଥିଲା ।ଓଡିଶା ଖୋ ଖୋ ଦଳରେ ବିଭିନ୍ନ ଜିଲ୍ଲାର ଶ୍ରେଷ୍ଠ ଖୋ ଖୋ ଖେଳାଳୀ ଙ୍କୁ ନେଇ ଚୟନ କରାଯିବା ପରେ ପୁରୀ ରେ ଦୁଇ ମାସ ପାଇଁ ଅଭ୍ୟାସ କରାଯାଉଛି ।ଏହି ଅଭ୍ୟାସ ମଧ୍ୟରେ ରେଳବାଇ ଖୋ ଖୋ ଦଳ ସହ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟାନ୍ୟ ରାଜ୍ୟ ର ଖୋ ଖୋ ଦଳ ସହିତ ଓଡ଼ିଶା ଦଳ ଖେଳି ଅଭିଜ୍ଞତା ହାସଲ କରୁଛି ।ଏହି ଅଭିଜ୍ଞତା ଓଡିଶା ଖୋ ଖୋ ଦଳକୁ ଅଧିକ ସହାୟତା ଦେବା ସହ ପିଲା ମାନଙ୍କ ମନୋବଳ ବଢାଇବ ବୋଲି କ୍ରୀଡା ଅଧିକାରୀ ଶ୍ରୀ ସାହୁ ଆଶା ବ୍ୟକ୍ତ କରିଛନ୍ତି ।ଆନ୍ଧ୍ର ଦଳ ଚଳିତ ମାସ ୧୧ ତାରିଖ ପର୍ଯ୍ୟନ୍ତ ରହି ଓଡିଶା ଦଳ ସହ ୬ ଟି ମ୍ୟାଚ ଖେଳିବ ବୋଲି ଜଣା ଯାଇଛି ।ଏହି ମ୍ୟାଚ ରେ ଆନ୍ଧ୍ର ଦଳର ଅଧିନାୟକ ପି ଶିବାରେଡି, ଉପ ଅଧିନାୟକ ପି ନାରାସାୟା,କୋଚ ଦେବୀ ରେଡି, ମ୍ୟାନେଜର ଭି ଭେଡୁକୁଣ୍ଡାଲା ରେଡି,ଓଡିଶା ଅଧିନାୟକ ଦେବେଳ ନାଥ,କୋଚ ସଞ୍ଜୀବ ଶର୍ମା, ଚିନ୍ତାମଣି ପ୍ରଧାନ ଅଂଶଗ୍ରହଣ କରିଥିଲେ।

# ଜୟନ୍ତିଗିରିଠାରେ ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୧୦/୧୦ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତିଗିରି ଠାରେ ଆଜି ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି, ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଜୟପୁର ବିଡିଓ ରାଜୀବ ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରି କେ.ଏସ. ନିଶା, ସରପଂଚ, ଜିଆରଏସ, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ, ହଟିକଲଚର, କୃଷି ବିଭାଗ, ଯୋଗାଣ ସହାୟକ ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ନୂତନ ରାସ୍ତା, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ସମାଧାନ ଆଦି ଉପରେ ଅଭିଯୋଗ କରାଯାଇଥିଲା । ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା । ଏହା ସହ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେନେଇ ଉପସ୍ଥିତ ଅତିଥି ମାନେ ସଚେତନ କରିଥିଲେ । ଏଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ପ୍ରଦାନ କରାଯାଇଥିଲା ।

# ପ୍ରସ୍ତାବିତ ବ୍ୟାଙ୍କ ଓ ଡାକ୍ତରଖାନାର ସଠିକ୍ ସ୍ଥାନ ନିରୂପଣ ନେଇ ସରପଂଚଙ୍କ ଜିଲ୍ଲାପାଳଠାରେ ଦାବି

କୋରେଇ, ୧୦/୧୦ (ନି.ପ୍ର): କୋରାଇ ବ୍ଲକ ଅଧିନସ୍ଥ ଗୋଲେଇପୁର ପଂଚାୟତରେ ରାଜ୍ୟ ସରକାରଙ୍କ ପକ୍ଷରୁ ପଂଚାୟତରେ ଏକ ଉପ ଡ଼ାକ୍ତରଖାନା ଓ ବ୍ୟାଙ୍କ ନିର୍ମାଣ କରାଯିବା ନେଇ ପ୍ରସ୍ତାବ ରହିଛି। ଓ ଏଥି ଲାଗି ସ୍ଥାନ ମଧ୍ୟ ନିରୁପଣ ମଧ୍ୟ ସରିଛି। ମାତ୍ର ଆଶ୍ଚର୍ଯ୍ୟର ବିଷୟଯେ ଗୋଲେଇପୁର ପଂଚାୟତରେ ହଜାର ହଜାର ଏକର ସରକାରୀ ଜମି ରହିଥିବା ବେଳେ ଉକ୍ତ ସ୍ଥାନରେ ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ କରାଯିବା ବଦଳରେ ଖରସ୍ରୋତା ନଦୀର ଶଯ୍ୟା ମସୁଦପୁର ମୌଜାର ଖାତା ନଂ ୨୮୮ ପ୍ଲଟ ନଂ ୧୬୬୯ରେ ଏହି ପ୍ରକଳ୍ପ ନିର୍ମାଣ କରାଯିବା ଲାଗି ପ୍ରସ୍ତାବ ରହିଛି। ଯାହାକୁ ନେଇ କୋରାଇ ପଂଚାୟତ ସମିତିରେ ହେଉଥିବା ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଗୋଲେଇପୁର ସରପଂଚ ସସ୍ମିତା ମାଝୀଙ୍କ ସମେତ ନାଏବ ସରପଂଚ ମିର୍ଜା ହାସିମ ବେଗ, ୱାର୍ଡ଼ ସଭ୍ୟ ଗୋପାଳ ସେଠୀ, ଗଣେଶ ଦଳେଇ, ରବିନ୍ଦ୍ର ମଲ୍ଲିକ, କାଙ୍ଗାଳୀ ବେହେରା, କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ପ୍ରଦୀପ ମଲ୍ଲିକଙ୍କ ସମେତ ଗ୍ରମବାସୀ ହରେକୃଷ୍ଣ ସାହୁ, ଲକ୍ଷ୍ମୀଧର କରଣ, ପ୍ରମୁଖ ଅଭିଯୋଗ କରିଛନ୍ତି।

# ସ୍ତନ୍ୟଦାତ୍ରୀଙ୍କ ଲାଗି ଖାଦ୍ୟ...

**ସ୍ତନ୍ୟଦାତ୍ରୀ ପୂର୍ବରୁ ଖାଉଥିବା ଖାଦ୍ୟଠାରୁ ଦୈନିକ ଭାତ ୬୦ ଗ୍ରାମ, ଡାଲି ୩୦ଗ୍ରାମ, କ୍ଷୀର ୧୦୦ ଗ୍ରାମ୍, ତେଲ, ଘିଅ ୧୦ ଗ୍ରାମ ଏବଂ ଚିନି, ଗୁଡ଼ ୧୦ଗ୍ରାମ୍ ଅଧିକ ଖାଇବା ଆବଶ୍ୟକ।**



ଶିଶୁ ପାଇଁ ମା' କ୍ଷୀର ଅମୃତ। ତେଣୁ ଶିଶୁ ଜନ୍ମ ପୂର୍ବରୁ ହିଁ ପ୍ରକୃତି ମା' ସ୍ତନରେ ତା'ର ସନ୍ତାନ ପାଇଁ ଖାଦ୍ୟ ଭରି ଦେଇଥାଏ। ଯେଉଁଥିରେ କି ଶିଶୁର ଅଭିବୃଦ୍ଧି ନିମନ୍ତେ ଭରି ରହିଥାଏ ସମସ୍ତ ପୋଷକ ତ୍ତ୍ୱ ସାଙ୍ଗକୁ ରୋଗ ପ୍ରତିରୋଧକ ଶକ୍ତି। ତେଣଉ ଜନ୍ମର ଅତି କମରେ ୬ ମାସ ପର୍ଯ୍ୟନ୍ତ ଶିଶୁକୁ କେବଳ ସ୍ତନ୍ୟପାନ କରାଇବା ଲାଗି ପରାମର୍ଶ ଦିଆଯାଉଛି। ଯଦି ଶିଶୁଟି କେବଳ ମା' କ୍ଷୀର ଖାଇବା ଦ୍ୱାରା ତା ଶରୀରରେ ବୃଦ୍ଧି ଘଟୁଛି ଏବଂ ଓଜନ ମଧ୍ୟ ବୃଦ୍ଧି ପାଉଛି, ଏହାର ଅର୍ଥ ଶିଶୁ କାର୍ବୋହାଇଡ୍ରେଟ୍ କ୍ୟାଲସିୟମ ପ୍ରୋଟିନ, ମିନେରାଲ୍ସ, ଭିଟାମିନ୍ସ ଭଳି ଆବଶ୍ୟକ ପୋଷକତ୍ତ୍ୱର ଆକାରରେ ମା' ଶରୀରରୁ ଗ୍ରହଣ କରି ବଢୁଛି। ତେବେ ପିଲା କ୍ଷୀର ଖାଇବା ଦ୍ୱାରା ଏସବୁ ମା' ଶରୀରରୁ ହ୍ରାସ ପାଉଛି। ଯାହାକୁ ଭରଣା କରିବା ଆବଶ୍ୟକ। କାରଣ ଯଦି ସ୍ତନ୍ୟପାନଦ୍ୱାରା ମା' ଶରୀରରୁ କ୍ୟାଲସିଅମ କମୁଛି ତେବେ ମା'ର ହାଡ଼ ଦୁର୍ବଳ ହେବ, ଆଇରନ କମିଗଲେ ରକ୍ତହୀନତା ଦେଖାଦେବ, ପ୍ରୋଟିନ କମିଗଲେ ପ୍ରୋଟିନ ଅଭାବଜନିତ ରୋଗ ହେବ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ, ଯାହାକି ଉଭୟ ମା' ଏବଂ ଶିଶୁଙ୍କ ଲାଗି କ୍ଷତିକାରକ। ତେଣୁ ଉଭୟେ ସୁସ୍ଥ ରହିବା ଲାଗି ମା'କୁ ଦୈନିକ ପୂର୍ବାପେକ୍ଷା ୫୦୦ କ୍ୟାଲୋରି ଅଧିକ ଆବଶ୍ୟକ। ତେବେ ପ୍ରଶ୍ନ ଆସୁଛି ଏହାକୁ ଭରଣା କରାଯିବ କିପରି ? ଏହାର ଏକମାତ୍ର ଉପାୟ ;ହେଉଛି ମା'ର ଖାଦ୍ୟବୃଦ୍ଧି। ଅନେକେ ଏଥିପାଇଁ ବିଭିନ୍ନ ଭିଟାମିକିନ ଔଷଧ, ପ୍ରୋଟିନ ପାଉଡ଼ର, ଆଡ଼ିଶନାଲ, ଫଡ଼୍ ସପ୍ଲିମେ଼୍ ଗ୍ରହଣ କରିଥାନ୍ତି। ହେଲେ ଏସବୁ ଖାଦ୍ୟରେ ବିକଳ୍ପ ନୁହେଁ। କାରଣ ଜଣେ ଅସୁସ୍ଥ ବ୍ୟକ୍ତିକୁ ସୁସ୍ଥ ହେବା ଲାଗି ଔଷଧ ଖାଇବାକୁ ଦିଆଯାଇଥାଏ। କିନ୍ତୁ ଜଣେ ସୁସ୍ଥ ବ୍ୟକ୍ତି ଲାଗି ଖାଦ୍ୟ ହିଁ ଯଥେଷ୍ଟ। ତେଣୁ ସ୍ତନ୍ୟଦାତ୍ରୀ ମା'କୁ ଅଧିକ ଖାଦ୍ୟ ଯୋଗାଇଦେବାର ଅର୍ଥ ନୁହେଁ ଯେ, କୌଣସି ଆଡିଶନାଲ ଫୁଡ଼୍ ସପ୍ଲିମେ଼୍ କିମ୍ବା ଔଷଧ ଦେବା। ତେଣୁ କ୍ଷୀର ଆକାରରେ ଶିଶୁ ଶରୀରକୁ ଯାଉଥିବା ଉପାଦାନଗୁଡ଼ିକ ଯେପରି ମା' ଶରୀରରୁ ହ୍ରାସ ନପାଏ ତାହାକୁ ଭରଣା କରିବା ଲାଗି ତା'ଣ ଦୈନନ୍ଦିନ ଖାଦ୍ୟର ପରିମାଣ ବୃଦ୍ଧି କରାଇବା ଦରକାର। ଯେଉଁଥିଲାଗି ସେ ପୂର୍ବରୁ ଖାଉଥିବା ଖାଦ୍ୟଠାରୁ ଦୈନିକ ଭାତ ୬୦ଗ୍ରାମ, ଡାଲି ୩୦ଗ୍ରାମ, କ୍ଷୀର ୧୦୦ଗ୍ରାମ, ତେଲ, ଘିଅ୧୦ଗ୍ରାମ ଏବଂ ଚିନି, ଗୁଡ଼ ୧୦ଗ୍ରାମ ଅଧିକ ଖାଇବା ଆବଶ୍ୟକ। ସାଧାରଣତଃ ଅନେକଙ୍କ ମନରେ ଧାରଣା ଥାଏ ଯେ, ପ୍ରତିଦିନ ଗୋଟିଏ ଫଳ କିମ୍ବା ଅନ୍ୟ କେତେକ ଖାଦ୍ୟ ଖାଇବା ଦରକାର। ଅନ୍ୟ କେତେକ ମଧ୍ୟ ଏହି ଖାଦ୍ୟ ଖାଇବା ଠିକ୍ ନୁହେଁ, ଏହାକୁ ଖାଇଲେ ଶିଶୁର ଝାଡ଼ା ହେବ, ଦେହ ଖରାପ ହେବ ଇତ୍ୟାଦି କହିଥାନ୍ତି।ହେଲେ ବାସ୍ତବରେ ଏସବୁ ଏକ ଭ୍ରାନ୍ତ ଧାରଣା ଯାହାକୁ ଆମେ ସୋସିଓ କଲ୍ଚରାଲ ଆସ୍ପେକ୍ଟସ ଅଫ ଫୁଡ଼ ବା ଆମ ଖାଦ୍ୟ ଅଭ୍ୟାସରେ ସାମାଜିକ ଓ ସାଂସ୍କୃତିକ କାଚଗୁଡ଼ିକର ପ୍ରଭାବ ବୋଲି କହିପାରିବା। କାରଣ ପ୍ରକୃତି ମା' କ୍ଷୀରକୁ ଏଭଳି ଭାବେ ପ୍ରସ୍ତୁତ କରିଛି ଯାହାକୁ ବୈଜ୍ଞାନିକମାନେ ଏତେ ଚେଷ୍ଟା କଲା ପରେ ବି ପ୍ରସ୍ତୁତ କରିବାରେ ଅସଫଳ ହୋଇଛନ୍ତି । ତେଣୁ ମା' ଖାଉଥିବା ଖାଦ୍ୟ କ୍ଷୀର ଆକାରରେ ଶିଶୁ ଦେହକୁ ଯାଇ ତା'ର କୌଣସି ଅସୁବିଧା କରାଇ ନଥାଏ। କେବଳ କୋଟୋଟି ଔଷଧ ଏ ସମୟରେ ଖାଇବା ଶିଶୁ ପାଁ ଠିକ ନୁହେଁ। ଏହା ବ୍ୟତୀତ ସ୍ତନ୍ୟଦାତ୍ରୀ ଭାତ, ଡାଲି, ୂଟି, ଦୁଧ, ଛେନା, ଫଳ, ଶାଗୁ, ଲାଉ, ସନ୍ତୁଳା ଓ ତଟକା ପନିପରିବାର ପ୍ରସ୍ତୁତ ଖାଦ୍ୟ, ଫଳରସ, ତେଲ, ଘିଅଠାରୁ ଆରମ୍ଭ କରି ଅନ୍ୟ ସବୁ ପ୍ରକାର ଖାଦ୍ୟ ଖାଇପାରିବେ। ହେଲେ ଖାଦ୍ୟ ସୁଷମ ସୁସ୍ୱାଦୁ ଏବଂ ସୁପ୍ରାଚ୍ୟ ବୋ ଜରୁରୀ। ଏ ସମୟରେ ପ୍ରଚୁର ପାଣି ପିଇବା ଦରକାର। ତେବେ ସାଧାରଣତଃ ସ୍ୱାସ୍ଥ୍ୟ ପ୍ରତି ନକାରାତ୍ମକ ପ୍ରଭାବ ପକପାଉଥିବା ଅଧକ ଥଣ୍ଡା, ତେଲ ମସଲା ଖାଦ୍ୟ, ଫାଷ୍ଟଫୁଡ଼ ଜାତ୍ୟ ଖାଦ୍ୟ ନଖାଇବା ଭଲ।



# ସାଢ଼େ ୫ଫୁଟ ଲମ୍ବ କେଶ ସଫାପାଇଁ ୧ବୋତଲ ଶ୍ୟାମ୍ପୁ



ଚୀନର ଜନୈକ ମହିଳାଙ୍କ ସମ୍ପର୍କିତ ଖବରକୁ ନେଇ ପୂରା ବିଶ୍ୱଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି। ୪୯ ବର୍ଷୀୟା ଫେନ ଲିଳି ସେଠାକାର ଝାଙ୍ଗଝୋଉ ଅଂଚଳର ବାସିନ୍ଦା। ଲୋକପ୍ରିୟତାକୁ ଆସିବା ପଛରେ ତାଙ୍କ କେଶ ହିଁ ମୁଖ୍ୟ କାଣଣ।। ଫେନ ୨୪ବର୍ଷ ହେଲାରି ନିଜ କେଶ କାଟିନାହାନ୍ତି। ଏଭଳି ପଦକ୍ଷେପ ସେ ନିଜ ମାଁଙ୍କ ପରାମର୍ଶରେ ନେଇଥିଲେ। ତାଙ୍କ୍ କେଶର ଲମ୍ବ ବ଼୍ତମାନ ହେଉଛି ୫ଫୁଟ ୫ ଇଂ। ଘରୁ ସେ ବାହାରିବା ମାତ୍ରେ ଲୋକେ ତାଙ୍କ ଘନ ଓ ଲମ୍ବା କେଶକୁ ଦେଖିବା ପାଇଁ ଗହଳି କରନ୍ତି। ପ୍ରତିମାସରେ ଥୁଯିଏ ସେ ନିଜ କେଶକୁ ନିକଟସ୍ଥ ପାର୍ଲରରେ ସଫା କରନ୍ତି। ଏଥିପାଇଁ ୨୦୦ ମିଲିଲିଟରର ଶାମ୍ପୁ ବୋତଲ ଶେଷ ହୋଇଥାଏ। କେଶ ଶୁଖାଇବା ନିମନ୍ତେ ସେ କୌଣସି ହେୟାର ଡାୟରର ବ୍ୟବହାର କରନ୍ତି ନାହିଁ। ସେହି କାରଣରୁ ତାଙ୍କ ଲମ୍ବା କେଶ ଶୁଖିବା ନିମନ୍ତେ ୨ଦିନରୁ ଅଧିକ ସମୟ ଲାଗେ।ଏତେସବୁ ଅସୁବିଧା ସ଼୍ୱ ତାଙ୍କ ଲମ୍ବାଂ କେଶ ପାଇଁ ଫେନ ଖୁବ୍ ଖୁସି। କୌଣସି ରେକର୍ଡ଼ କରିବାକୁ ଫେନଙ୍କର ଆଦୌ ଇଚ୍ଛା ନାହିଁ ?




# ଶ୍ୱାନ-ମନୁଷ୍ୟର ନିବିଡ଼ ବନ୍ଧୁତା

କୁକୁର ଏକ ବିଶ୍ୱସ୍ତପ୍ରାଣୀ, ଏଥିରେ ଦ୍ୱିମତ ହେବାର ନାହିଁ। ତେବେ ଏହା ପଛରେ ରହସ୍ୟ ଉନ୍ମୋଚନ କରିବାକୁ ଚେଷ୍ଟାକରିଲେ ଦକ୍ଷିଣ କ୍ରାଲୋଲିନାର ବିଶେଜ୍ଞେ ଦଳ। ପ୍ରାୟ ୧୦ ବର୍ଷ ଗବେଷଣା କରିବା ପରେ ସେମାନେ ଏକ ସନ୍ଦର୍ଭ ପ୍ରସ୍ତୁତ କରିଛନ୍ତି। ପ ର 1 କ୍ଷ କ୍ଷ । ରୁ ଜଣାପଡ଼ୁଛି,କୁକୁରଙ୍କ ଏହି ବିଶ୍ୱସ୍ତ ଗୁଣ ବଂଶାନୁକ୍ରମିକ। ଆଜିର ଏହି କୁକୁରଙ୍କ ପୂବଜ ବିଲୁଆ ଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି। କୁକୁରଙ୍କ ପରି ବିଲୁଆମାନେ ମଧ୍ୟ ବେଶ୍ ବିଶ୍ୱସ୍ତ। ପ୍ରାୟ ୨୦ହଜାରରୁ ୪୦ ହଜାର ବର୍ଷ ତଳେ ବିଶ୍ୱର ପ୍ରତ୍ୟେକ ପ୍ରାନ୍ତରେ ଲୋକେ ପାଳିତ ପଶୁ ଭାବେ ବିଲୁଆକୁ ରଖି ଥି଼ଲେ। ରାଜପରିବାରରେ ବିଲୁଆକୁ ରଖାଯାଇ ବିଶେଷ ଭାବେ ତାଲିମ ପ୍ରଦାନ ରାଯାଉଥିଲା।। ଆଜିର ସମୟରେ କୁକୁର ସେହି ସ୍ଥାନ ଗ୍ରହଣ କରି ସମସ୍ତଙ୍କ ପ୍ରିୟ ହୋଇପାରିଛି।

# ଅକ୍ଟୋବର ୧୪ରେ ପଡ଼ିବ 'ରିଙ୍ଗ ଅଫ ଫାୟାର' ସୂର୍ଯ୍ୟୋପରାଗ

ଜ୍ୟୋର୍ତିବିଜ୍ଞାନରେ ରୁଚି ରଖୁଥିବା ଲୋକଙ୍କ ପାଇଁ ଚଳିତ ମାସ ସ୍ୱତନ୍ତ୍ର ରହିଛି। କାରଣ ୨୦୨୩ ଅକ୍ଟୋବର ୧୪ ତାରିଖରେ ଆକାଶରେ ଏକ ବିରଳ ଦୃଶ୍ୟ ଦୃଶ୍ୟମାନ ହେବ। ଅର୍ଥାତ ଅକ୍ଟୋବର ୧୪ରେ ସୂର୍ଯ୍ୟୋପରାଗ ପଡୁଛି। ବର୍ଷର ଏହି ଶେଷ ସୂର୍ଯ୍ୟୋପରାଗକୁ 'ରିଙ୍ଗ ଅଫ ଫାୟାର' ବୋଲି କୁହାଯାଉଛି। ୨୦୧୨ ପରେ ପ୍ରଥମ ଥର ପାଇଁ 'ରିଙ୍ଗ ଅଫ ଫାୟାର ସୂର୍ଯ୍ୟପରାଗ'ର ଆଂଶିକ ଦୃଶ୍ୟ ଆଗାମୀ ଶନିବାର ଆମେରିକାର ଅଧିକାଂଶ ଅଞ୍ଚଳରେ ଦୃଶ୍ୟମାନ ହେବ। ଏହି ସୂର୍ଯ୍ୟୋପରାଗ ସନ୍ଧ୍ୟା ୦୪ଟା ୩୪ରେ ଆରମ୍ଭ ହୋଇ ରାତି ୦୨ଟା ୨୫ମିନିଟରେ ଶେଷ ହେବ। କିନ୍ତୁ ଭାରତରେ ଏହି 'ରିଙ୍ଗ ଅଫ ଫାୟାର' ସୂର୍ଯ୍ୟୋପରାଗ ଦୃଶ୍ୟମାନ ହେବନାହିଁ। ତେବେ ଏହି ଦୃଶ୍ୟକୁ ଭାରତ ସମେତ ଅନ୍ୟ ଦେଶର ଲୋକେ ଯଦି ଦେଖିବାକୁ ଚାହିଁବେ ସେମାନେ ନାସାର ଅଫିସିଆଲ ୟୁଟ୍ୟୁବ ଚାନେଲରେ ଦେଖି ପାରିବେ। ଏହି ଚାନେଲରେ 'ରିଙ୍ଗ ଅଫ ଫାୟାର' ସୂର୍ଯ୍ୟୋପରାଗର ସିଧାପ୍ରସାରଣ ଅକ୍ଟୋବର ୧୪ ସନ୍ଧ୍ୟା ୪ଟା ୩୦ରେ ଆରମ୍ଭ ହେବ। ୱାଶିଂଟନ ପୋଷ୍ଟର ଏକ ରିପୋର୍ଟ ଅନୁଯାୟୀ, ଶନିବାର ଦିନ ଚନ୍ଦ୍ର ସୂର୍ଯ୍ୟଙ୍କ ସମ୍ମୁଖରେ ରହିବ, ଯେଉଁଥିରୁ ଅଧିକାଂଶ ଲୁଚି ରହିବ କିନ୍ତୁ ଏକ ଚମତ୍କାର ରିଙ୍ଗ ଦୃଶ୍ୟମାନ ହେବ। ଯୁକ୍ତରାଷ୍ଟ୍ର, ମେକ୍ସିକୋ ଏବଂ ଦକ୍ଷିଣ ତଥା ମଧ ଆମେରିକାର ଅନେକ ଦେଶରେ ଲକ୍ଷ ଲକ୍ଷ ଲୋକ ପଶ୍ଚିମ ଗୋଲାର୍ଦ୍ଧରେ ଏହି ବିରଳ ଘଟଣା ଦେଖିପାରିବେ । ଦେଖିବାକୁ ଗଲେ ଚଳିତମାସ ଅର୍ଥାତ ଅକ୍ଟୋବର ୨୮ରେ ଚନ୍ଦ୍ରଗ୍ରହଣ ବି ପଡୁଛି।



# ୧ହଜାର ବର୍ଷ ପୁରୁଣା ସାମୁରାଇ ପ୍ରତିଯୋଗିତା



ଜାପାନର ଫୁକୁଶିମା ସହରରେ ପ୍ରତ୍ୟେକ ବର୍ଷ ଏହି ନିର୍ଦ୍ଦିଷ୍ଟ ସମୟରେ ସାମୁରାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ୧ସପ୍ତାହ ବ୍ୟାପୀ ପାଳିତ ହେଉଥିବା ଏିହ ପ୍ରତିଯୋଗିତାରେ ଚଳିତଥର ୧୨ଜଣ ଘୋଡ଼ାଚଢ଼ାଳି ଅଂଶ ଗ୍ରହଣ କରିଥିବା ଜଣାପଡ଼ିଛି। ରବିବାର ଆରମ୍ଭ ହୋଇଛି ଏହି ଉତ୍ସବ। ଜାପାନର ଉତ୍ସବରେ ପାରମ୍ପାରିକ ନୃତ୍ୟ ପ୍ରଦର୍ଶିତ ହେବା ସହ ପୁରୁଣା ଦିନର ସ୍ମୃତି ଉଜ୍ଜୀବିତ ରଖିବା ପାଇଁ ଅସ୍ଥାୟୀ ସଂଗ୍ରହାଳୟମାନ ସ୍ଥାପନ କରାଯାଇଥାଏ। ସେଠା ବୟସ୍କ ଲୋକଙ୍କ କହିବାନୁସାରେ ଏହି ପ୍ରତିଯୋଗିତା ୧ହଜାର ବର୍ଷ ପୁରାତନ। ମୁଖ୍ୟ ଆକର୍ଷଣ ହେଉଛି ଘୋଡ଼ା ଦୌଡ଼। ଏଥରକ ଘୋଡ଼ାଚଢ଼ାଳିମାନେ ୧ହଜାର ମିଟର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ପୁରା ରାଷ୍ଟ୍ରର ଉନ୍ନତି ନିମନ୍ତେ ଏଠାରେ ସାମୁହିକ ପ୍ରାର୍ଥନା ମଧ୍ୟ କରାଯାଇଥାଏ।



ଏହି କିଛିବର୍ଷ ହେବ ଲୋକମାନଙ୍କ ଠାରେ ପରଫ୍ୟୁମ ଓ ଡିଓ ଅତ୍ୟାଧିକ ପରିମାଣରେ ବ୍ୟବହାର ହେଉଥିବାର ଦେଖିବାକୁ ମିଳିଛି। ଏବେ ଟେଲିଭିଜନ ଠାରୁ ଆରମ୍ଭ କରି ପ୍ରାୟ ସମସ୍ତ ବିଜ୍ଞାପନରେଏହି ଡିଓଡାଣ୍ଟକୁ ବେଶ ଭଲଭାବରେ ପ୍ରମୋସନ କରାଯାଉଛି। ବଜାରରେ ଏହି ଡିଓଡ୍ରାଣ୍ଟର ଚାହିଦା ଅଧିକ ରହିଥିବାରୁ ଭିନ୍ନ ଭିନ୍ନ କମ୍ପାନୀ ଏବେ ଏହାର ଉତ୍ପାଦନ ଏବଂ ସପ୍ଲାଏ ବଢ଼ାଇଦେଇଛନ୍ତି। ସପ୍ଲାଏ ବଢ଼ିବା ସାଙ୍ଗକୁଏହାକୁ ରେଟମଧ୍ୟ ବଜାରରେ ବଢ଼ିବାକୁ ଲାଗିଛି। କସମେଟିକ ଇନଗ୍ରୀଡିଏଣ୍ଟ ରିଭ୍ୟୁରୁ ପ୍ରମାଣିତ ହୋଇଛି ଯେ ଏହି ଡିଓଡ୍ରାଂଟଷମାନଙ୍କରେ ଏଣ୍ଡୋକ୍ରିନ ଡିସରୁପଟଭ କେମିକାଲ ଓ ସିନଥେଟିକ କେମିକାଲ ଭଳି ଆଉକେତେକ କ୍ଷତିକାରକ ରାସାୟନିକ ପଦାର୍ଥ ମିଶି ରହିଥାଏ ଏବଂ ଏହା ହିଁ କର୍କଟ ଓ ଚର୍ମରୋଗ ଆଦିର କାରଣ ହୋଇଥାଏ। ଜେଁମାନେ ନିୟମିତ ଭାବେ ପରଫ୍ୟୁମ ବା ଡିଓ ବ୍ୟବହାର କରୁଛନ୍ତି ଏଥିପ୍ରତି ଧ୍ୟାନଦେବା ଆବଶ୍ୟକ।

# କର୍ମର ନିୟମ

କର୍ମ କରିବା ପାଇଁ ନିର୍ଦ୍ଦିଷ୍ଟ ନିୟମ କିମ୍ବା ବିଧି ନାହିଁ। ମାଧ୍ୟକର୍ଷଣ ଶକ୍ତି ଭଳି, କର୍ମ କରିବାର କୌଣସି ବିଜ୍ଞାନସମ୍ମତ କାରଣ କିମ୍ବା ଫଳ ମଧ୍ୟ ନାହିଁ। କେବଳ ବିଶ୍ୱାସ କରାଯାଏ, ଭଲ କାମ କଲେ ଭଲ ଫଳ ମିଳେ, ଆଉ ମନ୍ଦ କର୍ମର ଫଳ ମନ୍ଦ ହୁଏ। ଏଇ ବିଶ୍ୱାସ ହିଁ କର୍ମର ନିୟମ। ଅନ୍ଧାରରେ ଆଲୁଅ ଖୋଜୁଥିବା ମଣିଷ ଭିତରେ ଆଶା ଥାଏ, ସେ ନିଶ୍ଚୟ ଆଲୁଅ ଦେଖିବା ଆଶା ଦୃଢ଼ ହେଲେ ବିଶ୍ୱାସ ବଢ଼େ। ଶେଷରେ ସେ ଯାହା ପାଏ। ଏଣୁ, କର୍ମ ପାଇଁ ବିଶ୍ୱାସ ଠାରୁ ବଡ଼ ନିୟମ ଆଉ କିଛି ନାହିଁ। ବିଶ୍ୱାସ ରୂପକ ନିୟମ ପାଳନ କରି ଜଣେ ପାପୀ କିମ୍ବା ଅପରାଧୀ କୌଣସି ଉଚ୍ଚ ଆସନରେ ଅଧିଷ୍ଠିତ ହୋଇପାରେ। ଜଣେ ଉଚ୍ଚ ପଦରୁ ଖସି ଅପରାଧୀ ବି ପାଲଟିଯାଇପାରେ। ଦୁଃଖଜୀବନ ବିତାଉଥିବା ଦରିଦ୍ରକୁ କୁ-କର୍ମର ଫଳ କିମ୍ବା ସୁଖରେ ରହୁଥିବା ବ୍ୟକ୍ତି ନିଜ ସୁକର୍ମର ଫଳ ଭୋଗୁଥିବା କହିପାରନ୍ତି। କିନ୍ତୁ ବିଶ୍ୱାସ ହିଁ ଏହାର ମୂଳ। ଏହି ବିଶ୍ୱାସକୁ କର୍ମ ଭଲପାଏ କିମ୍ବା ମନ୍ଦହୁଏ। ସେହି ଅନୁସାରେ ଜଣେ ଫଳପାଏ।

# ଗହମ ପ୍ରୋଟିନ୍ ପ୍ରତି ରୁହନ୍ତୁ ସତର୍କ



ଏଭଳି ଏକ ପ୍ରୋଟିନ ଅଛି ଯାହା ଶରୀର ପାଇଁ କ୍ଷତିକାରକ ହୋଇଥାଏ। ବୈଜ୍ଞାନିକମାନଙ୍କ ମତରେ ଗହମରେ ରହିଥିବା ପ୍ରୋଟିନ୍ 'ଦି ଆମିଲେସ-ଟ୍ରାଇପସନ୍ ଇନହିବିଟର୍ସ (ଏଟିଆଇ) ଶରୀରର ବିଭିନ୍ନ ଅଂଶରେ କୁପ୍ରଭାବ ପକାଇଥାଏ। ବିଶେଷକରି କିଡ଼ନୀ, ପେଟ ଉପରେ ଥିବା କୋଶିକାରେ ଘା' ଆଜମା, ଫ୍ୟାଟି ଲିଭର ଏସିଡ଼, ଅର୍ଥାଇଟିସ ଆଦି ରୋଗ ସୃଷ୍ଟି କରିଥାଏ। ଏହି ପ୍ରୋଟିନ ୪ ପ୍ରତିଶତରୁ ଅଧିକ ହେଲେ ଶରୀରରୁ ପ୍ରତିରୋଧକ ଶକ୍ତିକୁ କ୍ଷତି ପହଂଚାଇଥାଏ ଓ ପେଟର ପ୍ରତିକ୍ରିୟାକୁ ଶରୀରର ଅନ୍ୟ କୋଶିକାକୁ ବ୍ୟାପିବାରେ ସାହାଯ୍ୟ କରିଥାଏ। ଏ ସମ୍ବନ୍ଧରେ ସବିଶେଷ ତଥ୍ୟ ଦେଇଛନ୍ତି, ମୁଖ୍ୟ ଗବେଷକ ତଥା ଜର୍ମାନୀର ଜୋହେନ୍ସ ଗୁଟେନବର୍ଗ ୟୁନିଭର୍ସିଟିର ପ୍ରଫେସର ଡେଲେଫ ସ୍କୁପନ। ପୂର୍ବରୁ ଗୁଟନ ଓ ଏହାର ଶରୀରର ହଜମଶକ୍ତି ଉପରେ ପ୍ରଭାବ ସମ୍ପର୍କରେ କୁହାଯାଉଥିଲା। କିନ୍ତୁ ଏହି ନୂତନ ରିସର୍ଚ୍ଚ ଏଟିଆଇ ଉପରେ ଦୃଷ୍ଟିକୋଣ ବଦଳାଇଛି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଘଡ଼ିସନ୍ଧି ମୁହୂର୍ତ୍ତ...

ଇସ୍ରାଏଲ ଉପରେ ଯେତେବେଳେ ଇସଲାମୀୟ ଗୋଷ୍ଠୀ ହାମାସ୍ ଏକା ସମୟରେ ସ୍ଥଳ, ଜଳ ଏବଂ ଆକାଶ ପଥରେ ଭୟଙ୍କର ଆକ୍ରମଣ ଆରମ୍ଭ କଲା, ସେ ସମୟରେ ଏହା ସମ୍ପୃକ୍ତ ଅଞ୍ଚଳର ଭବିଷ୍ୟତର ଗତିକୁ ବଦଳାଇବା ଆରମ୍ଭ କରି ଦେଲା ବୋଲି କୁହାଯାଇପାରେ। ଜିଉମାନଙ୍କର ଅନ୍ୟତମ ପବିତ୍ର ଛୁଟିଦିନ ସିମ୍‌ଚ୍ ତୋରାରେ ଏହି ଆକ୍ରମଣ କରାଯିବା ନିମନ୍ତେ ଯୋଜନା ଏବଂ ଏହାକୁ କାର୍ଯ୍ୟକାରୀ କରାଯିବାରେ ସଂଯୋଜନା ଏତେ ଅଧିକ ମାତ୍ରାରେ ହୋଇଥିଲା ଯେ ଏହା ଇସ୍ରାଏଲରେ ୯/୧୧ର ମୁହୂର୍ତ୍ତକୁ ସ୍ମରଣ କରାଇ ଦେଇଥିଲା। ସତେ ଯେମିତି ଏହା ପର୍ଲ ହାର୍ବରର ଆକ୍ରମଣ କ୍ଷେତ୍ରରେ ଯେପରି ହୋଇଥିଲା, ତା'ର ଏକ ଆଶ୍ଚର୍ଯ୍ୟଚକିତ କରିଦେବା ଭଳି ପୁନରାବୃତ୍ତି ଥିଲା ! ଇସ୍ରାଏଲୀ ଗୁଇନ୍ଦା ସଂସ୍ଥା ମୋସାଦର ସୁଖ୍ୟାତି, ଯାହାର ସାରା ବିଶ୍ୱରେ ପ୍ରଶଂସା କରଯାଇଥାଏ, ଏହି ଆକ୍ରମଣ ପରେ ତାହା ମାଟିରେ ମିଶି ଯାଇଥିବା ଅନେକେ ଅନୁଭବ କରୁଛନ୍ତି। ଏହି ଆକ୍ରମଣର ପ୍ରଭାବ କେବଳ ବର୍ତ୍ତମାନ ସମୟ ମଧ୍ୟରେ ସୀମିତ ରହିବ ନାହିଁ, ଏହି ପ୍ରଭାବ ଅବଶ୍ୟ ଆଗାମୀ ସମୟର ବର୍ଷମାନଙ୍କରେ ମଧ୍ୟ ଅନୁଭୂତ ହେବ। ସେଗୁଡ଼ିକ ହୁଏତ ପାଲେଷ୍ଟିନୀୟମାନଙ୍କର ରାଷ୍ଟ୍ର ପ୍ରତିଷ୍ଠାର ଅଭିଳାଷଗୁଡ଼ିକୁ ଚିରଦିନ ପାଇଁ ଧୂଳିସାତ୍ କରିଦେଇପାରେ ଯେତେବେଳେ କି ଇରାନ୍-ସମର୍ଥିତ କ୍ଷେପଣାସ୍ତ୍ର ଏବଂ ରକେଟ୍‌ଗୁଡ଼ିକ ମାଡ଼ କରାଯିବା ଭଳି ହେଜବୋଲ୍ଲା କାର୍ଯ୍ୟାନୁଷ୍ଠାନ ଏହି ସଂଘର୍ଷ ଭିତରକୁ ଲେବାନନ୍ ଟାଣି ହୋଇଯିବାର ଆଶଙ୍କା ସୃଷ୍ଟି କରିଛି। ଏହି ଆକ୍ରମଣ ଏମିତି ଏକ ସମୟରେ ହୋଇଛି, ଯେତେବେଳେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନେତୃତ୍ୱାଧୀନ ପ୍ରଶାସନ ଇସ୍ରାଏଲ ସହିତ ସାଉଦି ଆରବର ସମ୍ପର୍କକୁ ସ୍ୱାଭାବିକ କରିବାର ଲକ୍ଷ୍ୟ ରଖି କାର୍ଯ୍ୟ ଆରମ୍ଭ କରିଥିଲେ। ଶ୍ରୀଯୁକ୍ତ ବାଇଡେନ୍‌ଙ୍କର ଏପରି କାର୍ଯ୍ୟ ଆମେରିକା ସହିତ ପାରସ୍ପରିକ ସହମତି ଭିତ୍ତିରେ ସାଉଦି ସହିତ ପ୍ରତିରକ୍ଷା ଚୁକ୍ତି ସମ୍ପନ୍ନ ହେବା ପରେ ଆରମ୍ଭ ହେବାକୁ ଯାଉଥିଲା। ଏଥିପାଇଁ ସେମାନେ ପାରାଗ୍ଲାଇଡର ବ୍ୟବହାର କରୁଥିବା ବେଳେ ଇସ୍ରାଏଲୀ ସୈନିକମାନଙ୍କୁ ହତ୍ୟା କରୁଛନ୍ତି ଓ ଶହ ଶହ ସଂଖ୍ୟାରେ ପୁଲିସମାନଙ୍କୁ ଯୁଦ୍ଧବନ୍ଦୀ ଭାବରେ ନିଜ କବ୍‌ଜାକୁ ନେଇ ଯାଉଛନ୍ତି। ଆତଙ୍କବାଦକୁ ମୁକାବିଲା କରିବାର ଗୋଟିଏ ମାତ୍ର ବାଟ ରହିଛି, ଆଉ ଏହା ହେଉଛି- ଯେ କୌଣସି ରାଷ୍ଟ୍ର ବା ସ୍ଥାନରେ କି ସୀମାରେ ଏହା ହେଉଥାଉ ନା କାହିଁକି, ସବୁ ରାଷ୍ଟ୍ର ମିଳିମିଶି ଏହାର ସମୂଳ ବିନାଶ କରିବା ଉଚିତ। ଇସ୍ରାଏଲ ଗାଜା ଷ୍ଟ୍ରିପ୍ ଉପରେ ନିଜର ହାତମୁଠାକୁ ସୁଦୃଢ଼ କରିବା ନିମନ୍ତେ ଆକ୍ରମଣକୁ ଏଯାବତ୍ ଏଡ଼ାଇ ଆସୁଥିଲା, ଏଇଥି ପାଇଁ ଯେ ଏଠାରେ ହଜାର ହଜାର ନିରୀହ ନାଗରିକ ବାସ କରୁଛନ୍ତି, ଯେଉଁମାନଙ୍କ ପ୍ରତି ଏହା କୌଣସି ପ୍ରକାରର ହାନି ପହଞ୍ଚାଇବାକୁ ଚାହୁଁ ନଥିଲା। କିନ୍ତୁ ଏହି ନାଗରିକମାନେ ସେମାନଙ୍କ ଅଞ୍ଚଳରେ ନିରନ୍ତର ଭାବରେ ହାମାସ୍‌ର ଉପସ୍ଥିତି ଯୋଗୁଁ ଏହାର ପଣବନ୍ଦୀ ଭଳି ଜୀବନ ବିତାଉ ଥିଲେ। 'ଯୁଦ୍ଧ'ର ଅବସ୍ଥା ବର୍ତ୍ତମାନ ଏଭଳି ହୋଇଛି ଯେ ଏମିତିକି ସର୍ବାଧିକ ଶାନ୍ତିକାମୀ ଲୋକମାନେ ମଧ୍ୟ ଏହାକୁ ନେଇ ଏଇ କାରଣରୁ ଖୁସି ହେବେ କି ସେମାନେ ହୁଏତ ଭଲ ପାଉ ନଥିବା ଅନ୍ୟ ଧର୍ମର ଲୋକମାନଙ୍କ ବିରୁଦ୍ଧରେ ଏହାକୁ ଏକ ବିଜୟ ଭାବରେ ଦେଖି ପାରନ୍ତି। ଇସ୍ରାଏଲ ବିରୁଦ୍ଧରେ ଏହି ଆକ୍ରମଣକୁ ନେଇ ଯୁକ୍ତରାଜ୍ୟ ଭଳି ଦୂରଦୂରାନ୍ତର ଦେଶରେ ମଧ୍ୟ ଖୁସି ମନାଉ ଥିବେ, କିନ୍ତୁ ଏକ ବଡ଼ ଧରଣର ଗୁଇନ୍ଦାଗିରିର ବିଫଳତା ପରେ ଇସ୍ରାଏଲ ନିଜକୁ ରକ୍ଷା କରିବା ନିମନ୍ତେ ଏହି ଭୟଙ୍କର ଆକ୍ରମଣକୁ ଚଳାଇଛି ଯାହା ଶେଷ ହେବା ବେଳକୁ ଶହ ଶହ ନିରୀହ ଲୋକଙ୍କ ଜୀବନ ଅକାଳରେ ଝଡ଼ି ପଡ଼ିଥିବ। ପରନ୍ତୁ, ଏଭଳି ପ୍ରତ୍ୟାକ୍ରମଣ ଅନିବାର୍ଯ୍ୟ ହୋଇ ପଡ଼ିଛି ଆତଙ୍କବାଦୀଙ୍କ ମୂଳପୋଛ ପାଇଁ। ପଚାଶ ବର୍ଷ ପୂର୍ବେ ଇସ୍ରାଏଲ ଠିକ୍ ଏମିତି ୧୯୭୩ର ୟୋମ୍ କିପୁର ଯୁଦ୍ଧ ହେବାର ଆଶା କରି ନଥିଲା, ଯେଉଁ ଆକ୍ରମଣ ଆରବ ରାଷ୍ଟ୍ରମାନଙ୍କଦ୍ୱାରା ମିଳିତ ଭାବରେ କରାଯାଇଥିଲା। ସେତେବେଳେ ମାତ୍ର ୧୯ ଦିନର ଯୁଦ୍ଧରେ ସବୁକିଛି ଓଲଟପାଲଟ ହୋଇ ଯାଇଥିଲା। କିନ୍ତୁ ହାମାସ୍ ବିରୁଦ୍ଧରେ ବର୍ତ୍ତମାନର ଅପରେସନ୍ ସେତେବେଳ ଅପେକ୍ଷା ଅଧିକ ଜଟିଳ ହେବାର ସମ୍ଭାବନା ରହିଛି ଏବଂ ଏହା ହୁଏତ ଗାଜା ଉପରେ ସତର୍କତାର ସହିତ ବୋମା ମାଡ଼ କରିବାକୁ ଅନ୍ତର୍ଭୁକ୍ତ କରିପାରେ, ଯାହାକି ଆନୁଷଙ୍ଗିକ କ୍ଷତି ବିନା ସମ୍ଭବ ହୋଇ ନପାରେ। ଗାଜା ଷ୍ଟ୍ରିପ୍‌ରେ ବର୍ତ୍ତମାନ ସୁଦ୍ଧା ଶହ ଶହ ଆତଙ୍କବାଦୀ ଏବଂ ଅନେକ ସଂଖ୍ୟକ ସାଧାରଣ ଲୋକ ଜୀବନ ହରାଇ ସାରିଲେଣି। ସଂକଟର ଏଇ ଘଡ଼ିସନ୍ଧି ମୁହୂର୍ତ୍ତରେ ଅନେକ ରାଷ୍ଟ୍ରରୁ ଶାନ୍ତି ରକ୍ଷା କରିବା ପାଇଁ ଅବଶ୍ୟ ଆହ୍ୱାନମାନ ଆସିଛି ଏବଂ ଆସୁଛି, କିନ୍ତୁ ଏହା କଦାଚିତ୍ ହାମାସ୍ ବା ଇସ୍ରାଏଲର କର୍ଣ୍ଣ କୁହରକୁ ଭେଦ କରିବ। ଆତଙ୍କବାଦୀମାନଙ୍କ ଆକ୍ରମଣର ଅନେକ ଥର ଶିକାର ହୋଇ ସାରିଥିବା ଭାରତ ମଧ୍ୟ ଏହାର ମୁକାବିଲା କରିବାକୁ ନିକଟ ଅତୀତରେ ସୀମା-ପାର 'ସର୍ଜିକାଲ ଷ୍ଟ୍ରାଇକ୍' ସମ୍ପନ୍ନ କରିଛି। ଏଭଳି ପରିପ୍ରେକ୍ଷୀରେ ତେଣୁ ଇସ୍ରାଏଲ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବାର୍ତ୍ତା ଅତ୍ୟନ୍ତ ଗୁରୁଗମ୍ଭୀର ହେବା ସହିତ ଏହା ସ୍ପଷ୍ଟ ଭାବରେ ସମର୍ଥନ ଓ ସହାନୁଭୂତିର ସ୍ୱରକୁ ବହନ କରିବା ସ୍ୱାଭାବିକ।

# କ୍ୟୁବେକର ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ



ସୌମେନ୍ଦ୍ର ଜେନା

ଗତ କିଛିଦିନ ହେବ ଗଣମାଧ୍ୟମ ଗୁଡିକରେ କ୍ୟୁବେକ୍‌ର ସ୍ୱାଧୀନତା ବିଷୟରେ ଅନେକ ଖବର ପ୍ରକାଶ ପାଇଛି। ଏପରିକି କାନାଡା ସରକାର ବିଚ୍ଛିନ୍ନତାବାଦୀ ଖାଲିସ୍ଥାନୀଙ୍କୁ ସମର୍ଥନ କରି ଯେପରି ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରୋତ୍ସାହନ ଦେଉଛି ଠିକ୍ ସେମିତି ଭାରତ ସରକାର କାନାଡାର କ୍ୟୁବେକ୍ ପ୍ରଦେଶରେ ଦୀର୍ଘ ଦିନଧରି ଚାଲିଆସିଥିବା ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ ପ୍ରଦାନ କରି ଆର୍ଥିକ ସହାୟତା ମଧ୍ୟ କରିବା ଦରକାର ବୋଲି ମତ ପ୍ରକାଶ ପାଉଛି।

ଦେଖିବାକୁ ଗଲେ କ୍ଷେତ୍ରଫଳ ଦୃଷ୍ଟିରୁ ରୁଷିଆ ପରେ କାନାଡା ହେଉଛି ପୃଥିବୀର ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର। କିନ୍ତୁ ଏହାର ଜନସଂଖ୍ୟା ମାତ୍ର ପାଖାପାଖି ଚାରିକୋଟି। ପ୍ରଧାନମନ୍ତ୍ରୀ ଦେଶର ନିର୍ବାଚିତ ସରକାରର ମୁଖ୍ୟ ହୋଇଥିଲେ ମଧ୍ୟ ଦେଶର ଗଭର୍ଣ୍ଣର ଜେନେରାଲ ବ୍ରିଟେନ ରାଜସତ୍ତାର ପ୍ରତିନିଧି ଭାବେ କାର୍ଯ୍ୟ କରିଥାନ୍ତି। କାନାଡା ସରକାର ବ୍ରିଟେନର ରାଜସତ୍ତାକୁ ମାନ୍ୟତା ପ୍ରଦାନ କରିଛନ୍ତି। କାନାଡା ରାଷ୍ଟ୍ରର ନାମ ଠିକ୍ କୋଲ୍‌କାତା ସହରର ନାମକରଣ ପରି ଏକ ଗ୍ରାମର ନାମକୁ କେନ୍ଦ୍ରକରି ହୋଇଛି। କାନାଡା ଶବ୍ଦଟି ହୁରୋନ ଇରୋକ୍ୟୋଇସ୍ କାନାଡା (ଗ୍ରାମ ବା ବାସସ୍ଥଳୀ)ରୁ ଆସିଛି। ୧୬ଶ ଶତାବ୍ଦୀରେ ଫ୍ରାନ୍ସର ଆବିଷ୍କାରକ ଜାକ୍ସେ କାର୍ଟର କ୍ୟୁବେକ୍ ସହର ଆଖପାଖର ଅଞ୍ଚଳକୁ ନେଇ ନାମକରଣ କରିଥିଲେ। ପରେ ନିଉ ଫ୍ରାନ୍ସ ପାଇଁ ଏହି ନାମ ୧୫୩୪ରୁ ୧୭୬୩ ପର୍ଯ୍ୟନ୍ତ ବ୍ୟବହାର ହୋଇଥିଲା। ସେଣ୍ଟ ଲରେନ୍ସ ନଦୀ ଏବଂ ଗ୍ରେଟ ଲେକ୍‌ର ନିକଟବର୍ତ୍ତୀ ଫ୍ରାନ୍ସ ଅଧିକୃତ ଅଞ୍ଚଳ ନିମନ୍ତେ ଏହି ନାମର ବ୍ୟବହାର ହୋଇଥିଲା। କିନ୍ତୁ ଇଂରେଜମାନେ ନିଉ ଫ୍ରାନ୍ସକୁ ଦଖଲ କରିନେବା ପରେ କାନାଡା ବଦଳରେ କ୍ୟୁବେକ୍ ନାମକୁ କିଛି କାଳ ବ୍ୟବହାର କଲାପରେ ୧୭୯୧ପରେ କାନାଡା ନାମକୁ ବ୍ୟବହାର କଲେ। ସେହି ବର୍ଷ ବ୍ରିଟେନ ସରକାର କ୍ୟୁବେକ୍‌କୁ ବିଭାଜନ କରି ଉର୍ଦ୍ଧ୍ୱ ଏବଂ ନିମ୍ନ କାନାଡା ନାମଦେଲେ, ଯାହା ପରେ ୧୮୪୧ରେ କାନାଡା ୱେଷ୍ଟ ଏବଂ କାନାଡା ଇଷ୍ଟ ନାମରେ ପରିଚିତ ହେଲା। ୧୮୬୭ରେ ବ୍ରିଟିସ ଉତ୍ତର ଆମେରିକା ଆଇନ ବଳରେ ନୋଭା ସ୍କଟିଆ, ନ୍ୟୁ ବ୍ରୁନ୍ସୱିକ ଏବଂ କାନାଡା ଉପନିବେଶକୁ ମିଶାଇ କାନାଡା ରାଷ୍ଟ୍ର ଗଠନ କଲେ। ଏହି ଆଇନରେ ପୁରୁଣା କାନାଡାକୁ ଓଣ୍ଟାରିଓ ଏବଂ କ୍ୟୁବେକ୍ ରାଜ୍ୟରେ ବିଭାଜିତ କରିଥିଲେ। କାନାଡା ରାଷ୍ଟ୍ର ଗଠନ ପରେ ଅନେକ ବିଷୟ ସ୍ଥାନୀୟ ସରକାରଙ୍କ ଦାୟିତ୍ୱରେ ରହିଲା। ହେଲେ ଆନ୍ତର୍ଜାତିକ କୂଟନୀତି ଏବଂ ପ୍ରତିରକ୍ଷା ମେଣ୍ଟ କେବଳ ବ୍ରିଟେନ ସରକାରଙ୍କ ହାତରେ ରହିଲା। ୧୯୩୧ରେ କାନାଡାକୁ ବ୍ରିଟିସ ସରକାରଙ୍କ ଅଧିନରେ ସ୍ୱାୟତ୍ତତା ପ୍ରଦାନ କରାଯିବାବେଳେ ୧୯୮୨ରେ ହିଁ କାନାଡାକୁ ନିଜର ସମ୍ବିଧାନ ସଂଶୋଧନ କରିବାକୁ କ୍ଷମତା ପ୍ରଦାନ କରାଯାଇଥିଲା। ଆମେରିକା ସହ କାନାଡାର ୮୮୯୦ କିଲୋମିଟର ଦୀର୍ଘ ସୀମା ରହିଛି। କାନାଡାର ଇଂରେଜୀ ଭାଷାଭାଷୀ ଅଞ୍ଚଳର ପ୍ରଶାସନିକ ବ୍ୟବସ୍ଥା ବ୍ରିଟେନ ସହ ସାମଞ୍ଜସ୍ୟ ରଖେ। କିନ୍ତୁ କ୍ୟୁବେକ୍ ଅଞ୍ଚଳରେ ଫ୍ରାନ୍ସର ଭାଷା ଓ ପ୍ରଶାସନିକ ବ୍ୟବସ୍ଥା ପ୍ରଚଳିତ। କ୍ୟୁବେକର ଧର୍ମ, ସ୍ଥାପତ୍ୟ, ବିଦ୍ୟାଳୟ ଶିକ୍ଷାରେ ଫ୍ରାନ୍ସର ପ୍ରଭାବ ଦେଖିବାକୁ ମିଳିଥାଏ। ସଡକର ଫଳକ, ବସ୍ତୁର ପ୍ୟାକେଟ ଏବଂ ସ୍ଥାନର ନାମ ଉଭୟ ଫ୍ରେଞ୍ଚ ଏବଂ ଇଂରାଜୀରେ ଲେଖାଯିବାର ଦେଖିବାକୁ ମିଳେ।

ଆଦିମ କାଳରୁ ବନବାସୀମାନେ କାନାଡାର ମୂଳ ଅଧିବାସୀଭାବେ ରହିଆସିଥିଲେ। ୧୬ଶ ଶତାବ୍ଦୀ ବେଳକୁ ଫ୍ରାନ୍ସ ଏବଂ ବ୍ରିଟେନର ଲୋକେ ଆଟଲାଣ୍ଟିକ ମହାସାଗର ଉପକୂଳ ଅଞ୍ଚଳ ଦଖଲ କରି ନିଜର ଉପନିବେଶ ପ୍ରତିଷ୍ଠା କଲେ। ଏମାନଙ୍କ ମଧ୍ୟରେ ବାରମ୍ବାର ସଂଘର୍ଷ ହେଉଥିଲା। ୧୭୬୩ରେ ଫ୍ରାନ୍ସ ଏହାର ପ୍ରାୟ ସବୁ ଉପନିବେଶଗୁଡିକୁ ଉତ୍ତର ଆମେରିକାରେ ସାମିଲ କରିଦେଇଥିଲା। ୧୮୬୭ରେ ବ୍ରିଟେନର ତିନୋଟି ଉତ୍ତର ଆମେରିକାର ଉପନିବେଶକୁ ମିଶାଇ କାନାଡାର ଗଠନ କରାଯାଇଥିଲା। କାନାଡାର ନିର୍ବାଚନ ଆମେରିକା ପରି ପ୍ରତି ଚାରିବର୍ଷରେ ଥରେ ଅକ୍ଟୋବର ମାସରେ ହିଁ ହୋଇଥାଏ। ଗଭର୍ଣ୍ଣର ଜେନେରାଲ ସାଧାରଣ ନିର୍ବାଚନ ଘୋଷଣା କରିଥାନ୍ତି। ବ୍ରିଟେନର ରାଜା ହିଁ କାନାଡାର ରାଜା। କ୍ଷେତ୍ରଫଳ ଦୃଷ୍ଟିରୁ କ୍ୱିବେକ ରାଜ୍ୟ ବଡ, ଫ୍ରେଞ୍ଚ ଭାଷାଭାଷୀ ଅଧ୍ୟୁଷିତ ଏବଂ ସମୁଦ୍ରର କୂଳରେ ଅବସ୍ଥିତ। କ୍ୟୁବେକବାସୀ ଆଜିଯାଏଁ ସାଂସ୍କୃତିକ ଓ ରାଜନୈତିକ ଦୃଷ୍ଟିରୁ କାନାଡା ସହ ମିଶି ପାରିନାହାନ୍ତି। ସେଥିପାଇଁ ଭିନ୍ନ ଭିନ୍ନ ସମୟରେ ସେମାନେ କାନାଡାରୁ ଅଲଗା ହୋଇ ଫ୍ରେଞ୍ଚଭାଷୀ ରାଷ୍ଟ୍ରଗଠନ କରିବା ପାଇଁ ଆନ୍ଦୋଳନ କରିଆସିଛନ୍ତି। ଅତୀତରେ ଦୁଇଥର ଏଥିପାଇଁ ଗଣଭୋଟ କରାଯାଇଥିଲା। ଶେଷ ଗଣଭୋଟ ୧୯୯୫ରେ ହୋଇଥିଲା। ଅଳ୍ପ କେଇ ହଜାର ଭୋଟର ଅଭାବ ଯୋଗୁ କ୍ୟୁବେକ୍ ସ୍ୱାଧୀନତା ଲାଭ କରିପାରିଲା ନାହିଁ। କିନ୍ତୁ ସ୍ୱାଧୀନ କ୍ୟୁବେକ୍ ଗଠନର ଦାବି ଏବଂ ସଂଗ୍ରାମ ଶେଷ ହୋଇନାହିଁ, ଆଜି ମଧ୍ୟ ଜାରି ରହିଛି, ଯେଉଁ ସଂଗ୍ରାମକୁ ସମର୍ଥନ କରି ଭାରତ କାନାଡାକୁ ନିୟନ୍ତ୍ରଣ କରିପାରିବ ବୋଲି କୁହାଯାଉଛି। କ୍ୱିବେକ ଜାତୀୟତାବୋଧରୁ କ୍ୱିବେକ ସ୍ୱାଧୀନତା ସଂଗ୍ରାମର ଜନ୍ମ। ୧୯୬୦ ଦଶକରେ ରାଜନୈତିକ ସ୍ୱାୟତ୍ତତା ଦାବିରୁ ଏହାର ସୃଷ୍ଟି। ଉତ୍ତର ଆମେରିକାରେ ୧୫୩୪ରୁ ଜାକ୍ସେ କାର୍ଟର ଫ୍ରାନ୍ସରୁ ଆସି ମିକ୍‌ମାକୀ ଜିଲ୍ଲାରେ ପହଞ୍ଚିବା ପରଠାରୁ ଏବଂ ୧୬୦୮ରେ ସାମୁଏଲ ଡେ କାମ୍ପେଲନ୍‌ଙ୍କ ଦ୍ୱାରା କ୍ୱିବେକ୍ ଜନବସତି ସ୍ଥାପନରୁ କ୍ୱିବେକର ସୃଷ୍ଟି। ନିଉ ଫ୍ରାନ୍ସ ଅଞ୍ଚଳକୁ ବ୍ରିଟିସ ସେନା ଦଖଲ କରିବା ପରେ ଫ୍ରାନ୍ସ ମୂଳର କାନାଡାବାସୀଙ୍କ ସାଂସ୍କୃତିକ ଅଧିକାରକୁ ୧୭୬୩ରେ ଉଚ୍ଛେଦ କରାଯାଇଥିଲା। ୧୭୭୪ରେ କ୍ୱିବେକ୍ ଆଇନରେ କିଛିଟା ଅଧିକାର ଦେବାକୁ ଘୋଷଣା କରାଯାଇଥିଲେ ମଧ୍ୟ ତାହା ବାସ୍ତବରେ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିନଥିଲା। ତେଣୁ ୧୭୮୩ରେ ପ୍ୟାରିସ ଚୁକ୍ତି ଅନୁଯାୟୀ କ୍ୱିବେକର କିଛି ଅଂଶ ଆମେରିକାରେ ମିଶିଥିଲା ଏବଂ ସାମ୍ବିଧାନିକ ଆଇନ ୧୭୯୧ରେ ୱେଷ୍ଟ ମିନିଷ୍ଟର ପ୍ରଶାସନିକ ବ୍ୟବସ୍ଥାକୁ କ୍ୱିବେକରେ ଲାଗୁ କରାଯାଇଥିଲା। ଉନବିଂଶ ଶତାବ୍ଦୀର ଆରମ୍ଭରେ ଦି ପାଟ୍ରିଓଟୋ ମୁଭମେଣ୍ଟ (ଦେଶଭକ୍ତ ଆନ୍ଦୋଳନ) ଆରମ୍ଭ ହୋଇ ୧୮୩୮ ପର୍ଯ୍ୟନ୍ତ ଚାଲିଥିଲା। ପରେ ୧୯୬୦ ଦଶକରେ କ୍ୱିବେକ୍ ସ୍ୱାଧୀନତା ପାଇଁ ଆନ୍ଦୋଳନ ଜୋର ଧରିଲା। ୨୫ ଜାନୁଆରୀ ୧୯୫୭ରେ ରେମଣ୍ଡ ବାର୍ବେଭଙ୍କ ଦ୍ୱାରା ଆଲିଆନ୍ସ ଲରେନ୍‌ଣ୍ଟିଏନ୍ନେ ଆରମ୍ଭ ହେଲା। ୧୦ ସେପ୍ଟେମ୍ବର ୧୯୬୦ରେ ରିନ୍ ନାମକ ସଂଗଠନ ଜନ୍ମନେଲା, ଯାହାର ନେତା ପିରେ ବୋରଗଲ୍ଟ ରହିଲେ। ୯ଅଗଷ୍ଟ ୧୯୫୭ରେ ରାଓଲରୟ ଏସିକ୍ ସଂଗଠନ ଆରମ୍ଭ କଲେ। ୩୧ ଅକ୍ଟୋବର ୧୯୬୨ରେ କ୍ୱିବେକବାସୀଙ୍କ ଅଧିକାରର ସୁରକ୍ଷା, ନାଗରିକ ଶୋଷଣ ବିରୁଦ୍ଧରେ ଲଢିବା ନିମନ୍ତେ ସ୍ଥିର ହେଲା। କ୍ୱିବେକ ସାଧାରଣ ନିର୍ବାଚନପରେ ୧୪ନଭେମ୍ବର ୧୯୬୨ରେ ମାର୍ଶେଲ ଚପୁଟ ନୂଆ ଏକ ରାଜନୈତିକ ଦଳ ପାର୍ଟି 'ରିପବ୍ଲିକାନ ଡୁ କ୍ୱିବେକ୍' ସ୍ଥାପନା କଲେ, ଯାହା ଅଧିକ ଦିନ ଚାଲିପାରିଲା ନାହିଁ। ଫେବୃଆରୀ ୧୯୬୩ରେ ଫ୍ରଣ୍ଟ ଡେ ଲିବରେସନ ଡୁ କ୍ୱିବେକ୍ (ଏଫ୍‌ଏଲ୍‌କ୍ୟୁ) ସଂଗଠନ ଜର୍ଜେସ ସ୍କୋଏଟର୍ସ, ରେମଣ୍ଡ ଭିଲ୍ଲେନୁଭେ ଏବଂ ଗାବ୍ରିଏଲ ହୁଡନଙ୍କ ଦ୍ୱାରା ସ୍ଥାପନା ହେଲା। ଜୁନ୍ ୧୯୬୭ରେ ଫ୍ରାନ୍ସର ରାଷ୍ଟ୍ରପତି ଚାର୍ଲସ ଡେ ଗଲ୍ ଆଲଜେରିଆକୁ ସ୍ୱାଧୀନତା ପ୍ରଦାନ କଲେ। ସେ କାନାଡା ଗସ୍ତରେ ମଣ୍ଟ୍ରିଲକୁ ଆସିଥିବାବେଳେ 'ଭିଭେ ଲେ କ୍ୱିବେକ୍ ଲିବରେ' (କ୍ୱିବେକର ମୁକ୍ତି) ପାଇଁ ଆହ୍ୱାନ ଦେଲେ। ୧୯୬୯ରେ ଏଫ୍‌ଏଲକ୍ୟୁ ସଂଗଠନ ସଂଘର୍ଷର ଆହ୍ୱାନରେ ଯେଉଁ ଆନ୍ଦୋଳନ ଚଳାଇଲା ତାକୁ 'ଅକ୍ଟୋବର ସମସ୍ୟା' କୁହାଯାଇଥାଏ। ସେତେବେଳେ ମଣ୍ଟ୍ରିଲର ଷ୍ଟକ୍ ଏକ୍ସଚେଞ୍ଜ, ବ୍ରିଟେନର ବାଣିଜ୍ୟିକ ଅଧିକାରୀ ଜେମ୍ସ କ୍ରସ୍ ଏବଂ କ୍ୱିବେକ୍ ଶ୍ରମମନ୍ତ୍ରୀ ପିରେ ଲାପୋଟେଙ୍କୁ ଅପହରଣ କରି ନିଆଗଲା। ପରେ ଲାପୋଟେଙ୍କୁ ମୃତାବସ୍ଥାରେ ମିଳିଥିଲେ।

୧୯୭୦ର ସାଧାରଣ ନିର୍ବାଚନରେ ପାର୍ଟି କ୍ୱିବେକୋଇସକୁ ନେସନାଲ ଆସେମ୍ବ୍ଲିରେ ୭ଟି ଆସନ ମିଳିଲା। ୧୯୭୬ ନିର୍ବାଚନରେ ଏହି ଦଳ ୭୧ଟି ଆସନ ଲାଭକରି ନେସନାଲ ଆସେମ୍ବ୍ଲିରେ ସଂଖ୍ୟା ଗରିଷ୍ଠତା ଲାଭ କଲା। ଜୁନ୍ ୧୯୭୯ରେ କ୍ୱିବେକରେ ଗଣଭୋଟ ପାଇଁ ଦାବି ହେଲା। କିନ୍ତୁ ୧୯୮୦ରେ ୬୦ ପ୍ରତିଶତ ଭୋଟରଙ୍କ ଦ୍ୱାରା ତାହା କାଟ ଖାଇଗଲା। ୧୯୮୧ରେ ପିକ୍ୟୁ ଦଳ ୮୦ ଆସନରେ ବିଜୟୀ ହେଲା। ହେଲେ ବରିଷ୍ଠ ନେତା ରେନେ ଲେଭେସ୍କୁଙ୍କର ୧୯୮୭ରେ ମୃତ୍ୟୁପରେ କ୍ୱିବେକ ଆନ୍ଦୋଳନ ଦୁର୍ବଳ ହେଲା, ଲିବରାଲ ପାର୍ଟିଠାରୁ ନିର୍ବାଚନରେ ପିକ୍ୟୁ ଦଳ ପରାଜିତ ହେଲା। କିନ୍ତୁ ୧୯୯୫ରେ ପୁନର୍ବାର ଗଣଭୋଟ ହେଲା। ଏହି ଭୋଟଦାନରେ କ୍ୱିବେକକୁ ଆସିଥିବା ବାହାରଲୋକେ ସ୍ୱାଧୀନତା ବିରୁଦ୍ଧରେ ମତଦେବା ଯୋଗୁ ୫୬.୬-୪୯.୪ ପ୍ରତିଶତ ମତରେ ପ୍ରସ୍ତାବ କାଟ ଖାଇଗଲା। ୧୯୯୮ ସାଧାରଣ ନିର୍ବାଚନ ବେଳେ ମଧ୍ୟ ଏହି ବିଷୟ ପୁନର୍ବାର ଉଠିଲା।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ବାଲୁତ ବୀରବାଜି ରାଉତ

ବୈଷ୍ଣବ ମେହେର

'ଏଡ଼ିକି ସେ ଅମାନିଆ ପିଲା
ଫଉଜର ଗୁଳି ଗୋଳା, ରଜା,
ଝଡ଼, କିଛି ନ ମାନିଲା
ଧୂଳି ଖେଳ ଛାଡ଼ି
ଗୁଳି ଆଗେ ଜୀବନକୁ ହସିହସି
ଦେଲା ସିନା ବାଢ଼ି।'

ଉକ୍ତ ପଦରେ କବି ଅନନ୍ତ ପଟ୍ଟନାୟକ ଯାହାକୁ ସମ୍ମୋହିତ କରିଛନ୍ତି ସେ ହେଉଛନ୍ତି ବୀର ବାଳକ ବାଜି ରାଉତ। ଭାରତକୁ ଅତ୍ୟାଚାରୀ ବ୍ରିଟିଶ କବଳରୁ ମୁକ୍ତି ଦେବା ପାଇଁ ଯେଉଁମାନେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ସେହି ବୀରମାନଙ୍କ ମଧ୍ୟରେ ଓଡ଼ିଶା ମାଟିର ବୀର ପୁଅ ବାଜି ରାଉତ ଅନନ୍ୟ। ବାଜି ରାଉତ ଏଥିପାଇଁ ସ୍ୱତଂତ୍ର ଯେ, ମାତ୍ର ବାର ବର୍ଷ ବୟସରେ ମାଟି ମାତୃକା ପାଇଁ ଜୀବନ ଦେବା ସମଗ୍ର ଭାରତ ପାଇଁ ବିରଳ ଘଟଣା। ଯାହା ଅନ୍ୟ ଶହଶହ ସଂଗ୍ରାମୀଙ୍କ ମନରେ ଶତ ସିଂହର ଶକ୍ତି ଭରିଦେଇ ଅତ୍ୟାଚାରୀ ଇଂରେଜ ବିରୁଦ୍ଧରେ ତଥା ଭାରତ ମୁକ୍ତି ସଂଗ୍ରାମରେ ଝାସ ଦେବାକୁ କରିଥିଲା ଉତ୍ସାହିତ ଓ ପ୍ରେରିତ। ବାଜି ରାଉତଙ୍କ ତତଲା ରକ୍ତ ସେଦିନ ସଂଗ୍ରାମୀଙ୍କ ମନରେ ଜାଗ୍ରତ କରିଥିଲା ଗଭୀର ଆତ୍ମବିଶ୍ୱାସ ଓ ଅପାର ସାହସିକତାର ମହାମଂତ୍ର।

ଉତ୍କଳ ମାଆର ବୀର ପୁତ୍ର ବାଜି ରାଉତ ୧୯୨୬ ମସିହା ଅକ୍ଟୋବର ପାଂଚ ତାରିଖରେ ଢେଙ୍କାନାଳ ଜିଲ୍ଲାର ନିଳକଣ୍ଠପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପିଲା ବେଳୁ ବାପା ହରି ରାଉତଙ୍କୁ ହରାଇ ଥିବା ବାଜି ମାଆଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଥିଲେ। ସେତେବେଳେ ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କରୁଥିବା ଢେଙ୍କାନାଳର ରାଜା ଶଙ୍କର ପ୍ରତାପ ସିଂହଦେଓଙ୍କ ବିରୋଧରେ ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ପ୍ରଜାମଣ୍ଡଳରେ ଛୋଟ ପିଲା ବାଜିଙ୍କ ଯୋଗଦାନ, ଅତ୍ୟାଚାରକୁ ସହିନଯାଇ ତା'ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କରିବା କୋମଳମତୀ ବାଜି ରାଉତଙ୍କ ସହଜାତ ପ୍ରବୃତ୍ତି ବୋଲି ଅନୁମାନ କରାଯାଇପାରେ।

ପରାଧିନ ଭାରତର ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାର ସାଧାରଣ ଲୋକମାନେ ମଧ୍ୟ ଇଂରେଜଙ୍କ ଅତ୍ୟାଚାର ଓ ଶୋଷଣର ଶିକାର ହେଉଥିଲେ। ଇଂରେଜ ମାନେ ସୁବିଧା ସୁଯୋଗ ବାହାର କରି ନିଜକୁ ସୁହାଇବା ମୁତାବକ ନିୟମ ଲାଗୁ କରି ଓଡ଼ିଶାରେ ନିଜ କ୍ଷମତାକୁ ବଢ଼ାଇବାରେ ଲାଗିଲେ। ସେତେବେଳେ ଇଂରେଜମାନେ ଓଡ଼ିଶାକୁ ମୋଗଲବନ୍ଦୀ ଓ ଗଡ଼ଜାତ ଅଂଚଳ ଭାବରେ ଦୁଇ ଭାଗରେ ବିଭକ୍ତ କରିଦେଲେ। ମୋଗଲବନ୍ଦୀ ଅଂଚଳରେ ଜମିଦାର ମାନେ ଓ ଗଡ଼ଜାତ ଅଂଚଳରେ ରାଜାମାନେ ଶାସନ ଦାୟିତ୍ୱରେ ରହି ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କରୁଥିଲେ। ରାଜା ତଥା ତାଙ୍କ କର୍ମଚାରୀଙ୍କ ଅକଳନୀୟ ଅତ୍ୟାଚାର, ଅନ୍ୟାୟ ଶୋଷଣରେ ବିଶେଷ ଭାବରେ ଗଡ଼ଜାତ ଅଂଚଳବାସୀ ଅତିଷ୍ଠ ହୋଇପଡ଼ିଥିଲେ। ଏହି ସବୁ ଅତ୍ୟାଚାର ବିରୋଧରେ କାଁଭାଁ କେଉଁଠି ଯଦି ସାମାନ୍ୟ ସ୍ୱର ଉତ୍ତୋଳନ ହେଉଥିଲା, ତାକୁ ପୂର୍ଣ୍ଣ ଶକ୍ତିର ସହ ରାଜାଙ୍କ ପାରିଷଦ କିମ୍ବା ଇଂରେଜ ସୈନିକ ମାନେ ଦମନ କରୁଥିଲେ। ତଥାପି ପୁଞ୍ଜିଭୁତ ଅସନ୍ତୋଷ କ୍ରମଶଃ ଲୋକଙ୍କ ମଧ୍ୟରେ କୁହୁଳିବା ଆରମ୍ଭ ହୋଇଥିଲା। ପରିଣାମ ଅନେକ ଗାଁରେ ପ୍ରଜାମଣ୍ଡଳ ମାଧ୍ୟମରେ ଅତ୍ୟାଚାରିତ ଜନତା ଏକଜୁଟ ହେବାକୁ ଲାଗିଲେ। ୧୯୩୮ ମସିହା ଅକ୍ଟୋବର ୧୧ ତାରିଖ ବରଷା, ବତାସ ଓ ବିଜୁଳିରେ ଚମକୁ ଥିବା ଭୟଙ୍କର ଅନ୍ଧାର ରାତିରେ ଗଡ଼ଜାତ ପ୍ରଜାମଣ୍ଡଳର ଆଦେଶ ପାଇ ସାଥି ସ୍ୱେଚ୍ଛାସେବୀଙ୍କ ସହ ବ୍ରାହ୍ମଣୀ ନଦୀଘାଟରେ ଡଙ୍ଗା ଜଗିଥିଲେ ପ୍ରଜାମଣ୍ଡଳର ବାଲୁତ ସିପାହୀ ବାଜି ରାଉତ। ଗୋରା ଫଉଜଙ୍କୁ ନଦୀ ପାର କରାଇ ନଦେଇ ପ୍ରଜାମଣ୍ଡଳର ସାଥିଙ୍କୁ ନିରାପଦରେ ନଦୀ ପାରି କରିବା ଥିଲା ବାଜିଙ୍କ ସେଦିନର ଦାୟିତ୍ୱ। ସୂର୍ଯ୍ୟୋଦୟର ଅବ୍ୟବହିତ ପୂର୍ବରୁ ପ୍ରଜାମଣ୍ଡଳକୁ ଦମନ କରିବାକୁ ଆସିଥିବା ଇଂରେଜ ପୋଲିସର ନଦୀପାର କରାଇ ଦେବା ପାଇଁ କର୍କଶ ସ୍ୱରର ଆଦେଶ ସତ୍ୱେ ବାଜି ରାଉତ ଘାଟରୁ ଡଙ୍ଗା ଫିଟାଇଲେ ନାହିଁ। ସାମାନ୍ୟ ବାଳକର ହେୟଜ୍ଞାନ ଓ ବେଖାତିର ମନୋଭାବ ଇଂରେଜ ସୈନିକଙ୍କୁ ଅସହ୍ୟ ହେଲା ଏବଂ ସେମାନେ ବାଜି ରାଉତଙ୍କୁ ଗୁଳି କରି ହତ୍ୟା କଲେ। ସକାଳ ହେଲା ବେଳକୁ ଅକ୍ଟୋବର ୧୨ ତାରିଖ। ଭାରତର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କୁ ସମ୍ମାନ ଜଣାଇ ସେଦିନ କଟକ ନଗରୀ ପରିକ୍ରମା କଲା ପରେ ଖାନନଗର ଶ୍ମଶାନରେ ବାଜିଙ୍କ ମର ଶରୀର ଜଳି ଉଠିଲା। ପରାଧିନ ଭାରତର ଅମାଅନ୍ଧକାର ଭିତରେ ମୁକ୍ତିର ବାଟ ଫିଟାଇବାକୁ ବାଜି ରାଉତଙ୍କ ଚିତା କିନ୍ତୁ ସେଦିନ ସାଜିଥିଲା ଆଲୋକବର୍ତ୍ତୀକା। ସେଥିପାଇଁ ତ କବି ସଚ୍ଚି ରାଉତରାୟ ଲେଖିଥିଲେ-

ନୁହେଁ ବନ୍ଧୁ ନୁହେଁ ଏହା ଚିତା,
ଏଦେଶ ତିମିର ତଳେ,
ଏ ଅଲିଭା ମୁକତି ସଳିତା।

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## କବିତା କୋଣାର୍କ

### ବିଦେଶୀ ମନ

ରାହାସ କୁମାର ବେହେରା

ବିଦେଶୀ ମନ ବିଦେଶୀ ଧନ
ବିଦେଶୀ କଥା ଯେ କହୁଛ
ବାପାକୁ ଡାଡି ମାଆକୁ ମମି
ନିତି ନିତି ଡାକି ଚାଲିଛ।

ଚକୁଳି ପିଠା ଲାଗୁଛି ଖଟା
ଚାଓମିନ ପିଜା ଖାଉଛ
ବର୍ଗର, ମୋମୋ ଲାଗୁଛି ମଜା
ଆରିସାକୁ ଭୁଲି ଯାଉଛ।

ଧୋତି, ପଞ୍ଜାବି ଆଦର ନାହିଁ
ଜିନ୍ସ ଜାମା ନିତି ପିନ୍ଧୁଛ
ଘାଗରା, ଶାଢ଼ୀ ଓଢଣା ଛାଡି
ଗାଉନରେ ଦେହ ସାଜୁଛ।

ଗାଆଁ ମାଟିକୁ ମମତା ନାହିଁ
ବିଦେଶୀ ସେନେହେ ବଞ୍ଚୁଛ
ଦହି ସର୍ବତ ଲାଗୁନି ଭଲ
ମୃଦୁ ପାନୀୟକୁ ପିଉଛ।

କେଡେ ସୁନ୍ଦର ଆମ ସଂସ୍କୃତି
କେମିତି ଅନ୍ତର କରୁଛ
ବିଦେଶୀ ମାୟା କରିଛି ଗ୍ରାସ
ଏକାକୀ ସ୍ୱାର୍ଥରେ ରହୁଛ।

ସେଇ ବିଦେଶୀ ବିକଳ ଅତି
ଖୋଜନ୍ତି ଆମର ଆଧାର
ଆମ ଐତିହ୍ୟ ପାଆନ୍ତି ଭଲ
ସୁଖରେ କରନ୍ତି ସଂସାର।

ଭୁଲିବା ନାହିଁ ପରମ୍ପରାକୁ
ଆମ ସ୍ଥାପତ୍ୟ ଆମେରେ
ତେବେରେ ଯାଇ ହେବା ମହାନ
ବିଜୟୀ ହେବା ଏ ମହୀରେ।

ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ :୭୬୯୦୧୫
ମୋ:୯୪୩୮୧୧୪୩୬୮

### ରାଧା ମା

କୀର୍ତ୍ତନ ସାହୁ

ରାଧା ମା
ନିଇତି ଆସେ
ଘର ଘର ବୁଲି
ବାସି ପାଇଟି କରେ
ସେ ମଜ୍ଜିଯାଏ ତାରି କାମରେ
ସେ ହଜିଯାଏ ତା ଇଲାକାରେ
ସେ ଖୋଜେନା ଉଚ୍ଚ ଆସନ
ସେ ଖୋଜେନା କାହାର ସମ୍ମାନ
ତା କାମ ତାର ପୂଜା
ସେ ବୁଝିଛି ତା
ଜୀବନ ଜୀଇଁବାର ତରିକା
ବେଳ ଉଇଁଲେ
ତା ସ୍ୱପ୍ନ ଆରମ୍ଭ ହୁଏ
ବେଳ ବୁଡିଲେ
ତା ସ୍ୱପ୍ନ ଶେଷ ହୁଏ
ସେ ଗୀତ ଗାଏ
ତା ନିଜ ଜୀବନର
ସେ କଥା କହେ
ତା ସମ୍ପର୍କର କଥା
ଆଉ କିଛିରେ ମୁଣ୍ଡ
ପୁରେଇବା ପାଇଁ ତାର ବେଳ କାହିଁ !

ତା ପରିବାର କହିଲେ
ତା ପୁଅ ଝିଅ ତା
ଅସହାୟ ଗେରସ୍ତ
ଗେରସ୍ତର ଦେହ ଖରାପ
ସବୁ ଚିନ୍ତା
ରାଧା ମା ଉପରେ
ସେ ଡରି ଯାଇନି
କି ହାରି ଯାଇନି
ଜୀବନ ଜୀଇଁବା ସଂଘର୍ଷରେ
ସଂଗ୍ରାମ ଜାରି ରଖିଛି
ପରିବାରକୁ ଦି' ଟା ଖୁଏଇ
ନିଜ ମୁହଁରେ ଦି' ଟା ଦାନା ଦେଇ
ଗୋଟେ ଦିନ ବଞ୍ଚି ଯିବା
ତା ମନରେ ଆସେନା ଇର୍ଷା
ଲୋଭ ତାକୁ କରାୟତ କରେନା
ସେ ବୁଝିଛି ତା ପରିସର
ସେ ଘୁରି ବୁଲେ ତା ପରିଧିରେ
କେନ୍ଦ୍ର ତା ପରିବାର
କାହାର ମନ୍ଦ ଚିନ୍ତା
ତା ମନରେ ଆସେନା
ତା ମନରେ ନାହିଁ ତୁଳନା
କାହା ସାଙ୍ଗରେ ସିଏ ବି ସ୍ୱପ୍ନ ଦେଖେ
ଗୋଟେ ଭଲ ଦୁନିଆ ଗଢିବାର
ଗୋଟେ ସୁନାର ଭାରତ ବନିବାର।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

### ସବୁଜ କ୍ଷେତରେ ସୁନେଲି ଖରା

ସୁହଂସ ଭୋଇ



ସବୁଜ କ୍ଷେତରେ ସୁନେଲି ଖରା
ରୂପ ମନୋରମ ଦିଶୁଛି ତୋରା
ମରତେ ଆସିଛି ଶରତ ପରା
ଖିଲିଖିଲି ହୋଇ ହସୁଛି ଧରା

ତଳେ ନୀଳ ଜଳ ଯାଉଛି ବହି
ନଈ ଧାରେ ସେତ ମିଶିବ ଯାଇ
ତହିଁ ମୀନ ଖେଳେ ହରଷ ହୋଇ
ଲୁଚି ମାଛରଙ୍କା ରହିଛି ଚାହିଁ

ଭାବୁଛି ମୋ ଚାଷୀ ହିଡରେ ବସି
ମୁଣ୍ଡରେ ପଗଡି ମନରେ ଖୁସି
ମେହେନତ ଆଜି ସୁନା ହୋଇଛି
ଦେଖି ଛାତି ତାର ଫୁଲି ଉଠୁଛି

ଧାନ ସହ ମୁଗ କୋଳଥ ବିରି
ବିଲରେ ବାଦାମ ରହିଛି ଭରି
ବିହଙ୍ଗମ ବୁଲେ ସେ ଘିରିଘିରି
ଜଗିଛି ଶିକାରୀ ବାଟୁଲି ଧରି

ନ ରହିବ ଆଉ ପେଟରେ ଭୋକ
ଆହାରେ ପୁରିବ ବରଷ ଯାକ
ଆଉ ବରଷକୁ ନାହିଁ ଭରସା
କେ କହି ପାରିବ ହେବ ବରଷା

ପହଣ୍ଡି, ବରଗଡ଼

### ପ୍ରେମ ପାଇଁ ସମୟ ନାହିଁ

ଦିବାକର ନାୟକ

କାହା ସାଥେ ଗପିବାକୁ ସମୟ ନାହିଁ
ତେଣୁ କାହାକୁ ବି ଭଲ ପାଉନି ମୁହିଁ।

ସବୁ କାମ ଛାଡ଼ି ଏଠି ଘଣ୍ଟା ଘଣ୍ଟା
କାହିଁକି ହେବି ମୁଁ କଥା
କେହି ଯଦି କେବେ ଧୋକା
ଦେବ ମୋତେ
ହେବ ଖାଲି ମୁଣ୍ଡ ବଥା

ନିଜେ ହେବି ବରବାଦ
ସହିବି ମୁଁ ଅପବାଦ
ଜଳିବାକୁ ହେବ ଚିନ୍ତା-ଚିତାରେ
ଶୋଇ..
କାହା ସାଥେ ଗପିବାକୁ ସମୟ ନାହ।

ପ୍ରେମ ମାନେ ଆଜି ଦେହ-ଭୋକ
ବେଶୀ
ଭାବ-ଶୋଷ ନାହିଁ ଜମା
ପ୍ରେମିକା ଏଇଠି ଯାଯାବର ସାଜେ
ହୁଏ ନାହିଁ ପ୍ରିୟତମା

ସବୁ ଅଳିକର ଖେଳ
ଗୋଡ଼ ଖସିଗଲେ କାଳ
ସମୟ ଅମୂଲ ମୂଲ
ଜାଣେ ମୋ ପାଇଁ..
କାହା ସାଥେ ଗପିବାକୁ ସମୟ ନାହିଁ।

ପାଟପୁର କନିସି ଗଞ୍ଜାମ
ମୋ:୯୯୩୮୬୧୯୯୮୧

## କେଉଁ ସମୟରେ ଖାଇବେ କେଉଁ ଫଳ



ଆମ ମଧ୍ୟରୁ ଅଧିକାଂଶ ଲୋକ ନିୟମିତ ଫଳହାର କରିଥାନ୍ତି। କିନ୍ତୁ କେଉଁ ସମୟରେ କେଉଁ ଫଳ ଖାଇବେ ସେ ନେଇ ଆୟୁର୍ବେଦରେ ନିର୍ଦ୍ଦିଷ୍ଟ ଭାବେ ବର୍ଣ୍ଣନା ରହିଛି। ତାକୁ ମାନିଲେ ଅଧିକ ସୁଫଳ ମିଳିପାରିବ।

ସେଓ – ସକାଳ ଜଳଖିଆ ସହିତ ସେଓ ଖାଇଲେ ଅଧିକ ଉପକାର ମିଳେ। ଏଥିରେ ଥିବା ପେକଟିନ ନାମକ ଫାଇବର ଉଚ୍ଚ ରକ୍ତଚାପର ଆଶଙ୍କାକୁ କମାଏ। କୋଲେଷ୍ଟେରୋଲର ସ୍ତରକୁ ବି ନିୟନ୍ତ୍ରଣ କରିଥାଏ। କିନ୍ତ ରାତିରେ ସେଓ ଖାଇବା ଅନୁଚିତ। କାରଣ ରାତିରେ ପେକଟିନ ହଜମ ହେବାରେ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଏସିଡିଟି ଆଶଙ୍କା ବଢ଼ିଥାଏ।





କଦଳୀ – ମଧ୍ୟାହ୍ନ ଭୋଜନ ସହିତ କଦଳୀ ଖାଇଲେ ଅଧିକ ସୁଫଳ ମିଳିଥାଏ। ଏହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ତେବେ ରାତିରେ କଦଳୀ ଖାଇବା ଅନୁଚିତ। ଏହାଦ୍ୱାରା ଖାଦ୍ୟ ହଜମରେ ଅସୁବିଧା ହୋଇଥାଏ।



କମଳା: ଅପରାହ୍ନରେ ସ୍ନାକ୍ସ ସହିତ କମଳା ଖାଇଲେ ଅଧିକ ସୁଫଳ ମିଳିଥାଏ। ସକାଳୁ ଖାଲିପେଟରେ ଏହାକୁ ଖାଇଲେ ପେଟ ସମ୍ବନ୍ଧୀୟ ସମସ୍ୟା ହେବାର ଆଶଙ୍କା ଥାଏ।

ଟମାଟୋ: କୁହାଯାଏ ଯେ ଗୋଟିଏ ଟମାଟୋ ଖାଇବା ଏକ ସେଓ ଖାଇବା ସହିତ ସମାନ। ହେଲେ ସକାଳୁ ବା ମଧ୍ୟାହ୍ନ ଭୋଜନରେ ଟମାଟୋ ଖାଇଲେ ଭଲ। ରାତିରେ ଏହାକୁ ଖାଇଲେ ହଜମ ସମସ୍ୟା ହୋଇପାରେ।

ଅଙ୍ଗୁର: ଅଙ୍ଗୁରରେ ଭିଟାମିନ ସି ସହିତ ପ୍ରଚୁର ପରିମାଣରେ ରୋଗ ପ୍ରତିରୋଧକ ଶକ୍ତି ରହିଛି। ଏଥିରେ ଥିବା ଜଳୀୟ ଅଂଶ ଶରୀରକୁ ସତେଜ ରଖିବାରେ ସହାୟକ ହୋଇଥାଏ। ପ୍ରତିଦିନ ସକାଳୁ ଖାଲିପେଟରେ ଗୋଟିଏ ଗ୍ଲାସ ଅଙ୍ଗୁର ଜୁସ୍ ପିଇଲେ କୋଷ୍ଠକାଠିନ୍ୟସ ମସ୍ୟା ଧୀରେ ଧୀରେ ଦୂର ହୋଇଥାଏ। ତେଣୁ ଦିନର ଅନ୍ୟ ସମୟ ଅପେକ୍ଷା ସକାଳୁ ଅଙ୍ଗୁର ଖାଇବା ଉପକାରୀ।



## କିନ୍ନରଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା




କିନ୍ନରଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ଯୋଗାଇ ଦେଉଥିବା କେରଳର କୋଟ୍ଟାୟାମ୍ ସରକାରୀ ଡାକ୍ତରଖାନା ଏବେ ଚର୍ଚ୍ଚାରେ। ପ୍ରତିଦିନ କିଛି ସମୟ ପାଇଁ ଏଠାରେ ଭିନ୍ନ ଭିନ୍ନ ବିଭାଗୀୟ ଡାକ୍ତରମାନଙ୍କ ଦ୍ୱାରା କିନ୍ନରମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଡାକ୍ତରଖାନାର ବର୍ହିବିଭାଗରେ ଏମାନେ ଧାଡ଼ିରେ ଛିଡ଼ା ହୋଇ ଚିକିତ୍ସା ସୁବିଧା ପାଇପାରୁଛନ୍ତି।ଅନ୍ୟମାନଙ୍କ ଦ୍ୱାରା ଥଟ୍ଟା, ପରିହାସର ଶିକାର ହେଉନାହାନ୍ତି। ସାଧାରଣତଃ ଏମାନଙ୍କୁ ନେଇ ଅନ୍ୟମାନଙ୍କ ମନରେ ଥିବା ପ୍ରଚ୍ଛନ୍ନ ହୀନମନ୍ୟତାରୁ ରକ୍ଷା ପାଇଁ ଏପରି ବ୍ୟବସ୍ଥା କରାଯାଇଛି। କିନ୍ନରମାନଙ୍କୁ ସମସ୍ତ ପ୍ରକାର ସହଯୋଗ ସହାୟତା ଯୋଗାଇଦେବା ସହିତ, ସାମାଜିକ ବାସନ୍ଦଜନିତ ଯନ୍ତ୍ରଣାକୁ ମୁକ୍ତି ଦେବା ଏହି ପ୍ରୟାସର ମୁଖ୍ୟ ଲକ୍ଷ୍ୟ।

## ମହିଳା ଡେଲିଭରି ଏଜେଂଟ

ଅନ୍ ଲାଇନ ବ୍ୟବସାୟରେ ସାମଗ୍ରୀ ବିତରଣ କାର୍ଯ୍ୟ ଏକଦା ପୁରୁଷମାନେ କରୁଥିବା ବେଳେ, ଏ କ୍ଷେତ୍ରରେ ଲକ୍ଷ୍ନୌର ଯୁବତୀ ପାର୍ବତୀ କୁମାରୀଙ୍କ ପ୍ରବେଶ ନିଶ୍ଚିତ ଭାବେ ଏକ ସଫଳ ଦୃଷ୍ଟାନ୍ତ। ଆମେରିକାର ଫାଷ୍ଟ୍ ଫୁଡ୍ କମ୍ପାନି କେଏଫସିର ଡେଲିଭରି ଏଜେଂଟ୍ ଭାବେ ପାର୍ବତୀ ନିଯୁକ୍ତି ପାଇଛନ୍ତି। ଡେଲିଭରି ଏଜେଂଟ୍ ବା ସାମଗ୍ରୀ ବିତରଣ ପ୍ରତିନିଧିଭାବେ ଏହି କମ୍ପାନିରେ ନିଯୁକ୍ତି ପାଇବାରେ ପାର୍ବତୀ ପ୍ରଥମ ଭାରତୀୟ ମହିଳା ଗ୍ରାହକମାନେ ମଗାଉଥିବା ଖାଦ୍ୟସାମଗ୍ରୀ କମ୍ପାନି ପକ୍ଷରୁ ଅନଲାଇନରେ ଯୋଗାଇ ଦିଆଯାଇଥାଏ। ପାର୍ବତୀ ସେଗୁଡ଼ିକୁ ନିଜ ବାଇକରେ ନେଇ, ନିର୍ଦ୍ଦିଷ୍ଟ ଗ୍ରାହକମାନଙ୍କ ଘରେ ବାଂଟୁଛନ୍ତି। ସିଫ୍ଟ ଅନୁସାରେ ତାଙ୍କୁ କାମ କରିବାକୁ ପଡ଼ିଥାଏ। ସକାଳ ନଅଟାରୁ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ, ନଚେତ୍ ମଧ୍ୟାହ୍ନ ବାରଟାରୁ ରାତି ନଅଟା ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟ ସମୟ। ଏହି ସମୟ ମଧ୍ୟରେ ପ୍ରତିଦିନ ସେ ଚାରିରୁ ଦଶଟି ସାମଗ୍ରୀ ପୁଡ଼ିଆ ବିତରଣ କରିଥାନ୍ତି। ନିଜ ବୃତିରେ ପାର୍ବତୀ କେବେ ଅବହେଳା କରୁନାହାନ୍ତି। ଠିକ୍ ସମୟରେ ସାମଗ୍ରୀ ବିତରଣ ଓ ମଧୁର ବ୍ୟବହାର ଯୋଗୁ ସେ ଗ୍ରାହକ ମହଲରେ ସେ ବେଶ ଆଦରଣୀୟା। କମ୍ପାନି ପକ୍ଷରୁ ପାର୍ବତୀଙ୍କୁ କାର୍ଯ୍ୟକୁ ପ୍ରଶଂସା କରାଯାଉଛି। ଅଧିକ ମହିଳା ଏଜେଂଟଙ୍କ ନିଯୁକ୍ତି ପାଇଁ କମ୍ପାନି ଏବେ ଲକ୍ଷ୍ୟ ରଖିଥିବା ପ୍ରକାଶ। ପୁରୁଷ ଗଡ଼ରେ ପାର୍ବତୀଙ୍କ ପ୍ରବେଶ ଅନ୍ୟ ମହିଳାମାନଙ୍କୁ ଉତ୍ସାହିତ କରିଛି।

## ହୀରାର ହୃଦୟ





ଦିନକୁ ଦିନ ଦୁନିଆରେ ଚୋର ଏବଂ ଡକାୟତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେହିପରି ହଜିଯାଇଥିବା ବସ୍ତୁକୁ ପାଇଲେ ମଧ୍ୟ କେହି ଫେରାଇବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି। କିନ୍ତୁ ଆଜି ବି ଏହି ଦୁନିଆରେ କିଛି ଏଭଳି ଭଲ ଲୋକ ଅଛନ୍ତି ଯେଉଁମାନେ ଅନ୍ୟର ପାଇଥିବା ଜିନିଷକୁ ଫେରାଇ ଦେବାରେ ବିଶ୍ୱାସ ରଖନ୍ତି। ଯାହା ଫଳରେ ଅନ୍ୟମାନଙ୍କ ପାଇଁ ଏମାନେ ପାଲଟିଯାଆନ୍ତି ଉଦାହରଣ। ଆଜି ଆମେ ଏପରି ଏକ ଯୁବକଙ୍କ ବିଷୟରେ ଜଣାଇବାକୁ ଯାଉଛୁ, ଯିଏ ନିଜର ଭଲ ଉଦ୍ଦେଶ୍ୟ ଲାଗି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସମସ୍ତଙ୍କୁ ଜଣା ସୁରତରେ ହୀରାର ଖଣି ରହିଛି। ତେବେ ସୁରତର ଜଣେ ଜଗୁଆଳିର ପୁଅ ପାଇଥିବା ୪୫ଲକ୍ଷର ଅମୂଲ୍ୟ ହୀରା ତା'ର ମାଲିକକୁ ଫେରାଇ ଦେଇଛି। ଏହି କାରଣରୁ ଉକ୍ତ ୧୫ବର୍ଷୀୟ ଯୁବକକୁ ସମ୍ମାନିତ କରାଯାଇଛି। ଜଗୁଆଳି ଏବଂ ତାଙ୍କର ୧୫ବର୍ଷର ପୁଅକୁ ୪୫ଲକ୍ଷ ଟଙ୍କାର ହୀରାରେ ଭର୍ତି ଏକ ପାତ୍ର ମିଳିଥିଲା। ପ୍ରସିଦ୍ଧ ହୀରା ବ୍ୟବସାୟୀ ମନସୁଖ ଭାଇ ସବାଲିୟାଙ୍କ ଏହି ହୀରା ଥଳିଟି ହଜିଯାଇଥିଲା, ଯାହାକୁ କ୍ରିକେଟ ପଡ଼ିଆରୁ ପାଇଥିଲେ ଜଗୁଆଳିର ପୁଅ ବିଶାଲ। ହୀରା ପାଇବା ପରେ ବିଶାଲ ବାପାଙ୍କୁ ଏ ବିଷୟରେ ଜଣାଇଥିଲେ। ତାଙ୍କର ପିତା ଫୁଲଚନ୍ଦ ତାହା ହୀରା ବୋଲି ଜାଣିପାରି ହୀରା ସଂଘକୁ ଯାଇଥିଲେ ଏବଂ ସିସିଟିଭିର ଫୁଟେଜକୁ ଦେଖିବା ପରେ ହୀରାର ସତ୍ୟତା ଜଣାପଡ଼ିଥିଲା। ଏହାପରେ ସେମାନେ ଉକ୍ତ ହୀରାମାନଙ୍କୁ ଫେରାଇ ଦେଇଥିଲେ। ତେବେ ହଜିଯାଇଥିବା ହୀରାକୁ ଫେରାଇଥିବାରୁ ଫୁଲଚନ୍ଦ ଏବଂ ତାଙ୍କ ପୁଅକୁ ଏକ ସଭାରେ ସମ୍ମାନିତ ରାଯାଇଥିଲା। ଏହା ସହିତ ବିଶାଲଙ୍କର ସମସ୍ତ ପାଠପଢ଼ା ଦାୟିତ୍ୱ ଉକ୍ତ ହୀରା ସଂଘ ଉଠାଇବାର ଘୋଷଣା କରିଛନ୍ତି।

## ଶକ୍ତି ପରୀକ୍ଷା ପ୍ରତିଯୋଗିତା




ନିଜକୁ ବିଶ୍ୱର ସବୁଠୁ ଶକ୍ତିଶାଳୀ ବ୍ୟକ୍ତି ଭାବେ ପ୍ରମାଣିତ କରିବାକୁ ଚାହୁଁଛନ୍ତି କି ? ତେବେ ବେଲଫାଷ୍ଟ ଯାଆନ୍ତୁ। ଏଠାରେ ଅଲ୍ଟିମେଟ ଷ୍ଟ୍ରଙ୍ଗମ୍ୟାନ୍ ମାଷ୍ଟର୍ସ ୱାର୍ଲ୍ଡ ଚମ୍ପିଆନସିପ ଆୟୋଜିତ ହେଉଛି। ଏହି ପ୍ରତିଯୋଗିତାରେ ୧୬ଟି ଦେଶରୁ ୧୫୦ ପ୍ରତିଯୋଗୀ ଭାଗ ନେଉଛନ୍ତି। ଏଥିରେ ଅଂଶ ଗ୍ରହଣ କରିବାକୁ ପ୍ରତିଯୋଗୀମାନଙ୍କ ଓଜନ ୧୦୦ କେଜିରୁ ଅଧିକ ହୋଇଥିବା ଦରକାର। ଏମାନଙ୍କ ମଧ୍ୟରେ ବି ବିଭିନ୍ନ ଓଜନବର୍ଗର ଖେଳାଳୀଙ୍କୁ ନେଇ ଅଲଗା ଅଲଗା ପ୍ରତିଯୋଗିତା ହୋଇଥାଏ। ଗୋଟିଏ ଓଜନ ବର୍ଗରେ ୧୨ଟି ଲେଖାଏଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ସବୁ ଓଜନବର୍ଗରେ ଅଲଗା ଅଲଗା ଚାମ୍ପିଅନ୍ ହୋଇଥାନ୍ତି।


ଶକ୍ତି ପ୍ରଦର୍ଶନ କରିବା ପାଇଁ ପ୍ରତିଯୋଗୀଙ୍କୁ ବିଶାଳକାୟ ଗଛ ଉଠାଇବା, ବଡ଼ ବଡ଼ ପଥର ଉଠାଇବା, ଟାୟାର ଉଠାଇବା ଭାରି ଜଞ୍ଜିର ଟାଣିବା, ଟ୍ରକ ଟାଣିବା, ଯୋଡ଼ା ଟେବୁଲ ଉଠାଇବ ଓ କାର ରୋଲ ପରି ଚକିତ କରିଦେବା ପରି କାମ କରିବାକୁ ପଡ଼ିଥାଏ। ୧୨ଟି ଯାକ ପ୍ରତିଯୋଗିତାରେ ସବୁଠୁ ଅଧିକ ପଏଂଟଷ୍ଟ ହାସଲ କରିଥିବା ଖେଳାଳୀଙ୍କୁ ଚାମ୍ପିଆନ ଘୋଷଣା କରାଯାଇଥାଏ। ଏଥର ପ୍ରତିଯୋଗିତାରେ ଚାରିଥର ଚମ୍ପିଆନ ହୋଇଥିବା ଜାୟଡୁନାସ ସେଭିକ୍ସ ଓ ଗତଥରର ଚାମ୍ପିଆନ୍ ବିଦାସ ବ୍ଲୋକାଇଟିସ ମଧ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଛନ୍ତି।

## ପ୍ରତିଦିନ ଫଳ ଖାଇଲେ ଡିମେନସିଆ ଆଶଙ୍କା କମେ



ବୟସ୍କ ଲୋକମାନେ ପ୍ରତିଦିନ କମଳା, ଅଙ୍ଗୁର ପରି ଖଟାଫଳ ଖାଇଲେ ସେମାନଙ୍କ ମଧ୍ୟରେ ଡିମେନସିଆ ଦେଖାଦେବାର ଆଶଙ୍କା ୨୩ ପ୍ରତିଶତ ହ୍ରାସ ପାଇଥାଏ। ଜାପାନର ତୋହୁକୁ ବିଶ୍ୱବିଦ୍ୟାଳୟରେ ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ, କମଳା, ଲେମ୍ବୁ, ଅଙ୍ଗୁର ପରି ଯେକୌଣସି ଖଟାଫଳ ପ୍ରତିଦିନ ଖାଇଲେ ଏହା ମସ୍ତିଷ୍କରେ ଆରୋଗ୍ୟ ହୋଇ ପାରୁ ନଥିବା କେତେକ ସ୍ଥିତିରୁ ମଧ୍ୟ ରକ୍ଷା କରିଥାଏ। କାରଣ ଖଟାଫଳରେ ଥିବା ସାଇଟ୍ରିକ ଏସିଡ଼ରେ ନୋବିଲେଟିନ ନାମକ ରସାୟନ ସ୍ମୃତିଶକ୍ତି ହ୍ରାସ କରିବା ପ୍ରକ୍ରିୟାକୁ ଧିମା କରିଥାଏ। ଏହାକୁ ପଶୁମାନଙ୍କ ଉପରେ ପରୀକ୍ଷଣ କରି ଗବେଷକ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ୧୩୦୦୦ ବୃଦ୍ଧଙ୍କ ଉପରେ ବି ପରୀକ୍ଷଣ କରାଯାଇଛି।

## ପେଟବ୍ୟଥା ଦୂରକରେ ମର୍କଟାସନ





ପ୍ରଥମେ ସିଧା ହୋଇ ଶୋଇ ଦୁଇ ହାତକୁ କାନ୍ଧ ସମାନ୍ତର ଭାବେ ଲମ୍ବାଇ ଦିଅନ୍ତୁ। ଯେପରି ପାପୁଲି ଉପର ପଟକୁ ଖୋଲାଯିବ। ତାପରେ ଦୁଇ ଗୋଡ଼କୁ ଆଣ୍ଠୁ ପାଖରୁ ମୋଡ଼ି ପେଟ ପାଖରେ ରଖନ୍ତୁ। ତା'ପରେ ଦୁଇ ଆଣ୍ଠୁ କୁଡାହାଣ ଆଡ଼କୁ ଢଳାଇଛ ବାମ ଆଣ୍ଠୁ କୁ ଡାହାଣ ଆଡ଼କୁ ଢଳାଇ ବାମ ଆଣ୍ଠୁକୁ ଭୂମିସହ ଲଗାଇ ଦିଅନ୍ତୁ।ବାମ ଆଣ୍ଠୁ ଡାହାଣ ଆଣ୍ଠୁ ଉପରେ ରହିବ ତଥା ଡାହାଣ ପାଦର ଗୋଇଠି ଉପରେ ବାମ ପାଦର ଗୋଇଠି ରହିବ। ବେକକୁ ବାମ ପଟକୁ ଘୁରାଇ ରଖନ୍ତୁ। ଏହିଭଳି ବାମ ପାର୍ଶ୍ୱରେ ମଧ୍ୟ ଏହି ଆସନ କରିପାରିବେ। ଏହି ଆସନ କରିବା ଫଳରେ ଅଂଟାବ୍ୟଥା,ସର୍ବାଇକେଲ, ସୋଣ୍ଡୋଲାଇଟିସ, ସ୍ଲିପଡୋସ୍କ ଏବଂ ସାଇଟିକାରୁ ବିଶେଷ ଉପକାର ମିଳିଥାଏ। ଅଣ୍ଟାବ୍ୟଥା, ପେଟବ୍ୟଥା ଓ କୋଷ୍ଠ କାଠିନ୍ୟ ଦୂର ହୁଏ।

## ବିଶ୍ୱର ସବୁଠାରୁ ବଡ଼ ସିଙ୍ଗଡ଼ା



ଭାରତୀୟଙ୍କ ବେଶ ପସନ୍ଦ ହେଉଛି ସିଙ୍ଗଡ଼ା। ବିଦେଶ ଗସ୍ତରେ ଥିବା ଅନେକ ଭାରତୀୟ ସିଙ୍ଗଡ଼ାକୁ ମିସ୍ କରନ୍ତି। ହେଲେ ଏବେ ଲଣ୍ଡନରେ ସିଙ୍ଗଡ଼ା ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ମଙ୍ଗଳବାର ଲଣ୍ଡନରେ ବିଶ୍ୱର ସବୁଠାର ବଡ଼ ସିଙ୍ଗଡ଼ାକୁ ଦେଖିବାର ସୁଯୋଗ ପାଇଥିଲେ ଅନେକ। ଏହି ସିଙ୍ଗଡ଼ାର ଓଜନ ଥିଲା ୧୫୩.୧ କିଲୋଗ୍ରାମ।

ପୂର୍ବ ଲଣ୍ଡନର ଏକ ମସଜିଦରେ ଏହି ସିଙ୍ଗଡ଼ାଟି ତିଆରି କରାଯାଇଥିଲା। ମୁସଲିମ ସମ୍ପ୍ରଦାୟର ଲୋକଙ୍କ ପାଇଁ କାମ କରୁଥିବା ସଙ୍ଗଠନ ଏହି ସିଙ୍ଗଡ଼ାକୁ ତିଆରି କରିଥିଲା ବେଳେ ଏହି ଅବସରରେ ଗିନିଜ ବୁକର କର୍ମଚାରୀମାନେ ଉପସ୍ଥିତ ଥିଲେ। ପରେ ସେମାନେ ଏହାକୁ ବିଶ୍ୱର ସବୁଠାରୁ ବଡ଼ ସିଙ୍ଗଡ଼ଶର ମାନ୍ୟତା ଦେଇଥିଲେ। ପୂର୍ବରୁ ଏହି ମାନ୍ୟତା ୨୦୧୨ ମସିହାରେ ବ୍ରେଡ଼ଫୋର୍ଡ଼ କଲେଜରେ ତିଆରି ହୋଇଥିବା ସିଙ୍ଗଡ଼ାକୁ ମିଳିଥିଲା। ଏହି ସିଙ୍ଗଡ଼ାର ଓଜନ ଥିଲା ୧୧୦.୮ କିଲୋଗ୍ରାମ।

# ବଜରଙ୍ଗ ଦଳ କର୍ମୀଙ୍କ ଦ୍ୱାରା ପୁଣି ବେଆଇନ ଗୋରୁ ଗାଡି ଜବତ



ବସ୍ତା, ୧୦/୧୦ (ନି.ପ୍ର): ଆଜି ବିଳମ୍ବିତ ରାତିରେ ଭୋର ୪ଟା ସମୟରେ ଭଦ୍ରକରୁ ପଶ୍ଚିମବଙ୍ଗ ଏକ ଆଇଚର ଗାଡି ଯାହାର ନମ୍ବର ଡଇ୩୩ଇ୯୭୨୯ ଅଟେ। ବେଆଇନ ଭାବେ ୨୯ଟି ଷଣ୍ଢକୁ ନେଇ ଯାଉଥିବା ସମୟରେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଧିରେନକୁମାର ସେଠୀ, ରାମ ଚନ୍ଦ୍ର ଦାସ, ତାପସ କୁମାର ରାଉତ, ଜିତେନ୍ କୁମାର ନାୟକ, ଜୟକୃଷ୍ଣ ବାରିକ, ରାକେଶ ଜେନା, ସୁବସିଶ ବେହେରା, ଶରତ କୁମାର ଜେନା, ମଣ୍ଟୁ ଜେନା, ନିଧିଆ ମାରାଣ୍ଡି ସମେତ ଅନେକ କାର୍ଯ୍ୟକର୍ତ୍ତା ଖବର ପାଇ ମଥାନୀ ଠାରୁ ଗଡିଟିକୁ ପିଛାକରି ବରୁଣ ଗାଡିଆ ଠାରେ ଧରିଥିଲେ। ଘଟଣା ସ୍ଥଳରେ ଗାଡିର ଡ୍ରାଇଭର ଗାଡ଼ି ଛିଡ଼ା କରି ଦୌଡ଼ି ପଳେଇ ଯାଇଥିଲେ। ପରେ ବସ୍ତା ପୋଲିସକୁ ଖବର ଦିଆଯାଇଥିଲା । ପୋଲିସ ଆସି ଗାଡ଼ିକୁ ଜବଦ କରିବା ସହିତ ସମସ୍ତ ଷଣ୍ଢକୁ ନେଇ ବାମ୍ପଦା ସ୍ଥିତ ଗୋଶାଳାରେ ଛାଡିଥିଲେ।

# ସାଇବର ସୁରକ୍ଷା ସଚେତନତା ଅଭିଯାନ

ଖୋର୍ଦ୍ଧା , ୧୦/୧୦ (ନି.ପ୍ର): ଖୋର୍ଦ୍ଧା ପୋଲିସ ପ୍ରଶାସନ ଡାକରାରେ ଖୋର୍ଦ୍ଧା ବିଜେବି ହାଇସ୍କୁଲ ଖେଳ ପଡିଆ ଏକ ବିରାଟ ସମାଗମ ହୋଇଥିଲା। ଏହା ଥିଲା ସାଇବର ସଚେତନା ରାଲି ୨୦୨୩ ।ଏହାକୁ ଜିଲ୍ଲା ପାଳ ଖୋର୍ଦ୍ଧା ଯୁବ ,ଦକ୍ଷ, କେ, ସୁଦର୍ଶନ ଚକ୍ରବର୍ତ୍ତୀ ଆଇ.ଏ.ଏସ ଓ ଏସପି ସିଦ୍ଧାର୍ଥ କାଟେରିଆ ଆଇ.ପି. ଏସ. ନୀଳ ପତାକା ଦେଖାଇ ଉଦଘାଟନ କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲାର ସମସ୍ତ ପୋଲିସ ଅଧିକାରୀ ଓ ପୋଲିସ , ଛାତ୍ର, ଛାତ୍ରୀ, ମିଡ଼ିଆ, ଯୁବକ ସଂଘ, ବୁଦ୍ଧିଜୀବି ଆଦି ବହୁ ସଂଖ୍ୟାରେ ଯୋଗ୍ ଦେଇ ଥିଲେ ।ଏହି ସଚେତନା ରାଲି ଖୋର୍ଦ୍ଧା ବିଜେବି ହାଇସ୍କୁଲ୍ ଖେଳପଡିଆ ରୁ ବାହାରି ପୁରୁଣା ବସ ଷ୍ଟାଣ୍ଡ, କୋର୍ଟ ଛକ, ବାଙ୍କ ଛକ ଦେଇ ପୁଣି ଉକ୍ତ ଖେଳପଡିଆ କୁ ଫେରି ଆସିଥିଲା। ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରି ଅହମ୍ମଦ ତାରିଖ, ସଦର ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ, ଖୋର୍ଦ୍ଧା, ଏସ ଡିପିଓ, ଦିଲୀପ କୁମାର ଦାସ, ଓପିସ, ଡିଏସପି ମିନାକ୍ଷୀ ଠାକୁର, ଅତିରିକ୍ତ ଏସପି ସୁରେନ୍ଦ୍ର ନାଥ ମୁର୍ମୁ, କିଶୋର ଚନ୍ଦ୍ର ମୁଣ୍ଡ, ଡିଏସପି ନିରୁପମା ମଲ୍ଲିକ, ଅନିଲ ମହାନ୍ତି, ପ୍ରଶାନ୍ତ କୁମାର ପଣ୍ଡା, ସମସ୍ତ ପୋଲିସ, ଆଦର୍ଶ ଥାନା ଓ ସଦର ଥାନା ଯୋଗ ଦେଇଥିଲେ। ସାଇବର ଲୁଟ ସମ୍ପର୍କ ବିଶେଷ ସୂଚନା ଉପସ୍ଥିତ କିଛି ଅଧିକାରୀ ବୁଝାଇ ଥିଲେ। ଏହି ସାଇବର ଠକ, ମହିଳା ଓ ପୁରୁଷ କିପରି ତାଙ୍କ ଚେର ଲମ୍ବାଇ ସାଧାରଣ ନୀରିହ ଲୋକ, ଧନୀ ମାନୀ, ଛାତ୍ର , ଛାତ୍ରୀ ଙ୍କୁ ଲୁଟ କରନ୍ତି ବୁଝାଇ ଥିଲେ। ଏହି ସାଇବର ଠକ ପାଖୁ କିପରି ବାର୍ତିବେ, କଣ କରିବେ ଉପସ୍ଥିତ ଜନତା କୁ ବୁଝାଇଥିଲେ, ଉପସ୍ଥିତ କିଛି ପୋଲିସ ଅଧିକାରି। ଏହି ସଚେତନା ଶିବିର କୁ ପରିଚାଳନା କରିଥିଲେ ମହିଳା ଡିଏସପି ମିନାକ୍ଷୀ ଠାକୁର ଖୋର୍ଦ୍ଧା ପୋଲିସ। ଏହାର ବହୁଳ ପ୍ରଚାର ଓ ପ୍ରସାର ପାଇଁ ଖୋର୍ଦ୍ଧା ମିଡ଼ିଆ ଭାଇଙ୍କୁ ବନୁରୋଧ କରିଥିଲେ। ପୋଲିସ ଓ ମିଡ଼ିଆ ଏକା ହେଲେ ଖୋର୍ଦ୍ଧା ରୁ ଚୋରି, ନିଶା, ଠକାମୀ, ଧର୍ଷଣ, ରାହାଜାନୀ, ଆଦି କମି ଜୀବ। ସାଇବର ଠକ ଲମ୍ବା ହାତକୁ ସଚେତନା ମାଧମରେ ରକ୍ଷା କରାଯାଇ ପାରିବ ବୋଲି ପୋଲିସ ଅଧିକାରି ତାଙ୍କ ବକ ତବ୍ୟ ମାନକରେ ବୁଝାଇ ଥିଲେ।

# କୌଶିକ ବସୁ ପାରାଦୀପ ରିଫାଇନାରୀର ନୂଆ କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ରିଫାଇନାରୀ ମୁଖ୍ୟ



ପାରାଦୀପ, ୧୦/୧୦ (ନି.ପ୍ର): ସୋମବାର ଦିନ ପାରାଦୀପ ରିଫାଇନାରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ରିଫାଇନାରୀ ମୁଖ୍ୟ ଭାବେ କୌଶିକ ବସୁ ଦାୟିତ୍ୱ ଗ୍ରହଣ କରିଥିବା ନେଇ ପାରାଦୀପ ରିଫାଇନାରୀ ପକ୍ଷରୁ ପ୍ରକାଶିତ ପ୍ରେସ ବିଜ୍ଞପ୍ତିରୁ ସୂଚନା ମିଳିଛି । ଶ୍ରୀ ବସୁ ୧୯୯୨ ମସହିହାରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନରେ ଯୋଗ ଦେବା ପୂର୍ବରୁ ବେଙ୍ଗଲ ଇଂଜିନିୟରିଙ୍ଗ କଲେଜରୁ ଇଲେକ୍ଟ୍ରିକାଲ ଇଂଜିନିୟରିଙ୍ଗ ଓ ଗୁରୁଗାଓଁସ୍ଥିତ ଏମଡିଆଇ କଲେଜରୁ ପିଜିଡିବିଏମ୍(ଫାଇନାନ୍ସ)ରେ ଉର୍ତ୍ତୀର୍ଣ୍ଣ ହୋଇଥିଲେ । ଇଣ୍ଡିଆନ୍ ଅଏଲର ହଳଦିଆ, ମଥୁରା ଓ ପାନିପଥ ରିଫାଇନାରୀ ଓ ପେଟ୍ରୋଲିୟମ୍ କମ୍ପ୍ଲେକ୍ସରେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି । ପୂର୍ବ ଭାରତର ବୃହତ ରିଫାନାରୀ ତଥା ୧୫ ଏମଏମଟିପିଏ ବିଶିଷ୍ଟ ପାରାଦୀପ ରିଫାନାରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ରିଫାଇନାରୀ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହି ମେଗା ପେଟ୍ରୋଲିୟମ୍ ହବ୍‌ର ଉନ୍ନତିରେ ନିଜର ଅଭିଜ୍ଞତା ଓ ପାରଦର୍ଶିତା ପ୍ରଦର୍ଶନ କରିବେ ବୋଲି ଜଣାପଡିଛି ।

# ବିଦ୍ୟୁତ୍ ସଂଯୋଗ ନେଇ ଉପଜିଲ୍ଲାପାଳଙ୍କଠାରେ ଦାବିପତ୍ର



ନୀଳଗିରି , ୧୦/୧୦ (ନି.ପ୍ର): ନୀଳଗିରି ବ୍ଲକ ଅଧୀନ କିଶୋରଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅଧୀନ ଅଶୋକନାଳ, କେଳାମରା, କେଉଟସାହି ଗ୍ରାମରେ ଆଜିବି ଅନ୍ଧାରରେ କାଳାତିପାତ କରୁଛନ୍ତି ଅଧିବାସୀ। ସ୍ୱାଧୀନତାର ଦୀର୍ଘ ୭୫ବର୍ଷ ପରେ ବି ଆଜିବି ଅନ୍ଧାରିମୁଳକରେ ବସବାସ କରି ଜୀବନ ଅତିବାହିତ କରୁଛନ୍ତି ଏହି ପାହାଡି ବସ୍ତିବାସିନ୍ଦା। ସଞ୍ଜ ନଇଁଲେ ଡିବିରି ଆଲୁଅକୁ ଆଶ୍ରା କରି ହିଂସ୍ର ଜୀବଜନ୍ତୁଙ୍କ ଠାରୁ ଦୂରେଇ ରହୁଛନ୍ତି ଅଞ୍ଚଳବାସୀ। ଏନେଇ ସୋମବାର ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ଠାରେ ଉକ୍ତ ଗ୍ରାମ ଗୁଡ଼ିକର ଅଧିବାସୀ ମାନେ ଅଭିଯୋଗ କରିଛନ୍ତି। ଦୀର୍ଘ ୧୦ବର୍ଷ ତଳେ ଉକ୍ତ ଅଂଚଳରେ ଖୁଣ୍ଟ ପୋତାଯାଇଥିବା ବେଳେ ୩ବର୍ଷ ପୂର୍ବରୁ ତାର ଓ ଟ୍ରାନ୍ସଫର୍ମର ବସିଥିବା ବେଳେ ବର୍ତମାନ ସୁଦ୍ଧା ଲାଇନ୍ ସଂଯୋଗ ଦିଆଯାଇନାହିଁ। ଏନେଇ ବାରମ୍ବାର ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଥିଲା ବେଳେ କୌଣସି ସୁଫଳ ମିଳିପାରିନାହିଁ। ଆଗାମୀ ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନନେଲେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ରବୀନ୍ଦ୍ର ମାଝୀ, ବୈଦେଶ୍ୱର୍ ସରେନ୍, ସୁନାରାମ ସୋରେନ, ହେମେନ୍ଦ୍ର ହାସ୍କେ, ବସନ୍ତ ମଢେଇ, କାଳୀଚରଣ ନାୟକ, ମାନ କିସ୍କୁ, ମାନସ କୁ. ନାୟକ ପ୍ରମୁଖ ଦାବୀପତ୍ର ଦେଇଛନ୍ତି।

# ସାରସ୍ୱତ ଓଡ଼ିଆ ପତ୍ରିକା 'ଶିବାନୀ'ଲୋକାର୍ପିତ



ଭଦ୍ରକ, ୧୦/୧୦ (ନି.ପ୍ର): ଭଦ୍ରକସ୍ଥିତ ଗରଦପୁରରୁ ପ୍ରକାଶ ପାଉଥିବା ସାରସ୍ୱତ ଓଡ଼ିଆ ପତ୍ରିକା 'ଶିବାନୀ'ର ସାରଦୀୟ ସଂଖ୍ୟା-୨୦୨୩ର ଲୋକାର୍ପଣ ଉତ୍ସବ ଭାଗିରଥି ପାଠାଗାର ଓ ବଂଶୀ ବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ,ଗରଦପୁରର ମିଳିତ ସହଯୋଗରେ ପାଠାଗାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । 'ଶିବାନୀ'ପତ୍ରିକା କେବଳ ପତ୍ରିକା ନୁହେଁ ଏହାର ଜୀବନ ଅଛି । ସମାଜ ସହ ପ୍ରେମ ବନ୍ଧନରେ ବାନ୍ଧି ହୋଇ ରହିବା,ପରସ୍ପର ମଧ୍ୟରେ ଟିକେ ଖୁସି ବାଂଟିବା ସାହିତ୍ୟରୁ ହିଁ ଶିଖିବାକୁ ମିଳେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ପାଠାଗାରର ସଭାପତି ଲକ୍ଷ୍ମଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଡ.ରାଧାରଣୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଭାତ କୁମାର ଜେନା,ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଭାତ ମହାନ୍ତି,ପଣ୍ଡିତ ନିତ୍ୟାନନ୍ଦ ମିଶ୍ର,କବି କୈଳାସ ଦାସ,କବି ରତିକାନ୍ତ ବେହେରା ଅତିଥି ଭାବେ ଯୋଗଦାନ କରିଥିଲେ । ଶ୍ରୀ ବଦ୍ରିନାରାୟଣ ମିଶ୍ର ବେଦ ପାଠ କରିଥିବାବେଳେ ପତ୍ରିକାର ସହ ସଂପାଦକ ବିଜୟ ବହଳୀ ସ୍ୱାଗତ ଭାଷଣ ଓ ଅଧିବକ୍ତା ମନୋରଞ୍ଜନ ମହାନ୍ତି ଅତିଥି ପରିଚୟ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ବାରିକ, ରବିନାରାୟଣ ଜେନା,ପଣ୍ଡିତ ବିଜୟ ଅଗସ୍ତି, ଶ୍ରୀ ଜଗବଂଧୁ ମିଶ୍ର,ସନ୍ତୋଷ ମହାପାତ୍ର,ମଧୁସୂଦନ ତ୍ରିପାଠୀ,ଅଶୋକ ଦାସ,ଅମୂଲ୍ୟ ପାଢ଼ୀ ଆଦି ପତ୍ରିକା ସମ୍ପର୍କରେ ନିଜର ଅଭିମତ ରଖିଥିଲେ । ବଂଶୀବଲ୍ଲଭ ସାହିତ୍ୟ ସଂସ୍କୃତି ପରଷଦର ସମ୍ପାଦକ ପ୍ରଦ୍ୟୋତନ ସୁଆର ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଶିବାନୀ ପତ୍ରିକାର ସହଯୋଗୀ ସଦସ୍ୟ ଦୁର୍ଗାମାଧବ ବହଳୀ,ହରିହର ମହାନ୍ତି, ମୀନକେତନ ମିଶ୍ର ଓ ଭରତ ବାରିକ ସଂଚାଳନ କରିଥିଲେ । ଶିବାନୀ ପତ୍ରିକାକୁ ଭଲ ପାଉଥିବା ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତି ଥିଲେ ।

# ଜେ.କେ. ନୃତ୍ୟାନୁଷ୍ଠାନର ୩୦ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ

ବାରିପଦା , ୧୦/୧୦ (ନି.ପ୍ର): ବାରିପଦା ତକତପୁର ଠାରେ ରହିଥିବା ଜେକେ ନୃତ୍ୟାନୁଷ୍ଠାନ ୩୦ବର୍ଷରେ ପାଦ ଦେଇଛି। ଏହିଅବସର ରେ ତକତ ପୁର ଯାତ୍ରା ପଡିଆ ଠାରେ ସାମ୍ବାଦିକ ଦୀପକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୩୦ତମ ବାର୍ଷିକ ଉତ୍ସବ ସମାରୋହ ରେ ମୁଖ୍ୟତିଥି ଭାବରେ ବଲାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ସରୋଜ ଖୁଣ୍ଟିଆ, ରାକେଶ ସିଂ, ଇଂ ଶିରୀଶ ହେମ୍ବ୍ରମ, ରବିନାରାୟଣ ସିଂବାବୁ ଏବଂ ୱାର୍ଡକାଉନସିଲର ଶିବ ପାତ୍ର ପ୍ରମୁଖ ଯୋଗଦେଇ କଳା ସଂସ୍କୃତି ସମାଜରେ ଭାଇଚାରାର ପରମ୍ପରାକୁ ସମୃଦ୍ଧ କରିଥାଏ ବୋଲି କହିଥିଲେ। ଏହି ଅବସରରେ ଦୁଇଦିନ ଧରି ଜୁନିୟର ଏବଂ ସିନିୟର ବର୍ଗର ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ, ବିଚାରକ ଭାବରେ ଭୁବନେଶ୍ୱରରୁ କରିଓଗ୍ରାଫର ମାଷ୍ଟର ସିମନ ଏବଂ ମାଷ୍ଟର ରକି ଯୋଗଦେଇଥିବାର ଜଣାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଜଗା ରାଉତ, ପରିଚାଳକ ଦିଲ୍ଲୀପ ପାତ୍ର, ସନିଆ ଭେଙ୍ଗ୍ରା, ବିଷ୍ଣୁ ମୁଖି, ଦୀପକ କାଳନ୍ଦୀ, ସୀତା ବିନ୍ଧାଣି, ବର୍ଷା ବେହେରା, ହେମନ୍ତ ବେହେରା ପ୍ରମୁଖ ସମସ୍ତ ପ୍ରକାର କାର୍ଯ୍ୟର ସୁପରିଚାଳନା କରିଥିଲେ।

# ଏବିଭିପି ପକ୍ଷରୁ କ୍ୟାମ୍ପସ ୟୁନିଟ୍ ଗଠନ

ନୀଳଗିରି , ୧୦/୧୦ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାଲେଶ୍ୱର ଜିଲ୍ଲା ନୀଳଗିରି ନଗର ତରଫରୁ ଆଜି ନୀଳଗିରି ମହାବିଦ୍ୟାଳୟ ରେ ୨୦୨୩-୨୦୨୪ ଶିକ୍ଷା ବର୍ଷ ପାଇଁ କ୍ୟାମ୍ପସ ୟୁନିଟ୍ ଗଠନ କରାଯାଇଛି ଏଥିରେ ଯୁକ୍ତ+୩ ର ସଭାପତି ଭାବେ କୁଳଦୀପ କେଷୀ ଓ ସମ୍ପାଦକ ରୁପେ ସୁଦର୍ଶନ ପାଢ଼ୀ ଦାୟିତ୍ୱ ଗ୍ରହଣ କରିଛନ୍ତି ସେହି ପରି ଯୁକ୍ତ+୨ ର ସଭାପତି ଭାବେ ଗଣେଶ ମଝି ଓ ସମ୍ପାଦକ ଭାବେ ସଞ୍ଜୟ ବାରିକ୍ ଦାୟିତ୍ୱ ଗ୍ରହଣ କରିଛନ୍ତି ଉକ୍ତ କାର୍ଯ୍ୟକ୍ରମ ରେ ବିଦ୍ୟାର୍ଥୀ ପରିଷଦର ଛାତ୍ର ନେତା ବିଭାଗ ସୋସିଆଲ ମିଡିଆ ପ୍ରମୁଖ ଗୋପି ବଲ୍ଲଭ ରାଉତ ଓ ଜିଲ୍ଲା ସହ ସଂଯୋଜକ ସଞ୍ଜୀବ କୁମାର ମହାରଣା ଉପସ୍ଥିତ ରହି ବିଦ୍ୟାର୍ଥୀ ମାନଙ୍କୁ ବିଦ୍ୟାର୍ଥୀ ପରିଷଦ ର ଲକ୍ଷ୍ୟ ଆଦର୍ଶ ବିଷୟରେ ସୂଚନା ଦେଇଥିଲେ ଉକ୍ତ କାର୍ଯ୍ୟକ୍ରମ ରେ ୫୦ ରୁ ଅଧିକ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ ଉକ୍ତ କାର୍ଯ୍ୟକ୍ରମରେ ପବିତ୍ର ମୋହନ ସ, ଅଭିଜିତ ରାଉତ୍, ରାଜେଶ ବେହେରା, ଲକ୍ଷ୍ମୀଧର ବେହେରା,ନିରାକାର ରଥ, ଜୀବନ ଜ୍ୟୋତି ଗିରି, ପଦ୍ମ ଲୋଚନ ଧଉଡ଼ିଆ, ଦୂର୍ଗାବତି ବାରିକ୍, ମଧୁସ୍ମିତା ବେହେରା, ଲକ୍ଷ୍ମୀ ମଲିକ, ରାଜେଶ ସିଂହ,ସୁନିଲ ସିଂହ, କଣ୍ହେଇ ସିଂହ, ସହଦେବ ବେହେରା ମୁଖ୍ୟ ଉପସ୍ଥିତ ଥିଲେ।

# ଗୋପବନ୍ଧୁ ଦାସ ସେବା ସଙ୍ଗଠନ ଲୋକାର୍ପିତ

ଭୁବନ, ୧୦/୧୦ (ନି.ପ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ୧୪୬ ତମ ଜୟନ୍ତୀ ଅବସରରେ ସ୍ଥାନୀୟ ବୁଦ୍ଧେଶ୍ୱର୍ ମନ୍ଦିର ପରିସରରେ ଗୋପବନ୍ଧୁ ଦାସ ସେବା ସଂଗଠନ ନାମରେ ଏକ ସ୍ୱେଚ୍ଛାସେବୀ ସଂଗଠନ ଆତ୍ମ ପ୍ରକାଶ କରିଛି । ଅନୁଷ୍ଠାନ ର ମୁଖ୍ୟ ଅମ୍ବୁଜ କୁମାର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାରସ୍ୱତ ସାଧକ, କବି ବାଣୀଶ୍ରୀ ରବୀନ୍ଦ୍ର କୁମାର ହୋତା, ମୁଖ୍ୟ ବକ୍ତା ଭାବେ ମହିଳା ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ଦାସ, ସମ୍ମାନୀତ ଅତିଥି ଭାବେ ସମାଜସେବୀ ସୁବ୍ରତ କୁମାର ସାହୁ ,ଦେବବ୍ରତ ପୃଷ୍ଟି,ବିପିନ ବିହାରୀ ସେଠୀ ପ୍ରମୁଖ ଯୋଗ ଦେଇ ଏଭଳି ସେବା ଅନୁଷ୍ଠାନ କୁ ଉଚ୍ଚ ପ୍ରଶଂସା କରିଥିଲେ । ସଭା ସ୍ଥଳରେ ୨୫ ଜଣ ଭିକ୍ଷୁକ ଙ୍କୁ ଅଙ୍ଗ ବସ୍ତ୍ର ପ୍ରଦାନ କରି ପ୍ରସାଦ ପ୍ରଦାନ ପୂର୍ବକ ଆପ୍ୟାୟିତ କରିଥିଲେ। ମନ୍ଦିର ଉଦ୍ୟାନରେ ଅତିଥି ଙ୍କ ଦ୍ୱାରା ଏକ ନାଗେଶ୍ୱର ଚାରା ରୋପଣ କରାଯାଇଥିଲା। ଦୀର୍ଘ ଦିନ ହେଲା ଆମ୍ବୁଜ ସାହୁ ସେବା ସଂଗଠନ ନାମରେ ଅସହାୟ , ନିସହାୟ, ଗରିବ ଲୋକଙ୍କୁ ସାହାଯ୍ୟ କରିଆସୁଥିଲେ । ଏହି ସଂଗଠନ ର ପ୍ରମୁଖ କାର୍ଯ୍ୟକର୍ତା ଭାବେ ଲକ୍ଷ୍ମଣ କୁମାର ଦାସ,ବିନୋଦ ମହାରଣା ,ପୁରସ୍ତମ ବେହେରା ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ। ପ୍ରାୟ ୫୦ ଜଣ ଉତ୍ସାହୀ ଯୁବକ ଙ୍କୁ ଏହି ସଂଗଠନ ରେ ସାମିଲ କରାଯାଇଥିଲା ।

# ପାରାଦୀପ ନଗର ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା: ସାମିଲ ହେଲେ ଶହଶହ ବିଜେଡି କର୍ମୀ




ପାରାଦୀପ, ୧୦/୧୦ (ନି.ପ୍ର): ସୋମବାର ଦିନ ଅପରାହ୍ନରେ ପାରାଦୀପ ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ବିରାଟ ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଥିଲା । ପଦଯାତ୍ରା ପାରାଦୀପ ବଡପଡିଆ ପ୍ରେସ ଛକ ଠାରୁ ଏହି ଶୋଭାଯାତ୍ରା ବାହାରି ଥିଲେ । ଜୟଦେବ ସଦନ ଛକ ନିକଟରେ ୧୫ ନମ୍ବର ଓ୍ୱାର୍ଡ ମହିଳା ବିଜେଡି ପକ୍ଷରୁ ଲିପିକା ସାହୁ, ହରପ୍ରିୟା ସାହୁ, ପୁଷ୍ପାଂଜଳି ମିଶ୍ରଙ୍କ ସମେତ ବହୁ ମହିଳା ଶୋଭାଯାତ୍ରାରେ ସାମିଲ ନେତୃମଣ୍ଡଳୀଙ୍କୁ ସ୍ୱାଗତ କରିଥିଲେ । ଏହି ଶୋଭାଯାତ୍ରା ୧୫ ନମ୍ବର, ୧୪ ନମ୍ବର ଓ୍ୱାର୍ଡ ଦେଇ ୧୬ ନମ୍ବର ଓ୍ୱାର୍ଡ ନୂଆବଜାର ବିଜେଡି କାର୍ଯ୍ୟାଳୟ ନିକଟରେ ପହଂଚିଥିଲା । ସେଠାରେ ଦଳିୟ ନେତାମାନେ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ପଦଯାତ୍ରାରେ ଜିଲ୍ଲା ଉପସଭାପତି ଉଲ୍ଲାସ ବିଶ୍ୱାଳ, ସମ୍ପାଦକ ଜ୍ୟୋତିକାନ୍ତ ପରିଡା, ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ରଙ୍କ ସମେତ ପାରିଷଦ ଅଜିତ ଷଡଙ୍ଗୀ, ମନୋଜ କୁମାର ନାୟକ, ସୁଶାନ୍ତ ଦାସ ପ୍ରମୁଖ ସାମିଲ ହୋଇଥିଲେ । ପାରାଦୀପର ବିଭିନ୍ନ ଓ୍ୱାର୍ଡରୁ ବିଜେଡି କର୍ମୀମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ପ୍ରକାଶଥାଉକି, ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସାରା ରାଜ୍ୟରେ ଜନସମ୍ପର୍କ ପଦଯାତ୍ରା ଗତ ୨ତାରିଖରୁ ଆରମ୍ଭ ହୋଇଛି ଏବଂ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀରେ ପଦଯାତ୍ରା ସମାପ୍ତ ହେବ ବୋଲି ସୂଚନା ମିଳିଛି ।

# ଜଳେଶ୍ୱର ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଶୁଣାଣି

ଜଳେଶ୍ୱର ୯/୧୦(ନିପ୍ର): ଆଜି ବାଲେଶ୍ୱର ଜିଲାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲାପାଳଙ୍କ ଅନୁପସ୍ଥିତ ଜନସାଧାରଣଙ୍କୁ ବିବ୍ରତ କରିଛି । ମାତ୍ର ୧୪୯ଟି ଅଭିଯୋଗ ଦରଜ ହୋଇଥିବା ବେଳେ ଶୁଣାଣୀ ନେଇ ଅଭିଯୋଗକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଘଟଣାରୁ ପ୍ରକାଶ, ସରକାରଙ୍କ ନିତୀନିୟମ ଅନୁଯାୟୀ ଜିଲାପାଳ ସମସ୍ତ ପାରିଷଦ ବର୍ଗଙ୍କୁ ଜିଲାସ୍ତରରୁ ନେଇ ବ୍ଲକରେ ଜନଶୁଣାଣୀ କରିବା ନିୟମ । ଏଥିରେ ସାଧାରଣ ଲୋକଟି ଜିଲାସ୍ତରପର୍ଯ୍ୟନ୍ତ ଆସି ନପାରି ଅଭିଯୋଗରୁ ବଂଚିତ ହେଉଥିବାରୁ ଏପରି ବ୍ୟବସ୍ଥା ପ୍ରଚଳନ ହୋଇଛି । କିନ୍ତୁ ଗତ କିଛିବର୍ଷ ଧରି ଅଭିଯୋଗ ପରେ ବିଶେଷ ଫଳପ୍ରଦ ଶୁଣାଣୀ ହେଉନଥିବାରୁ ଏହା ଉପରେ ଆସ୍ଥା ତୁଟି ଯାଉଛି ବୋଲି କେତେକ ଅଭିଯୋଗ କରିଛନ୍ତି । ଏହି ଜନଶୁଣାଣୀରେ ଜିଲାପାଳ ଅନୁପସ୍ଥିତ ଥିବା ବେଳେ ଅତିରିକ୍ତ ଜିଲାପାଳ ପ୍ରିୟଦର୍ଶିନୀ ମଲ୍ଲିକ, ଏସ୍‌ପି ସାଗରିକା ନାଥ, ଉପଜିଲାପାଳ କୋନଲ ମୋତିଲାଲ ଚୌହାନ, ସିଡିଏମ୍‌ଓ ଦୁଲାଲ ସେନ ଜଗଦେବ, ବିଡିଓ ପୁନମ ରାଉତ, ଭାରପ୍ରାପ୍ତ ତହସିଲଦାର ଅମ୍ଲାନ ନାୟକ, ଡିଏମସ୍‌ଡବ୍ଲୁ ଶିଖାରାଣୀ ପୋଡାର, ସିଏସ୍‌ଓ ନିରୋଜ କୁମାର ଦାସ, ଆଇଆଇସି ରଂଜନ ସେଠୀ, ପୌର ଅଧିକାରୀ ଅଜୟ ମହାପାତ୍ର, ସିଡିପିଓ ଚମ୍ପାବତୀ ମୁର୍ମୁ, ଅତିରିକ୍ତ ଜିଲାଶିକ୍ଷାଧିକାରୀ ପ୍ରାଚୀତନୟା ଗିରି, ଜିଲା ପ୍ରାଣିଚିକିତ୍ସାଧିକାରୀ ବନମାଳୀ ସାହୁ, ଜଳସମ୍ପଦ ବିଭାଗ ପକ୍ଷରୁ ଇଂ ପ୍ରିୟବ୍ରତ ସିଂହ, ଡ୍ରେନେଜ୍‌ର ଇରାକ ବେହେରା, ସିପି ସୁଜିତ୍ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବହୁ ଅଧିକାରୀ ଅନୁପସ୍ଥିତ ଥିବାରୁ ଅସନ୍ତୋଷ ଦେଖାଦେଇଥିଲା ।

# କୋଇଲିପାରିଠାରେ ଦିସାରୀ ସଂଘର ବୈଠକ

ମାଲକାନଗିରି, ୧୦/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ କୋଇଲିପାରି ଠାରେ ଆଜି ଜନଜାତି ସମ୍ପ୍ରଦାୟର ଦିସାରି ସଂଘ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବାଡେ ସଂଘ ଜିଲ୍ଲା ସଭାପତି ଇର୍ମା ମାଢ଼ି ଯୋଗଦେଇ ଜନଜାତି ପରମ୍ପରାକୁ ନେଇ ବିଭିନ୍ନ ଆଲୋଚନା କରିଥିଲେ। ତେବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ଜିଲ୍ଲା ଅଧ୍ୟକ୍ଷ ଆଡମା ରାବା ଆଦିବାସୀ ସଂସ୍କୃତି କଳା ଓ ପରମ୍ପରାକୁ ବଜାୟ ରଖିବା ଲାଗି ଉଚିତ୍ ପଦକ୍ଷେପ ନେବା ସହ ଜିଲ୍ଲାର ଉନ୍ନତିକରଣ ଦିଗରେ ପ୍ରଚେଷ୍ଟା ଜାରି ରଖିଥିବାରୁ ସଭାରେ ସଂଘ ପକ୍ଷରୁ ତାଙ୍କୁ ପ୍ରଶଂସା କରାଯାଇଥିଲା। ଏହି ଅବସରରେ ଆଡମା ରାବା ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଜନଜାତି ସଂରକ୍ଷଣ ଏବଂ ତା ସହ ଜିଲ୍ଲାର ଜନସାଧାରଣଙ୍କ ଲାଗି ବିଭିନ୍ନ ସରକାରୀ ଯୋଜନା ବିଷୟରେ ଉପସ୍ଥିତ ଥିବା ଶତାଧିକ ଜନଜାତି ପୂଜାରୀ ଦିଶାରି ବାଡେ ମାନଙ୍କୁ ବୁଝେଇ କହିଥିଲେ। ଆଜିର ଏହି ସାଧାରଣ ସଭା ପରିଚାଳନା ଶ୍ରୀମତୀ ସୁକୁରି ମାଡକାମି କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବାଡେ ପଂଚାୟତ ସଭାପତି ବଳରାମ ନାୟକ, ଉପ ସଭାପତି ବୁଦ୍ରା ମାଡକାମି, ସମ୍ପାଦକ ସୁରେନ୍ଦ୍ର ହଲବା, କୋଷାଧକ୍ଷ ନରସିଂହ ମାଢ଼ି, ଉପଦେଷ୍ଟା ଦେବା କବାସି, ମାସା ମାଡକାମି, ତ୍ରିନାଥ ରଞ୍ଜିତ, ମୁକା ମାଢ଼ି, ନରସିଂହ ଖରା, ମୁକୁନ୍ଦ ମାଡକାମି, ମାଲା ମାଢ଼ି, ସାନା ପାଙ୍ଗି ପ୍ରମୁଖ ଉପସ୍ଥିତ ରହି ସଭାର ଆୟୋଜନ କରିଥିଲେ।

# ଶାରଦୀୟ ପୂଜାତ୍ସୋବରେ ଆଇନଗତ କଟକଣା: ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲା ବିଜେପି ନେତୃମଣ୍ଡଳୀ

ସମ୍ବଲପୁର, ୧୦/୧୦ (ନି.ପ୍ର): ପବିତ୍ର ଶାରଦୀୟ ପୂଜାର ଶୋଭାଯାତ୍ରା ତଥା ପୂଜା ପାର୍ବଣ ସମୟରେ ସମ୍ବଲପୁର ସହରରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ଆଜି ସମ୍ବଲପୁର ଜିଲ୍ଲା ବିଜେପିର ଏକ ପ୍ରତନିଧି ଦଳ ସମ୍ବଲପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଜିଲ୍ଲା ବିଜେପି ସଭାପତି ଗିରିଶ୍ ପଟେଲଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତନିଧି ଦଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ସମ୍ବଲପୁର ଜିଲ୍ଲାର ବିଭିନ୍ନ ପର୍ବପର୍ବାଣି ସମ୍ପର୍କରେ ଆଲୋକପାତ କରାଇବା ପରେ ବର୍ତମାନର ବିଭିନ୍ନ ପ୍ରତିବନ୍ଧକ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଇଥିଲେ । ବିଶେଷ କରି ଜିଲ୍ଲାରେ ଶୀତଳଷଷ୍ଠୀ, ନୂଆଁଖାଇ ଓ ଶାରଦୀୟ ପୂଜାତ୍ସୋବରେ ମା ଦେବୀ ଦୁର୍ଗାଙ୍କ ପୂଜା ବେଶ୍ ଧୁମଧାମରେ ପାଳିତ ହୋଇଥାଏ । ପୂଜାବିଧିର ପ୍ରାରମ୍ଭରେ ଶୁଦ୍ଧପୂତ ଭାବେ ମାତୃଶକ୍ତିର ପ୍ରତୀକ ମହିଳା ଓ ପୁରୁଷମାନେ କଳସ ଶୋଭାଯାତ୍ରାରେ ନଗର ପରିକ୍ରମା କରି ମଣ୍ଡପ ଗୁଡିକରେ ସ୍ଥାପନା କରିଥାନ୍ତି । ଏହା ପର ଠାରୁ ଧାର୍ଯ୍ୟ ଦିନାଙ୍କ ଗୁଡ଼ିକରେ ମା''ଙ୍କ ଯଥାବିଧି ନୀତି ଓ ପୂଜାର୍ଚ୍ଚନା ପରେ ବାଜା, ବାଣ ଓ ରୋଷଣୀର ପଟୁଆରରେ ମା ''ଙ୍କ ବିସର୍ଜନ ପର୍ବ ସମ୍ପନ୍ନ ହୋଇଥାଏ । ମାତ୍ର ଜିଲ୍ଲାର ଆଇନ୍ ଶୃଙ୍ଖଳା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପ୍ରଶାସନ ଏକ ବର୍ଷ ପାଇଁ କେତେକ ଶୋଭାଯାତ୍ରା ପ୍ରତି କଟକଣା ଲାଗୁ କରିଛି । ପୋଲିସ ପ୍ରଶାସନର ଏହି କଟକଣା ଏବେ ସାଂପ୍ରଦାୟିକ ତିକ୍ତତାକୁ ଉଜ୍ଜିବୀତ କରାଉଥିବା ନେଇ ଅନେକ ବୁଦ୍ଧିଜୀବୀ ଭିନ୍ନ ଆକ୍ଷେପ କରୁଥିବା ବେଳେ ଆଇନର କଟକଣା ଉହାଡରେ ହେଉଥିବା ପକ୍ଷପାତିତାକୁ ନେଇ ବିଜେପି ଉଠାଇଛି ପ୍ରଶ୍ନ । ଏପରିକି ଧାର୍ମିକ ଶୋଭାଯାତ୍ରା ପ୍ରତି ଯଦି ପୋଲିସ ପ୍ରଶାସନର କଟକଣା ରହିଛି ତେବେ ମହରମ୍ ବେଳେ ବିଭିନ୍ନ ପଡ଼ାରେ ଅସ୍ତ୍ରଶସ୍ତ୍ର ଆଖଡ଼ା ଓ ଶୋଭାଯାତ୍ରା କିପରି କରାଯାଇଥିଲା । ସାମାଜିକ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ପୋଲିସ ପ୍ରଶାସନ ଲାଗୁ କରୁଥିବା ସମସ୍ତ ପ୍ରକାରର ଆଇନଗତ କଟକଣା ସ୍ୱାଗତଯୋଗ୍ୟ । ମାତ୍ର ପୋଲିସ ପ୍ରଶାସନର ଅସ୍ୱଷ୍ଟ ନୀତି ସାଂପ୍ରଦାୟିକ ତିକ୍ତତା ସୃଷ୍ଟି କରାଉଥିବା ମୁଖ୍ୟ କାରଣ କୁହାଯାଉଛି । କାରଣ ଗୋଟିଏ ପଟେ ମହରମ୍ ଶୋଭାଯାତ୍ରାକୁ ହଁ'' ଓ ଦୁର୍ଗାପୂଜା ଶୋଭାଯାତ୍ରାକୁ ନା'' କଟକଣା ହିଁ ଦୁଇ ସଂପ୍ରଦାୟକୁ ଉତେଜିତ କରାଉଛି ।

## କ୍ୟୁବେକର ସ୍ୱାଧୀନତା ସଂଗ୍ରାମକୁ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

୧୯୯୮ରେ କାନାଡାର ସଂସଦ ପ୍ରଧାନମନ୍ତ୍ରୀ ଜେନ୍ ତ୍ରେଷ୍ଟିୟେନଙ୍କ ନେତୃତ୍ୱରେ କ୍ଲାରିଟୀ ଆକ୍ଟ ଆଣିଲା, ଯେଉଁଥିରେ କୌଣସି ପ୍ରଦେଶ ଅଲଗା ହେବାକୁ ଚାହିଁଲେ ହୋଇପାରିବ ବୋଲି ପ୍ରସ୍ତାବ ରହିଥିଲା । ଜୁନ୍ ୨୦୦୯ରେ ଯେଉଁ ସର୍ବେକ୍ଷଣ ହୋଇଥିଲା ସେଥିରେ ବହୁସଂଖ୍ୟକ ଲୋକେ ସ୍ୱାଧୀନତା ସପକ୍ଷରେ ମତ ଦେଇଥିଲେ । ୨୦୨୧ରେ ଫ୍ରାଙ୍କୋଇସ ଲିଗଙ୍କ କୋଆଲିସନ ଏଭେନିର କ୍ୱିବେକ ପକ୍ଷରୁ ପ୍ରଦେଶରେ ଫ୍ରେଞ୍ଚ ଭାଷାକୁ ଏକମାତ୍ର ପ୍ରଶାସନିକ ଭାଷା କରିବା ପାଇଁ ଦାବିହେଲା ଯାହା ୨୮୧-୨ମତରେ ଗୃହୀତ ହୋଇଥିଲା । କ୍ୱିବେକ ସ୍ୱାଧୀନତାକୁ କେନ୍ଦ୍ର କରି ଅନେକ ସିନେମା ଓ ସିରିଏଲ ନିର୍ମିତ ହୋଇଛି, ଉପନ୍ୟାସ ମଧ୍ୟ ପ୍ରକାଶ ପାଇଛି । ୱିଲିୟମ୍ ୱେନଟ୍ରାବଙ୍କ ଦି ଅଣ୍ଡର ଡଗ୍ (୧୯୭୯), କ୍ଲାଇଭ କୁସେଲରଙ୍କ ନାଇଟ ପ୍ରୁଭ (୧୯୮୪), ଡାଭିଡ ଫୋଷ୍ଟର ୱାଲେସଙ୍କ 'ଇନ୍‌ଫନାଇଟ୍ ଜେଷ୍ଟ', ହାରୀ ଟର୍ଟେଲଡୋଭଙ୍କ ଟସାଉଦର୍ଣ୍ଣ ଭିକ୍ଟ୍ରୀ ସିରିଜଟ, ମାର୍ଗାରେଟ ଅଟଉଡ୍‌ଙ୍କ 'ଲାଇଫ୍ ବିଫୋର ମ୍ୟାନ' (୧୯୭୯), ମରିସ ଡାଣ୍ଟେକ୍‌ଙ୍କ 'ବାବିଲୋନ ବେବିଜ୍' (ହାରୀ ଟର୍ଟେଲଡୋଭଙ୍କ କିଶୋର ଉପନ୍ୟାସ ଦି ଡିସୟୁନାଇଟେଡ୍ ଷ୍ଟେଟସ ଅଫ୍ ଆମେରିକା ଆଦିରେ କ୍ୱିବେକ୍ ସ୍ୱାଧୀନତାର ବିଷୟ ସ୍ଥାନ ପାଇଛି । ସ୍କଟ ରିଡଙ୍କ ପୁସ୍ତକ କାନାଡା ରିମ୍ୟାପଡ୍ : ହାଓ ଦି ପାର୍ଟିସନ୍ ଅଫ୍ କ୍ୱିବେକ୍ ୱିଲ ରିସେପ୍ ଦି ନେସନ (୧୯୯୨)ରେ କ୍ୱିବେକର କାନାଡାଠାରୁ ସ୍ୱାଧୀନତା ଲାଭ କରିବା ଓ ପ୍ରଶାସନ ଚଳିପାରିବାର ବର୍ଣ୍ଣନା ରହିଛି ।

କ୍ୱିବେକ୍‌ର ସ୍ୱାଧୀନତାକୁ ଆନ୍ତର୍ଜାତିକ ମଞ୍ଚରେ ଭାରତ ସମର୍ଥନ କଲେ କାନାଡାର ସରକାର ଚାପରେ ରହିବେ । ଭାରତମୂଳର ଲୋକେ କ୍ରମଶଃ ଅଧିକ କ୍ୱିବେକରେ ବାସକରି ସେଠାକାର ଜନସଂଖ୍ୟାରେ ନିଜର ଅଂଶବୃଦ୍ଧି କରିବା ସହ କ୍ୱିବେକର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇପାରିବେ । ଫ୍ରାନ୍ସ ସହ ଭାରତର ଉତ୍ତମ ସଂପର୍କ ଦୃଷ୍ଟିରୁ ଫ୍ରେଞ୍ଚଭାଷୀ ଏବଂ ଭାରତମୂଳର ଲୋକଙ୍କ ମେଣ୍ଟ ସୁଦୃଢ ହେଲେ କ୍ୱିବେକ୍ ଗଣଭୋଟର ପରିବର୍ତ୍ତନ ଆଣିବା ସମ୍ଭବ ହେବ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ସିକ୍କିମ୍ ବିପର୍ଯ୍ୟୟ : ପାଗ ସଫା ହେବା ସହିତ ସେନା ଉଦ୍ଧାର କାର୍ଯ୍ୟ କରିଛନ୍ତି ତୀବ୍ର

ନୂଆଦିଲ୍ଲୀ,୧୦/୧୦ : ସିକ୍କିମ୍‌ରେ ଆସିଥିବା ବନ୍ୟାର ଏକ ସପ୍ତାହ ପରେ ପାଗ ସଫା ହେବା ସହିତ ସେନା ଉଦ୍ଧାର କାର୍ଯ୍ୟ ତୀବ୍ର କରିଛନ୍ତି। ସେନାକୁ ଏହି ସମୟର ଅପେକ୍ଷା ଥିଲା। ମଙ୍ଗଳବାର ଦିନ ପୁଣିଥରେ ପର୍ଯ୍ୟଟକଙ୍କୁ ଏୟାରପୋର୍ଟକୁ ନେବା ସହିତ ଦୁର୍ଘମ ସ୍ଥାନରେ ଉଦ୍ଧାର କାର୍ଯ୍ୟ ପାଇଁ ହେଲିକାପ୍ଟରର ବ୍ୟବହାର କରାଯାଉଛି। ମଙ୍ଗଳବାର ଦିନ ଉତର ସିକ୍କିମର ଲାଚେନ ଏବଂ ଲାଚୁଂଗରେ ଫସି ରହିଥିବା ପର୍ଯ୍ୟଟକଙ୍କୁ ବାହାର କରିବା କାମ ସଶସ୍ତ୍ର ବଳ ପୁଣିଥରେ ଆରମ୍ଭ କରିଛନ୍ତି।

ସେନା ଅଧିକାରୀଙ୍କ ମୁତାବିକ ଲାଚୁଂଗ ଏବଂ ଲାଚେନରେପସିଥିବା ୯୫ ଲୋକଙ୍କୁ ହେଲିକାପ୍ଟରରେ ଅଣାଯାଇଛି। ଲାଚୁଂଗ ପୂର୍ବରୁ ସମୁହରେ ୧୭ ପର୍ଯ୍ୟଟକ ଏବଂ ଲାଚୁଂଗ ଗାଆଁର ଦୁଇ ସ୍ଥାନୀୟ ଲୋକ ସାମିଲ ଥିଲେ। ସକାଳେ ଦୁଇଟି ହେଲିକାପ୍ଟର ବିଭିନ୍ନ ଅଂଚଳ ପାଇଁ ବାହାରିଛନ୍ତି। ଲାଚୁଂଗରୁ ଲୋକଙ୍କୁ ଗ୍ୟାଙ୍ଗଟକ ପାଖ ପାକଯୋଗ ଏୟାରପୋର୍ଟକୁ ଅଣାଯାଉଛି। ଦୁଇ ଶିଶୁ ସହିତ ୭୬ ଫଶିଥିବା ଲୋକଙ୍କ ପୂର୍ବରୁ ବେଂଚକୁ ତିନିଥର ହେଲିକାପ୍ଟର ଦ୍ୱାରା ଲାଚେନରୁ ବାହାର କରି ସେମାନଙ୍କୁ ରିଂଗିମ୍ ହେଲିପ୍ୟାଡ୍, ମଂଗନ ଅଣାଯାଇଛି। ଏହାର ଗୋଟିଏ ଦିନ ପୂର୍ବରୁ ଲାଚେନ ଏବଂ ଲାଚୁଂଗରୁ ୩୬୦ରୁ ଅଧିକ ପର୍ଯ୍ୟଟକଙ୍କୁ ବାହାର କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ପରିଚୟ ....

ଏମ୍‌ସରେ ସଂରକ୍ଷିତ ରଖାଯାଇଥିଲା।ଫିଜିକାଲ ଭେରିଫିକେସନ୍ ପରେ ସେଥିରୁ ୮୧ଟି ତତ୍କାଳ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଥିଲା। ତା'ସତ୍ତ୍ୱେ ଅନେକ ମୃତଦେହ ଚିହ୍ନଟରେ ସମସ୍ୟା ଉପୁଜିବାରୁ ଡିଏନଏ ମ୍ୟାଚିଂ ସହାୟତା ନିଆଯାଇଥିଲା। ଯାହାଦ୍ୱାରା ଆଉ ୫୩ଟି ମୃତଦେହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିବାରେ ସମ୍ଭବ ହୋଇଥିଲା। ହେଲେ ୨୮ଟି ମୃତଦେହର ଦାବିଦାର ଆସିନଥିଲେ। ତେଣୁ ସତ୍କାର ବ୍ୟବସ୍ଥା କରାଯାଉଛି।

### ଜଗା ଦର୍ଶନ ପାଇଁ ...

ଆବୃତ୍ତ କରୁନଥିବା ପୋଷାକ ପିନ୍ଧି ଶ୍ରୀମନ୍ଦିର ଯାଇ ପାରିବେନି। ନୂଆବର୍ଷଠୁ ଏ ନିୟମ କଡ଼ାକଡ଼ି ପାଳନ ହେବାକୁ ଥିବା ବେଳେ ଏନେଇ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି। ଅପରପକ୍ଷେ, ସଚେତନତା ସତ୍ତ୍ୱେ ଯେଉଁ ଭକ୍ତ ମାର୍ଜିତ ପରିଧାନ ବିନା ଶ୍ରୀମନ୍ଦିରରେ ପହଞ୍ଚିବେ, ସେମାନେ ପ୍ରବେଶ ପୂର୍ବରୁ କିଭଳି ଉପଯୁକ୍ତ ପୋଷାକ ପିନ୍ଧିବେ, ସେଥିପାଇଁ ଚାରି ଦୁଆରରେ କ୍ଲକ୍ ରୁମ୍ ଓ ଚେଞ୍ଜିଂ ରୁମ୍ କରାଯିବାକୁ ଦାବି କରିଛନ୍ତି ସେବାୟତ। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଏହି ବ୍ୟବସ୍ଥାକୁ ସ୍ୱାଗତ କରିଛନ୍ତି। ହେଲେ କିଛି ବୁଦ୍ଧିଜୀବୀ ଏପରି ନିୟମ ଭକ୍ତଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା କହି ବିରୋଧ କରିଛନ୍ତି। ଏପରିକି ଏହି କାରଣରୁ ଯଦି କୌଣସି ଭକ୍ତଙ୍କୁ ମନ୍ଦିର ପ୍ରବେଶରୁ ବଂଚିତ କରାଯାଏ ତାହେଲେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରାଯିବ ବୋଲି କହିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆଜିଯାଏଁ ମହାପ୍ରସାଦ ଦର ନିର୍ଦ୍ଧାରଣ ହୋଇ ପାରୁନଥିବା, ମୋବାଇଲ୍ କଟକଣା ମଧ ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରୁନଥିବା ବେଳେ ଭକ୍ତ ଏବଂ ସେବାୟତଙ୍କ ସମର୍ଥନ ସତ୍ତ୍ୱେ ପରିଧାନକୁ ନେଇ ଲାଗୁ ହେବାକୁ ଥିବା ଏହି ନୂଆ ନିୟମ କିଭଳି କାର୍ଯ୍ୟକାରୀ ହେଉଛି, ଏବେ ତାହା ଉପରେ ସମସ୍ତଙ୍କ ନଜର।

### ଆମ ଓଡିଶା ....

ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ । ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟସ୍ଥଳୀ ଗୁଡିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟସ୍ଥଳୀ ଗୁଡିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ । ଗାଁରେ ଇଣ୍ଟରନେଟ୍ ସଂଯୋଗ ମିଳିବ । ବିଜ୍ଞାନ ପାର୍କ ହେବ । ଦକ୍ଷତା ବିକାଶ କେନ୍ଦ୍ର ହେବ, ୱାର୍କସ୍ ହବ୍ ହେବ, ବ୍ୟାଙ୍କିଙ୍ଗ ସୁବିଧା ମିଳିବ । ଏହି କାର୍ଯ୍ୟକ୍ରମରେ ଗାଁର ପ୍ରାଥମିକ ବିଦ୍ୟାଳୟଗୁଡିକ ମଧ ସାମିଲ ହେବ । ଏହା ଆମର ଯୁବ ସମାଜ ପାଇଁ, ମା'ମାନଙ୍କ ପାଇଁ, ଚାଷୀ ଭାଇ-ଭଉଣୀମାନଙ୍କ ପାଇଁ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଅମାପ ସୁଯୋଗ ଆଣିବ ଏବଂ ଏକ ଆଧୁନିକ, ସଶକ୍ତ, ପ୍ରଗତିଶୀଳ ତଥା ସଂସ୍କୃତି ସଚେତନ ରାଜ୍ୟ ଭାବେ ଓଡିଶାର ପରିଚୟକୁ ଆହୁରି ଉଜ୍ଜଳ କରିବ । ଏହି ନୂଆ ଓଡିଶାରେ ଆମର ଭିତ୍ତିଭୂମି ହେବ ସୁଦୃଢ ଓ ଡେଣା ହେବ ଶକ୍ତ ଏବଂ ଆକାଂକ୍ଷୀ ଓଡିଶା ପରିକଳ୍ପନା ପାଇବ ସାକାର ରୂପ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ କେନ୍ଦୁଝରର ୬ଟି ନିର୍ବାଚନ ମଣ୍ଡଳୀର ୨୯୭ଟି ଗ୍ରାମ ପଞ୍ଚାୟତର ୩୫୬୮ଟି ପ୍ରକଳ୍ପ ପାଇଁ ୧୪୮ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ବେଳେ, ଭଦ୍ରକ ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀର ୨୧୮ଟି ଗ୍ରାମ ପଞ୍ଚାୟତର ୩୩୩୭ଟି ପ୍ରକଳ୍ପ ପାଇଁ ୧୦୯ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ କେନ୍ଦୁଝରର ୬ଟି ନିର୍ବାଚନମଣ୍ଡଳୀ ଓ ଭଦ୍ରକର ୫ଟି ନିର୍ବାଚନ ମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହୋଇଥିଲା । କାର୍ଯ୍ୟକ୍ରମରେ ଉଭୟ ଜିଲ୍ଲାର ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

### ଭାରତରେ ହମାସ ଭଳି ....

ତା'ହେଲେ ନିଶ୍ଚିତ ପ୍ରତିକ୍ରିୟା ପ୍ରକାଶ ପାଇବ। ଭାରତ ଓ ପ୍ରଧାନମନ୍ତ୍ରୀ ମୋଦି ଏଥିପାଇଁ ଦାୟୀ ରହିବେ। ଏସଏଫଜେ ବାଲାଟ ଓ ଭୋଟରେ ବିଶ୍ୱାସ କରେ। ପଞ୍ଜାବର ମୁକ୍ତି ନିଶ୍ଚିତ। ବାଲାଟ ନା ବୁଲେଟ, ତାହା ଭାରତ ଏବେ ସ୍ଥିର କରୁ ।" ଏହାପୂର୍ବରୁ ମଧ ପନ୍ନୁନ ଅନେକ ଥର ଭାରତକୁ ଧମକ ଦେବାର ନଜିର ରହିଛି।

### ଛତିଶଗଡ଼ ଓ ମଧ୍ୟପ୍ରଦେଶରେ...

୯୦ ଆସନ ବିଶିଷ୍ଟ ଏହି ବିଧାନସଭା ଆସନରେ କଂଗ୍ରେସ ୪୮ ଆସନ ଜିତିବ ବୋଲି ଆକଳନ କରାଯାଇଛି।ଏବିପି-ସିଭୋଟର୍ ସର୍ଭେର ବର୍ତ୍ତମାନର ପୂର୍ବାନୁମାନ ଅନୁଯାୟୀ, ଏଥର ବିଜେପି କଂଗ୍ରେସ ହାତରୁ ରାଜସ୍ଥାନକୁ ଛଡ଼ଇ ଆଣିବ। ବିଜେପି ଏଥର ପୂର୍ବ ନିର୍ବାଚନ ଅପେକ୍ଷା ରାଜସ୍ଥାନରେ ୫୯ଟି ସିଟ୍ ଅଧିକ ପାଇବ। ୧୩୨ଟି ଆସନ ସହ ବିଜେପି ଏଠାରେ ସରକାର ଗଢ଼ିବ। ସେହିପରି କଂଗ୍ରେସର ୩୬ଟି ସିଟ୍ ହ୍ରାସ ପାଇବ। ପୂର୍ବ ନିର୍ବାଚନରେ ଦଳ ଏଠାରେ ୧୦୦ ଆସନ ଜିତି କ୍ଷମତା ଅକ୍ତିଆର୍ କରିଥିବା ବେଳେ ଏଥର ମାତ୍ର ୬୪ ଆସନ ପାଇବ। ମତାମତ ସର୍ଭେ ଅନୁଯାୟୀ, କେସିଆରଙ୍କ ନେତୃତ୍ୱାଧୀନ ଭାରତ ରାଷ୍ଟ୍ର ସମିତି(ବିଆରଏସ୍)ର ତେଲେଙ୍ଗାନାରେ ଏଥର ଆଗରେ ରହିପାରେ କଂଗ୍ରେସ, କିନ୍ତୁ ସଂଖ୍ୟାଗରିଷ୍ଠତା ହାସଲ କରିପାରିବ ନାହିଁ। ୧୧୯ ଆସନ ବିଶିଷ୍ଟ ତେଲେଙ୍ଗାନାରେ ଏକ ବଡ଼ ଲମ୍ଫ ମାରିବ କଂଗ୍ରେସ। ଦଳ ଏଠାରେ ୨୦୧୮ ନିର୍ବାଚନରେ ୩୪ଟି ଆସନ ପାଇଥିବା ବେଳେ ଏଥର ପାଇବ ୫୪ ସିଟ୍। ସେପଟେ ବିଆରଏସର ପ୍ରଦର୍ଶନ ଖୁବ୍ ଦୁର୍ବଳ ରହିବ। ଦଳ ପୂର୍ବଥର ଏଠାରୁ ୮୮ ଆସନ ପାଇ ସରକାର ଗଢ଼ିଥିବା ବେଳେ ଏଥର ୩୯ଟି ଆସନ ହାତରୁ ହରାଇ ମାତ୍ର ୪୯ ସିଟରେ ସୀମୀତ ରହିବ ବୋଲି ସର୍ବେକ୍ଷଣ ରିପୋର୍ଟରେ ଉଲ୍ଲେଖ ରହିଛି। ମିଜୋରାମରେ ଏଥର ଝୁଲା ଫଳାଫଳ ଅର୍ଥାତ୍ କେହି ସଂଖ୍ୟାଗରିଷ୍ଠତା ହାସଲ କରିପାରିବେନି ବୋଲି ଆକଳନ କରିଛି ଏବିପି-ସିଭୋଟର୍। ୪୦ ଆସନ ବିଭିଷ୍ଟ ଏହି ଗଡରେ ୨୬ ଆସନ ପାଇ ସରକାର ଗଢିଥିବା ମିଜୋ ନ୍ୟାସନାଲ ଫ୍ରଣ୍ଟର ୧୧ ସିଟ୍ ହ୍ରାସ ପାଇବ। କଂଗ୍ରେସ ଏଠାରୁ ୧୨ ସିଟ୍ ପାଇବାକୁ ଥିବାବେଳେ ଜୋରମ୍ ପିପଲ୍ସ ମୁଭମେଣ୍ଟ ୧୧ ଆସନ ପାଇବ ବୋଲି ଆକଳନ କରିଛି ଏବିପି-ସିଭୋଟର୍।

### ଅସ୍ତବ୍ୟସ୍ତ କରିଦେବ...

ଅନୁସନ୍ଧାନକାରୀମାନେ କହିଛନ୍ତି ଯେ ଯଦି ତାପମାତ୍ରା ବୃଦ୍ଧି ସାଙ୍ଗକୁ ଶୁଷ୍କତା ସମସ୍ୟା ସୃଷ୍ଟି ହୁଏ ତେବେ ଏହା ବିପଦଜନକ ହୋଇପଡ଼ିବ। କାରଣ ବାୟୁ(ପବନ) ଅତ୍ୟଧିକ ଆଦ୍ରତାକୁ ଗ୍ରହଣ କରିପାରେ ନାହିଁ। ଯଦି ଲୋକମାନେ ଖରା ସାଙ୍ଗକୁ ଶୁଷ୍କତା ଅନୁଭବ କରିବେ, ତେବେ ମାନବ ଶରୀରର ଝାଳ ଶୁଖିବା କ୍ଷମତା ବାଧାପ୍ରାପ୍ତ ହେବ। ଏଥିସହ ଫ୍ୟାନ୍, ଏସି, କୁଲର୍ ଭଳି ଝାଳ ଶୁଖାଉଥିବା ଯନ୍ତ୍ରପାତିର କ୍ଷମତା ହ୍ରାସ ପାଇବ। ଏସବୁ ଉପକରଣରେ ବି ଶୀଘ୍ର ଝାଳ ଶୁଖାଇପାରିବ ନାହିଁ। ଲୋକମାନେ ଅସହ୍ୟ ତାତିର ଶିକାର ହେବେ। ଏପରି ହେଲେ ଏସି, ଫ୍ୟାନ୍, କୁଲରର ଅଭାବ ମଧ ଦେଖାଯିବ। ଏହାର ପ୍ରଭାବ ବିଶେଷ କରି ନିମ୍ନ କିମ୍ବା ମଧବିତ୍ତ ଆୟକାରୀ ଦେଶମାନଙ୍କ ଉପରେ ଅଧିକ ପଡ଼ିବ। କାରଣ ଲୋକମାନେ ଗରମରୁ ରକ୍ଷା ପାଇବା ପାଇଁ ବୈଦ୍ୟୁତିକ ଉପକରଣ କିଣିବାରେ ଅକ୍ଷମ ହେବେ। ଜଣେ ବ୍ୟକ୍ତି ଉତ୍ତାପ ଓ ଆର୍ଦ୍ରତାର ନିର୍ଦ୍ଦିଷ୍ଟ ମିଶ୍ରଣକୁ ସହ୍ୟ କରିପାରେ, କିନ୍ତୁ ଯେତେବେଳେ ଏହି ସହିବା ସୀମା ଅତିକ୍ରମ ହେବ, ତାହା ସିଧାସଳଖ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇବ। ଅତ୍ୟଧିକ ଗରମ କାରଣରୁ ହାର୍ଟଷ୍ଟ୍ରୋକ୍ସ ଓ ଆହର୍ଟ ଆଟାକ୍ ଭଳି ସ୍ୱାସ୍ଥ୍ୟ ସମସ୍ୟା ଆହୁରି ବଢିପାରେ ବୋଲି ଅନୁସନ୍ଧାନକାରୀମାନେ ଆକଳନ କରିଛନ୍ତି। ରିପୋର୍ଟ ଅନୁସାରେ, ଶିଳ୍ପ ବିପ୍ଳବ ଆରମ୍ଭରୁ କାର୍ବନ ଡାଇଅକ୍ସାଇଡ୍ (ଉଙ୍୨) ସ୍ତର ବୃଦ୍ଧି ପାଉଛି। ମୁଖ୍ୟତଃ ବିକଶିତ ଦେଶମାନଙ୍କର ଆତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ଏହାର ମୁଖ୍ୟ କାରଣ। ଏହି କାରଣରୁ ବର୍ତ୍ତମାନ ବିଶ୍ୱ ତାପମାତ୍ରା ୧.୧୫ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇ ସାରିଛି। ବିଶ୍ୱର ତାପମାତ୍ରା ବୃଦ୍ଧିକୁ ପୂର୍ବ ଶିଳ୍ପ ସ୍ତରରୁ ୧.୫ ଡିଗ୍ରୀ ସେଲସିୟସକୁ ସୀମିତ ରଖିବା ପାଇଁ ୨୦୧୫ରେ ୧୯୬ଟି ଦେଶ ପ୍ୟାରିସ୍ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ତଥାପି, ବିଶ୍ୱର ଅଗ୍ରଣୀ ଜଳବାୟୁ ବୈଜ୍ଞାନିକମାନଙ୍କୁ ନେଇ ଗଠିତ ଏକ ଇଣ୍ଟରଗଭର୍ଣ୍ଣମେଣ୍ଟାଲ ପ୍ୟାନେଲ୍ ଅନ୍ କ୍ଲାଇମେଟ୍ ଚେଞ୍ଜର୍ (ଆଇପିସିସି) ଅନୁଯାୟୀ, ବିଂଶ ଶତାବ୍ଦୀର ଶେଷ ଭାଗରେ ବିଶ୍ୱ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ। ଆଇପିସିସି ଜୋର ଦେଇଛି ଯେ ଜଳବାୟୁ ପରିବର୍ତ୍ତନର ଚରମ, ବିନାଶକାରୀ ଏବଂ ସମ୍ଭାବ୍ୟ ପ୍ରତ୍ୟାବର୍ତ୍ତନକାରୀ ପ୍ରଭାବକୁ ଏଡାଇବା ପାଇଁ ବିଶ୍ୱର ହାରାହାରି ତାପମାତ୍ରାକୁ ୨୦୧୯ ସ୍ତର ତୁଳନାରେ ୨୦୩୦ ସୁଦ୍ଧା ଅଧା ହ୍ରାସ କରିବାକୁ ପଡ଼ିବ। ନଚେତ୍ ଏହା ଏକ ଗମ୍ଭୀର ମାନବ ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରିବ। ବିଶ୍ୱସ୍ତରୀୟ ଏଜେନ୍ସିଗୁଡିକ ଅନୁଯାୟୀ, ଗତ ଚାରିମାସ (ଜୁନ୍, ଜୁଲାଇ, ଅଗଷ୍ଟ ଏବଂ ସେପ୍ଟେମ୍ବର) ସବୁଠାରୁ ଉତ୍ତପ୍ତ ଥିଲା ଓ ୨୦୨୩ ବର୍ଷ ଅତ୍ୟଧିକ ଉତ୍ତାପ ବର୍ଷ ହେବାକୁ ଯାଉଛି। ଯଦି ତୁରନ୍ତ ଏଥିପ୍ରତି ଧାନ ନ ଯାଏ, ତେବେ ଆଗାମୀ ସମୟରେ ହିଟ୍ ୱେଭ୍ ଏକ ଅଭିଶାପ ପାଲଟିଯିବ!

### ପୁଣି ଇଡି ସ୍କାନରରେ ...

ବୋର୍ଡର ଅଧକ୍ଷ ଭାବେ କାର୍ଯ୍ୟରତ ଥିବା ବେଳେ ୩୨ ଜଣଙ୍କୁ ବେନିୟମ ଭାବେ ଭର୍ତ୍ତି କରିଥିଲେ। ଦିଲ୍ଲୀ ୱକଫ୍ ବୋର୍ଡର ତତ୍‌କାଳୀନ ସିଇଓ ଏନେଇ ବିବୃତି ଜାରି କରିଥିଲେ। ଏହାବାଦ ସେ ଦିଲ୍ଲୀ ୱକଫ୍ ବୋର୍ଡର ବହୁ ସମ୍ପତି ବେଆଇନ ଭାବେ ଭଡ଼ା ସୂତ୍ରରେ ଦେଇ ନିଜେ ଲାଭବାନ ହେଉଥିବା ଅଭିଯୋଗ ହେଉଛି। ସେ ବୋର୍ଡର ଟଙ୍କାର ଦୁରପଯୋଗ କରିଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗର ତଦନ୍ତ କରିବାକୁ ଯାଇ ଆଣ୍ଟି କରପସନ୍? ବ୍ୟୁରୋ ଗତବର୍ଷ ସେପ୍ଟେମ୍ବରରେ ଅମନତୁଲ୍ଲାଙ୍କୁ ପଚରାଉଚରା କରିଥିଲା। ଏଥିସହ ବିଭନ୍ନ ସ୍ଥାନରେ ଚଢ଼ାଉ କରି ପ୍ରାୟ ୨୪ ଲକ୍ଷ କ୍ୟାସ୍? ଜବତ କରିଥିଲା। ଏହାବାଦ ବେଆଇନ ଭାବେ ବ୍ୟବହୃତ ହେଉଥିବା ବହୁ ବନ୍ଧୁକ, ଗୁଳି ବି ଜବତ ହୋଇଥିଲା। ଏବେ ପୁଣି ଥରେ ତାଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଛି। ଏହା ପୂର୍ବରୁ ଅବକାରୀ ନୀତି ଦୁର୍ନୀତି ଘଟଣାରେ ଇଡି ଗତ ବୁଧବାର ସଞ୍ଜୟ ସିଂହଙ୍କୁ ଗିରଫ କରିଥିଲା। ଅବକାରୀ ନୀତିରେ ହୋଇଥିବା ଦୁର୍ନୀତିରୁ ଜଣେ ବ୍ୟବସାୟୀ ୩ କୋଟି ଟଙ୍କା ସଞ୍ଜୟ ସିଂହଙ୍କୁ ଦେଇଥିବା କହିବା ପରେ ଇଡି ତାଙ୍କୁ ଗିରଫ କରିଥିଲା।

## ଦକ୍ଷିଣପୂର୍ବ ରେଳପଥ- ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର: **4361-GRC-CE-C- -HQ-38-2023** । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ମୁଖ୍ୟ ଇଞ୍ଜିନିୟର (CON) / HQ / ଗାର୍ଡେନ୍ ରିଚ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରିଛନ୍ତି: ଟେଣ୍ଡର ଅପଲୋଡ୍ ହୋଇଛି ୱେବସାଇଟ୍ **www.ireps.gov. in** ରେ ଟେଣ୍ଡର ବନ୍ଦ ହେବ ୧୨.୦୦ ଘଣ୍ଟା ଧାର୍ଯ୍ୟ ତାରିଖରେ । **କାର୍ଯ୍ୟ ପ୍ରସ୍ତୁତି:** ଯୋଗାଣ ଏବଂ ଲୋଡିଂ ୫୦ ମିଲିମିଟର ମେସିନ୍ ଚୂର୍ଣ୍ଣ ହାର୍ଡ ଷ୍ଟୋନ ଟ୍ରାକ୍ ବାଲାଷ୍ଟର ଯେକୌଣସି ପ୍ରକାରର ରେଳ ୱାଗନ୍ / ହପର୍ସରେ ବାରହାରା / ବାକୁଡିହ / ତାଲଜରୀ / ସାହିବଗଞ୍ଜ / ପିନାରଗରିଆ / ରାଜଗ୍ରାମ କ୍ୱାରି ବାଲାଷ୍ଟ ନାରାୟଣଗର-ଭଦ୍ରାକ ତୃତୀୟ ଲାଇନ ପ୍ରକଳ୍ପ (ମାପ ହେବ ଗନ୍ତବ୍ୟ ସ୍ଥଳରେ) **ପାଖାପାଖି ମୂଲ୍ୟ:** ୫.୬୮ କୋଟି, **ବିଡ୍ ସୁରକ୍ଷା:** ୪,୩୪,୦୦୦ / -। ଏବଂ **ସମାପ୍ତି ସମୟ:** ୬ ମାସ । **ବନ୍ଦ ତାରିଖ:** ୩୧.୧୦.୨୦୨୩ ଇଚ୍ଛୁକ ଟେଣ୍ଡରକାରୀମାନେ ଟେଣ୍ଡରଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି ଆଇଟମଗୁଡିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **NB:** 'ଅନ୍ୟ ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶା କରୁଥିବା ବିଡରମାନେ ନିୟମିତ ଭାବରେ **www. ireps. gov.in** ପରିଦର୍ଶନ କରିପାରିବେ ।

**(PR-685)**

## ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ




ରୂପସା , ୧୦/୧୦ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ସତ୍ୟନିଷ୍ଠ ଯୋଗ ସାଧିକା ଆତ୍ମଜ୍ଞାନୀ ମୁନିମତୀ ଶକୁନ୍ତଳା ପରିଡ଼ାଙ୍କ ନାତୁଣୀ ଆୟୁଷ୍ମତୀ କୁମାରୀ ବୈଷ୍ଣବୀ ପରିଡ଼ାଙ୍କ ୬ ଷ୍ଠ ଶୁଭ ଜନ୍ମଦିନ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ଅଧକ୍ଷତାରେ, ମହା ସମାରୋହରେ ପାଳିତ ହୋଇଯାଇଛି । ଅତିଥି ହିସାବରେ ଯୋଗଦାନ କରିଥିଲେ ଆଶ୍ରମର ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା। ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ । ଆତ୍ମଜ୍ଞାନ ମୁନି ସଙ୍ଗୀତ ଗାନ କରିଥିଲେ ଯୋଗଶିକ୍ଷୟତ୍ରୀ କଣ୍ଡଶୀଳ୍ପୀ ମଞ୍ଜୁଲତା ବେହେରା ମହୋଦୟା । ଉପସ୍ଥିତ ଥିଲେ, ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା। ମୁନିରାଜ୍ଞୀ ବିମଳା ଲେଙ୍କା,ଯୋଗ ସାଧିକା ବାସନ୍ତୀ ମହାଳିକ,ପୂର୍ଣିମା ବର, ମୁନିମତୀ ଫୁଲମଣୀ ବେହେରା, ନୀନ ସାହୁ , ଯମୁନା ପାତ୍ର, ରମଣୀ ପାତ୍ର, ଜାହ୍ନବୀ ଗିରି, ମୁନିରାଜ ଗ୍‌ଉରହରି ବାରିକ, ଯମୁନା ବର,ସୀତା ବେହେରା, ସୁମତୀ ବେହେରା, ମିନତୀ ବର, ପଦ୍ମାବତୀ ସିଂ, ଉର୍ମିଳା ରାଉଳ, କୁନି ମାଝୀ, ମୁନି କମଳାକାନ୍ତ ବେହେରା,ମୁନି ଗଣେଶ୍ୱର, ମୁନି,ସାଧନ ସିଂ , ଯୋଗେନ୍ଦ୍ର ବେହେରା, ମୁନିକୁମାର କମଳାକାନ୍ତ ପରିଡ଼ା ମୁନି କୁମାର ତାପସ ପ୍ରମୁଖ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ଆୟୁଷ୍ମତୀ ମୁନିକୁମାରୀ ବୈଷ୍ଣବୀ ପରିଡାଙ୍କୁ,ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ସମୂହ ଶୁଭ ଆଶିର୍ବାଦ,ଗ୍ରହିତାଙ୍କର ପ୍ରାରବ୍ଧ ଅଶୁଭ ଫଳ କୁ ତାଙ୍କର କର୍ମ ଦ୍ୱାରା ନିଶ୍ଚୟ ଖଣ୍ଡନ କରିପାରିବ ବୋଲି ବକ୍ତା ଏବଂ ସଭାପତି ଦୃଢ଼ତାର ସହିତ ପ୍ରକାଶ କରିଥିଲେ ।ଶେଷରେ ଜେଜେମା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

## ବସ୍ତା ଲାୟନ୍ସ କ୍ଲବ ତରଫରୁ ସହାୟତା ପ୍ରଦାନ

ବସ୍ତା , ୧୦/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ପହଣା ଗ୍ରାମରେ ବସବାସ କରନ୍ତି ରବିନ୍ଦ୍ର ମୁଖୀ ଙ୍କ ପରିବାର, ନିଜର ଜମିବାଡି କିଛି ନଥିବାରୁ ରବିନ୍ଦ୍ର ପରଘରେ ମୂଲ ଲାଗି କଷ୍ଟେମଷ୍ଟେ ପରିବାର ପ୍ରତିପୋଷଣ କରୁଥିଲେ, କିଛି ବର୍ଷ ପୂର୍ବରୁ ରବୀନ୍ଦ୍ର ଙ୍କ ବଡପୁଅ ରୋଗରେ ପଡି ଅର୍ଥାଭାବରୁ ଚିକିତ୍ସିତ ହୋଇ ନପାରି ମୃତ୍ୟୁ ବରଣ କରିଥିବା ବେଳେ ଗତ ୧୦ ଦିନ ପୂର୍ବରୁ ଅଜଣା ରୋଗରେ ପିଡିତ ହୋଇ ରବିନ୍ଦ୍ର ମଧ୍ୟ ଚିକିତ୍ସା ଅଭାବରୁ ଆଖି ବୁଜି ଦେଲେ, ଅଭାବ ଅନଟନ ମଧରେ ଶବ ସତ୍କାର ପାଇଁ ମଧ କାଠ ଯୋଗାଡ କରିବା ପାଇଁ ଦୁଇଛୁଆ ଘରେ ଘରେ ମାଗି ପ୍ରାୟ ଦୁଇ ଦିନ ପରେ ଶବ ଦାହ କରିଥିବା ସ୍ଥାନୀୟ ଲୋକକହୁଛନ୍ତି । ଘରେ ଏବେ ଦୁଇ ନାବାଳକ ଭାଇ ଭଉଣୀ, ରବିନ୍ଦ୍ର ଙ୍କ ସ୍ତ୍ରୀ ଏବଂ ବୃଢୀ ମା ବସି ଲୁହ ଗଡାଉଛନ୍ତି, ହଠାତ ବାପା ଙ୍କ ମୃତ୍ୟୁ ପରେ ଏବେ ଖାଇବାକୁ ବି ଘରେ ଦାନା ନାଂହି , ନିଜ ଭାଗ୍ୟ କୁ ଆଦରି ଭଙ୍ଗା କୁଡିଆ ରେ ଭୋକ ଉପାସ ରେ ପଡି ରହିଛନ୍ତି, ଏମିତିକି ବାପା ଙ୍କ ଅନ୍ତେଷ୍ଟି କ୍ରିୟା କରିବା ପାଂଇ ଘରେ ଟଙ୍କାଟିଏ ନଥିବାରୁ ଦୁଇ ନାବାଳକ ଭାଇ ଭଉଣୀ ଘର ଘର ବୁଲି ଭିକ୍ଷା ବୃତ୍ତି କରୁଛନ୍ତି, ଏମାନଙ୍କ ବୁକୁ ଫଟା କାନ୍ଦ ଦେଖି ସାହି ପଡିଶା ବି କାନ୍ଦି ପକାଉଛନ୍ତି । ଗଣମାଧମ ଜରିଆରେ ଖବର ପାଇ ଆଜି ବସ୍ତା ଲାୟନ୍ସ କ୍ଲବର ଉପସଭାପତି ସମାଜସେବୀ ସୁମନ୍ତ କୁମାର ଜେନା ସଦସ୍ୟ ସମୟରଚକ୍ର ସମ୍ପାଦକ ସର୍ବେଶ୍ୱର ଜେନା ଜଗନ୍ନାଥ ଭୂୟାଁ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ଅମର ଆତ୍ମାର ସଦ୍ଗତିଃ କାମନା କରିବା ସହ ବସ୍ତା ଲାୟନ୍ସ କ୍ଲବ ତରଫରୁ ୫୦୦୦ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରା ଯାଇଥିଲା ସାଥିରେ ବସ୍ତା ବି ଡି ଓ ଶ୍ରୀଯୁକ୍ତ ସତ୍ୟଜିତ ମହାନ୍ତି ଉପସ୍ଥିତ ଥିଲେ ।



## ବିଦ୍ୟୁତ କର୍ମଚାରୀଙ୍କ ଛଟେଇକୁ ତୀବ୍ର ବିରୋଧ: ଟାଟା ପାୱାର ଶ୍ରମିକ ମାରଣ ନୀତି ବିରୁଦ୍ଧରେ ଆନ୍ଦୋଳନ ଚେତାବନୀ



ବାରିପଦା , ୧୦/୧୦ (ନି.ପ୍ର): ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିୟନ ଏକ ଜରୁରୀ କାଳୀନ ବୈଠକ ସଂଘର ଜିଲ୍ଲା ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ଉପଦେଷ୍ଟା ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଓ ସଂଘର ପରାମର୍ଶଦାତା ପୌରପରିଷଦ ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି ଟାଟା ପାୱାରର ମନମୁଖୀ ଶାସନ, ବିଦ୍ୟୁତ୍ କର୍ମଚାରୀଙ୍କ ଛଟେଇ ଓ ନିୟମ ବିରୋଧି କାର୍ଯ୍ୟକୁ ବିରୋଧ କରାଯାଇ ଏକ ୭ ଦଫା ଦାବିପତ୍ର ଅଧିକ୍ଷଣ ଯନ୍ତ୍ରୀ ବାରିପଦା, ନିର୍ବାହୀ ଯନ୍ତ୍ରୀ ବାରିପଦା, ଉଦଳା ଏବଂ ରାଇରଙ୍ଗପୁର ଉଦ୍ଦେଶ୍ୟରେ ଦିଆଯାଇଅଛି । ଟାଟା ପାୱାର ଆସିବା ଦିନ ଠାରୁ ସ୍ୱଳ୍ପ ଦରମାରେ କାମ କରି ପରିବାର ଚଳାଉଥିବା କର୍ମଚାରୀଙ୍କୁ ହଠାତ ମନମୁଖୀ ଭାବେ ଛଟେଇ କରିବାର ଯୋଜନା କରିବା ଏବଂ କର୍ମଚାରୀଙ୍କ କାର୍ଯ୍ୟ ସର୍ତ୍ତାବଳୀ ବିରୋଧରେ କାମ କରେଇବାକୁ କର୍ମଚାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସ୍ୱଳ୍ପ ଦରମାରେ କାର୍ଯ୍ୟକରି ଟାଟା ପାୱାର ଭିତ୍ତିଭୂମି ସଜାଡ଼ିବା ଓ ଉତ୍ତମ ଗ୍ରାହକ ସେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା କର୍ମଚାରୀଙ୍କ ଛଟେଇ କରିବାକୁ ପ୍ରୟାସ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସଂଘ ପ୍ରକାଶ କରିଛି । ଦାବି ଗୁଡ଼ିକ ମଧ୍ୟରେ ମିଟର ରିଡର ମାନଙ୍କର ଇପିଏଫ ଏବଂ ଇଏସ୍ଆଇ କାର୍ଡ ଦେବାରେ ଅନିୟମିତତା, ମିଟର ରିଡର ଏବଂ ବିଲ କଲେକ୍ଟର ମାନଙ୍କୁ କୁଶଳୀ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିବା, ସଦ୍ୟ ସମୂହ ବଦଳି ହୋଇଥିବା ଲାଇନ ମ୍ୟାନ ପାଇଁ ଉପୁଜୁଥିବା ବିଦ୍ୟୁତ୍ ବିଭ୍ରାଟ ଏବଂ ଦୁର୍ଘଟଣାର ପ୍ରତିକାରରେ ସୁଗମ ଏବଂ ସ୍ଥିର ବିଦ୍ୟୁତ୍ ଯୋଗାଣ ପାଇଁ ସଠିକ୍ ଭାବରେ ପୁନର୍ଗଠନ ଓ ପୁନଃ ପରିବର୍ତ୍ତନ କରିବା । ପ୍ରତ୍ୟେକ କର୍ମଚାରୀ କାର୍ଯ୍ୟ କରିବା ପାଇଁ ଦିନକୁ ୮ ଘଣ୍ଟା କାର୍ଯ୍ୟଘଣ୍ଟା ପ୍ରଦାନ କରିବା ଅଥବା ଅତିରିକ୍ତ ସମୟ ପାଇଁ ଅତିରିକ୍ତ ମଜୁରୀ ଯୋଗାଇବା ପାଇଁ ବ୍ୟବସ୍ଥା କରିବା ପ୍ରଭୃତି ଦାବି କରାଯାଇଛି। ଉକ୍ତ ଦାବି ଗୁଡ଼ିକ ତୁରନ୍ତ ସମାଧାନ କରା ନଗଲେ ସଂଘ କାର୍ଯ୍ୟରେ ଅସହଯୋଗ ଏବଂ ଆନ୍ଦୋଳନ କରିବ ଚେତାବନୀ ଦେଇଛି। ଉକ୍ତ ବୈଠକରେ ସଂଘର ଉପସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା, ଡିଭିଜନ ସମ୍ପାଦକ ଚନ୍ଦନ କୁମାର ମହାନ୍ତି, ସଂଗଠକ ଦେବାଶିଷ ବେହେରା, ଜ୍ଞାନ ରଞ୍ଜନ ପରିଡ଼ା, ପାର୍ଥ ସାରଥି ଦାସ, ଜ୍ୟୋତିଲାଲା ବିଶ୍ୱାଳ, କୃଷ୍ଣପଦ ମହାନ୍ତ, ପ୍ରମୋଦ ପାତ୍ର, ସୁମନ ସଞ୍ଜିତ ମହାନ୍ତ, ଦୀନେଶ ଗୁପ୍ତା, ସଞ୍ଜୟ ଘୋଷ, ପ୍ରଦୀପ ନାଥ, ନବୀନ ଦତ୍ତ, ରାଜନାରାୟଣ ସିଂ, ବୁଦ୍ଧେଶ୍ୱର ମାରାଣ୍ଡି, ପ୍ରଭୃତି ଶତାଧିକ କର୍ମଚାରୀ ଉପସ୍ଥିତ ହୋଇ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସଂଗଠିତ ସିସିକ୍ୟୁସି ୨୦୨୩ରେ ଏଏମ/ଏନଏସ ଇଣ୍ଡିଆ ଓଡିଶା ଅପରେସନ୍ ପୁରସ୍କୃତ




ପାରାଦୀପ, ୧୦/୧୦ (ନି.ପ୍ର): କୋଲକାତାରେ କ୍ୱାଲିଟି ସର୍କଲ ଫୋରମ୍ ଅଫ୍ ଇଣ୍ଡିଆ (କ୍ୟୁସିଏଫଆଇ) ଦ୍ୱାରା ଆୟୋଜିତ ଚାପ୍ଟର କନଭେନସନ୍ ଅଫ୍ କ୍ୱାଲିଟି କନସେପ୍ଟସ୍ (ସିସିକ୍ୟୁସି) ୨୦୨୩ରେ ଓଡିଶା ଅପରେସନ୍ସ ତିନିଟି ସମ୍ମାନଜନକ ପୁରସ୍କାର (ଦୁଇଟି ସ୍ୱର୍ଣ ଏବଂ ଗୋଟିଏ ବ୍ରୋଞ୍ଜ୍ ପୁରସ୍କାର) ହାସଲ କରିଛି । ଏଏମ/ଏନଏସ ଇଣ୍ଡିଆର ଓଡିଶା ଅପରେସନ୍ସ ଆସନ୍ତା ୪ ରୁ ୭ ଜାନୁୟାରୀ ୨୦୨୪ ପର୍ଯ୍ୟନ୍ତ ନାଗପୁରରେ ଅନୁଷ୍ଠିତ ହେବାକୁ ଥିବା ନେସନାଲ କନଭେସନ ଅନ କ୍ୱାଲିଟି କନସେପ୍ଟ ୨୦୨୩(ଏନସିକ୍ୟୁସି ୨୦୨୩) ସମ୍ମିଳନୀ ପାଇଁ ମନୋନୀତ ହୋଇଛି । ପାରାଦୀପରୁ ଟିମ୍ କାଇଜେନ୍ ଟେକ୍ନୋକ୍ରାଟ୍ସ ପେଲେଟ ପ୍ଲାଣ୍ଟରେ ମିକ୍ସର୍ ଡିସଚାର୍ଜ ବିଳମ୍ବକୁ ଦୂର କରିବା ପାଇଁ ସ୍ୱର୍ଣ୍ଣ ପୁରସ୍କାର ଗ୍ରହଣ କରିଥିଲେ ଏବଂ ଗ୍ରାଇଣ୍ଡିଂ ମିଲର ବିଶ୍ୱସନୀୟତା ବୃଦ୍ଧି ପାଇଁ ଡାବୁନାରୁ ଟିମ୍ ମାରିନର୍ସ ସ୍ୱର୍ଣ୍ଣ ପୁରସ୍କାର ଗ୍ରହଣ କରିଥିଲେ । ଜିହୋ ପମ୍ପ ଏନଆରଭି ର ସ୍ୱଦେଶୀ ବିକାଶ ପାଇଁ କ୍ରେୟରୁ ଟିମ୍ ଏଲିଟ୍ ବ୍ରୋଞ୍ଜ୍ ପୁରସ୍କାର ହାସଲ କରିଥିଲା । ଏହି ଅବସରରେ ଏଏମ୍ / ଏନ୍ଏସ୍ ଇଣ୍ଡିଆ ଓଡିଶା ଅପରେସନ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁରେଶା ଜି, କହିଛନ୍ତି, "ଏହି ସଫଳତା ସମସ୍ତ ସଦସ୍ୟଙ୍କ ମିଳିତ ପ୍ରୟାସର ପ୍ରମାଣ। ମୁଁ ବିଶ୍ୱାସ କର ଯେ ଏହି ପଦବୀ ଶିଳ୍ପକ୍ଷେତ୍ରରେ ଆମର ପ୍ରତିଷ୍ଠାକୁ ଆଗକୁ ବଢାଇବାରେ ସାହାଯ୍ୟ କରିବା ସହିତ ନୂତନ ସୁଯୋଗ ପାଇଁ ବାଟ ଫିଟାଇବ । ସିସିକ୍ୟୁସି ୨୦୨୩ପ୍ରତିଯୋଗିତାରେ ବହୁ ପ୍ରତିଷ୍ଠିତ ସଂଗଠନର ୯୮ଟି ଦଳ ଅଂଶଗ୍ରହଣ କରିଥିଲେ ।

## ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ: ଭଗବାନଙ୍କ ଭରସାରେ ପିଲାଙ୍କ ଜୀବନ



ନୀଳଗିରି , ୧୦/୧୦ (ନି.ପ୍ର): ମାଟିରୁ ଉପୁଡି ଝୁଲନ୍ତା ଅବସ୍ଥାରେ ଝୁଲି ରହିଛି ବିଦ୍ୟୁତ ଖୁଣ୍ଟ । ସାମାନ୍ୟ ଖଣ୍ଡେ ରଶି ପାଲଟିଛି ବିଦ୍ୟୁତ ଖୁଣ୍ଟର ଭରସା । ଏପରି ଏକ ଘଟଣା ନୀଳଗିରି ବ୍ଲକ କାଂଶ ପ୍ରାଇମେରୀ ସ୍କୁଲ ନିକଟରେ ଦେଖିବାକୁ ମିଳିଛି । ୬ ମାସ ହେବ ଉକ୍ତ ଲୁହା ଖୁଣ୍ଟଟି ମାଟି ଖାଇଯିବା ଫଳରେ ଏପରି ଝୁଲନ୍ତା ଅବସ୍ଥାରେ ବିଦ୍ୟୁତ ଖୁଣ୍ଟିଟି ରହିଥିଲେ ମଧ ବୁଦ୍ୟୁତ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ । ଗାଁ ଲୋକଙ୍କ ଦ୍ୱାରା ବାରମ୍ବାର ଅନଲାଇନ ନମ୍ବରରେ ଅଭିଯୋଗ ହୋଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ଏହି ଖୁଣ୍ଟକୁ ଲାଗି ରହିଛି କାଂଶ ପ୍ରାଥମିକ ବିଦ୍ୟାଳୟ। ପ୍ରତ୍ୟେକ ଦିନ ପ୍ରଥମରୁ ପଞ୍ଚମ ଶ୍ରେଣୀର ଶହ ଶହ ଛାତ୍ରଛାତ୍ରୀ ଏହାର ତଳେ ଜୀବନକୁ ପାଣି ଛଡାଇ ଯାତାୟତ କରନ୍ତି । ଭଗବାନଙ୍କ ଭରସାରେ ଖୁଣ୍ଟିଟି ଝୁଲି ରହିଥିବା ବେଳେ କୌଣସି ମୁହୂର୍ତ୍ତରେ ତଳକୁ ଗଡି ଯାଇପାରେ । ଉକ୍ତ ବିଦ୍ୟୁତ ଖୁଣ୍ଟି ଭରସାରେ ଥିବା ୨୦ ରୁ ଉର୍ଦ୍ଧ୍ୱ ପରିବାରର ଗ୍ରାହକ ବାରମ୍ବାର ଗୁହାରୀ କରିଥିଲେ ମଧ କର୍ଣ୍ଣପାତ କରିନାହାନ୍ତି ବିଦ୍ୟୁତ ବିଭାଗୀୟ ଅଧିକାରୀ। ଏ ନେଇ ମିତ୍ରପୁର ସବଷ୍ଟେସନର ଜେଇ ବିଦ୍ୟୁତ ଦାସଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ଖୁବଶିଘ୍ର ସମାଧାନ ହୋଇଯିବ କହି ଦୁଇଦିନ ହେଲା ଏହାର କୌଣସି ପଦକ୍ଷେପ ନେଇନଥିବା ଦେଖିବାକୁ ମିଳିଛି। ତେବେ ତୁରନ୍ତ ସମାଧାନ ନହେଲେ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ




ବାସୁଦେବପୁର, ୧୦/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ପରିସରରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମ କୁ ଓଡିଶା ର ମାନ୍ୟବର ମୁଖ୍ୟ ମନ୍ତ ନବୀନ ପଟ୍ଟନାୟକ ଭାରଚୁଆଲ ମାଧ୍ୟମରେ ଉଦଘାଟନ କରିଥିଲେ । ଭଦ୍ରକ ଜିଲ୍ଲା ୧୦୯ କୋଟି ଟଙ୍କା ବ୍ୟୟ ରେ ୩ ହଜାର ୩୩୭ ଟି ବିଭିନ୍ନ ଉନୟନ ମୂଳକ ପ୍ରକଳ୍ପ ଓଡିଶା ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା । ପ୍ରତି ଗାଁ ହେବ ସଶକ୍ତ ଓଡିଶା ର ପ୍ରତିଛବି । ଏହି ଅବସରରେ ବାସୁଦେବପୁର ର ବିଧାୟକ ବିଷ୍ଣୁବ୍ରତ ରାଉତରାୟ କହିଲେ ବିଭିନ୍ନ ଯୋଜନା ପାଇଁ ତଥା ବାସୁଦେବପୁର ର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଫାଇଭ ଟି ସଚିବ ଭି କେ ପାଣ୍ଡିଆନ କୋଟି କୋଟି ଟଙ୍କା ପ୍ରଦାନ କରିଥିବାରୁ ମୁଁ ଅନେକ ଅନେକ କୃତଜ୍ଞତା ଓ ଧନ୍ୟବାଦ ଜଣାଉଛି । ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଓ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ସଭା ରେ ବିଧାୟକ ପ୍ରତିନିଧି ଅସିତ ଦାଶ, ବିଜେଡି ନେତା ଦୀନବନ୍ଧୁ ଦାସ, ବରିଷ୍ଠ ନେତା ଭାଗିରଥି ବଳ, ସୁରେଶ ମହାନ୍ତି,ବିଡ଼ିଓ ସତ୍ୟଜିତ ରାଉତ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ବିଜେଡି ନେତା ପ୍ରଫୁଲ୍ଲ ବିଶ୍ୱାଳ,ଯଦୁ ନାଥ ନାୟକ, ବ୍ଲକ ଉପାଧକ୍ଷ ମାଧୁରୀ ବାରିକ, ଚିନ୍ମୟ ବାରିକ, ମାନସ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ଶିଳ୍ପ ଓ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକଙ୍କ ଭଦ୍ରକ ଗସ୍ତ ଓ ସମୀକ୍ଷା



ଭଦ୍ରକ, ୧୦/୧୦ (ନି.ପ୍ର): ଶିଳ୍ପ ବିଭାଗ ଓ ମତ୍ସ୍ୟବିଭାଗ ନିର୍ଦ୍ଦେଶକ ସାଦ୍ଦିକ୍ ଆଲମ୍ ଦିନିକିଆ ଭଦ୍ରକ ଗସ୍ତରେ ଆସି ଦୁଇ ବିଭାଗର କାର୍ଯ୍ୟାନ୍ୱୟନର ଧାରା ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ଶ୍ରୀଯୁକ୍ତ ଆଲାମ୍ ଭଣ୍ଡାରୀପୋଖରୀ ବ୍ଲକ ସରସଦାଠାରେ ଶିଳ୍ପ ବିଭାଗର ଝରଜଟଞ୍ଜଓ ଯୋଜନାରେ ସ୍ଥାପିତ ଅଗରବତୀ କ୍ଲଷ୍ଟର ଓ ସୁରୁବଣଠାରେ ସ୍ଥାପିତ ମତ୍ସବିଭାଗର ଟି.ଏସ୍. ମହେଶ୍ୱରୀଙ୍କ ବାୟୋଫ୍ଲୋକ୍ ଓ ମତ୍ସ୍ୟପୋଖରୀ ପରିଦର୍ଶନ କରି ସେମାନଙ୍କର କାରବାର ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ପ୍ରକଳ୍ପ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ। ଚଗରଏଚ ଯୋଜନାରେ ସ୍ଥାପିତ ଗେଲପୁର ନିକଟସ୍ଥ ରାଜେଶ କୁମାର ମିଶ୍ରଙ୍କ ମହାନଦୀ ଆଲମିରା ଓ ଅନୁରାଗ ମଲ୍ଲିକଙ୍କର ଶ୍ରୀ ଗଣେଶ ଏଣ୍ଟର ପ୍ରାଇଜସ୍ ପରିଦର୍ଶନ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍ଭାବନା ସଭାଗୃହରେ ଦୁଇବିଭାଗର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ସି.ଡ଼ି.ଓ. କୁଶଳ ଚନ୍ଦ୍ର ନାଏକ ଓ ଉପମତ୍ସ୍ୟ ନିର୍ଦ୍ଦେଶକ ଦୀପ୍ତି କୁମାର ମହାପାତ୍ର ଯୋଗ ଦେଇଥିଲେ। ନିର୍ଦ୍ଦେଶକ ଅଧିକାରୀମାନଙ୍କୁ ୫ଟ ଓ ମୋ ସରକାର ପରିସର ମଧରେ ଏହି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଶିଳ୍ପ ଓ ମତ୍ସ୍ୟ ବିଭାଗର ସଂଘ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରି ସେମାନଙ୍କର ସମସ୍ୟା ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଅପରାହ୍ଣରେ ଭଦ୍ରକ ଇଗୁଲ୍ ଆଇସ୍କ୍ରିମ୍ ଶିଳ୍ପ ଏବଂ ବିଦେଇପୁରସ୍ଥିତ କୃଷ୍ଣଚନ୍ଦ୍ର ଘଡ଼େଇଙ୍କର ନିର୍ମାଣାଧୀନ ଚିଙ୍ଗୁଡ଼ି ଖାଦ୍ୟ ତିଆରି ପ୍ରକଳ୍ପ ପରିଦର୍ଶନ କରିଥିଲେ। ଉକ୍ତ ସମୀକ୍ଷା ବୈଠକ ଓ କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା, ଜିଲ୍ଲାର ସମସ୍ତ ଶିଳ୍ପ ବିକାଶ ଅଧିକାରୀ, ଶିଳ୍ପ ପର୍ଯ୍ୟବେକ୍ଷକ, ଉନ୍ନୟନ ଅଧିକାରୀ ଖଦୀ ଗ୍ରାମୋଦ୍ୟଗ ବୋର୍ଡ଼, ଉଓଟଇ ଟିମ୍ର ସମସ୍ତ ଅଧିକାରୀ ଓ ମତ୍ସବିଭାଗ ତରଫରୁ ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଜାନକୀ ବେହେରା, ଜିଲ୍ଲାର ସମସ୍ତ ସହକାରୀ ମତ୍ସ୍ୟଅଧିକାରୀ ଯୋଗଦାନ କରିଥିଲେ।

## ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ପିଟିପିଟି ହତ୍ୟା ଅଭିଯୋଗ

ଭୁବନେଶ୍ୱର, ୧୦/୧୦ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠସ୍ଥ ଧଉଳି ଅଂଚଳରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ପିଟିପିଟି ହତ୍ୟା ଅଭିଯୋଗ ହୋଇଛି। ଝରଣା ସାହିର କାଲୁ ନାୟକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ଅଭିଯୋଗ ପରେ ଧଉଳି ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ସିସିସିଟିଭି ଜବତ କରିବା ସହ ମାଲିକଙ୍କୁ ପଚରାଉଚରା କରିଛି। ହତ୍ୟା ମାମଲା ରୁଜୁ କରାଯାଇଛି , ପୋଷ୍ଟମର୍ଟମ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି। ଧଉଳି ଥାନା ଅଧୀନରେ ସ୍ୱୀକାର ନାମକ ନିଶା ନିବାରଣ କେନ୍ଦ୍ରରେ ଗତ ୩ ମାସ ପୂର୍ବେ କାଳୁ ଭର୍ତ୍ତି ହୋଇଥିଲେ।

## ବେଆଇନ୍ ବାଲି ବୋଝେଇ ଡମ୍ଫର ଜବତ: ଛାନିଆରେ ବାଲି ମାଫିଆ

ନୀଳଗିରି, ୧୦/୧୦ (ନି.ପ୍ର): ନୀଳଗିରି ଅଞ୍ଚଳରେ ଚୋରା ବାଲି ମାଫିଆ ସକ୍ରିୟ ହୋଇଥିବା ବେଳେ ପ୍ରତିଦିନ ଶହ ଶହ ଟ୍ରିପ ବାଲି ବୋଝେଇ ଟ୍ରକ ଯାଉଥିବାବେଳେ ଟାର୍ଗେଟ ରଖିଥିଲେ ନିଳଗିରି ତହସିଲଦାର ରଞ୍ଜନ କୁମାର ବେହେରା। ମଙ୍ଗଳବାର ଦିନ ନିଳଗିରି କଦମସାହି ରାସ୍ତାରୁ ଏକ ୧୦ ଚକିଆ ବାଲି ବୋଝେଇ ଡମ୍ଫର କୁ ଅଟକାଇଲା ପରେ ଗାଡ଼ିର ପରମିଟ ନଥିବା ସହ ଓଭର ଲୋଡ ଥିବାକୁ ନେଇ ଓ.ଡି- ୨୨.ଜେ- ୦୫୨୫ ଗାଡ଼ିକୁ ଜବତ କରିଛନ୍ତି। ଜବତ ଗାଡ଼ିକୁ ନୀଳଗିରି ଥାନାରେ ରଖା ଯାଇଛି। ତହସିଲଦାରଙ୍କ ଏଭଳି କାର୍ଯ୍ୟକୁ ଦେଖି ବାଲି ମାଫିଆ ମାନେ ଛାନିଆ ହୋଇପଡ଼ିଛନ୍ତି।


## ଶ୍ରମିକ ସଂଗଠନର ବ୍ଲକ ସମ୍ମୁଖରେ ଧାରଣା



ଜଳେଶ୍ୱର , ୧୦/୧୦ (ନି.ପ୍ର): ବିଭିନ୍ନ ଦାବି ନେଇ ଜଳେଶ୍ୱର ଶ୍ରମିକ ସଂଘ ସମନ୍ୱୟ ସମିତି ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ପୂର୍ବରୁ କେତେକ ଶ୍ରମିକ ପରିଚୟପତ୍ର ପାଇ ସୁବିଧା ସୁଯୋଗ ରୁ ବଂଚିତ ହେଉଛନ୍ତି । ସାଇକେଲ , ଶ୍ରମିକଙ୍କୁ ଘର ଦିଆଯାଇନାହିଁ । ଶ୍ରମ ଅଧିକାରୀଙ୍କୁ ବାରମ୍ବାର ବଦଳି କରାଯାଉଥିବାରୁ ଯୋଜନା ଠିକ୍ଭାବେ କାର୍ଯ୍ୟ କରିପାରୁନାହିଁ । ଅନ୍ଲାଇନ୍ରେ ସମସ୍ତ କାର୍ଯ୍ୟ କରିବା ସମ୍ଭବ ହୋଇପାରୁନାହିଁ । ବରଂ ସେମାନେ ଠକାମିର ଶୀକାର ହେଉଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ଶିକ୍ଷା, ବାହାଘର, ମୃତ୍ୟୁକାଳିନ ସହାୟତା ମିଳିବା ବ୍ୟବସ୍ଥା ଥିବା ବେଳେ ଜଳେଶ୍ୱରରେ ତାହା ହୋଇନାହିଁ । ପୂର୍ବରୁ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗରେ ଏପରି ଦାବି ଉପସ୍ଥାପନ କରାଯାଇଥିବା ବେଳେ ଅଦ୍ୟାବଧି ସେଥିପ୍ରତି ଗୁରୁତ୍ୱ ଦିଆଯାଇନାହିଁ । ଶ୍ରମିକଙ୍କ ସହାୟତାରାଶି ବୃଦ୍ଧି କରିବା, ୧୫ଦିନ ମଧ୍ୟରେ ସହାୟତା ଯୋଗାଇବା, ପ୍ରତିବ୍ଲକରେ ଶ୍ରମ ବିଭାଗ ଖୋଲି ଅଧିକାରୀ ନିଯୁକ୍ତ କରିବା, ଦୂରରାଜ୍ୟରେ ରହୁଥିବା ଲୋକଙ୍କୁ ଚିହ୍ନଟ କରିବା, କେନ୍ଦ୍ରୀୟ ଟ୍ରେଡ ୟୁନିୟନ ସହ ସ୍ଥାନୀୟ ୟୁନିୟକୁ ଗୁରୁତ୍ୱ ଦେବା, କାର୍ଯ୍ୟାଳୟକୁ ଦଲାଲମୁକ୍ତ କରିବା ଇତ୍ୟାଦି ଦାବି ନେଇ ପଲ୍ଟୁ ଦାସ, ଦିଲ୍ଲିପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ, ସସ୍ମିତା ବ୍ରହ୍ମ, ମଦନ ମହାଲି, ସବିତା ଭୂୟାଁ, ମମତା ରାଜ, ଆରତୀ ରାଜ, ନିରୋଜ ବେହେରା, ଗଣେଶ ଜେନା, ଜୀବନ ପରିଡାଙ୍କ ନେତୃତ୍ୱରେ ଏହି ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କବି ହରନାରାୟଣ ମିଶ୍ରଙ୍କ ଲିଖିତ ପୁସ୍ତକ ଶୁଭ୍ରଜିତ୍ ଉନ୍ମୋଚିତ

ବାରିପଦା, ୧୦/୧୦ (ନି.ପ୍ର): ବରିଷ୍ଠ କବି ହରନାରାୟଣ ମିଶ୍ର ଙ୍କ ଲିଖିତ କବିତା ପୁସ୍ତକ ଶୁଭ୍ରଜିତ ଉନ୍ମୋଚିତ ହୋଇଛି । ବତିମଟି କବିତା ଉକ୍ତ ପୁସ୍ତକରେ ସାନିତ । କବି ମିଶ୍ର ଙ୍କ ରଚିତ ୩୯ ତି ପୁସ୍ତକ ଇତି ମଧରେ ପ୍ରକାଶିତ ହୋଇଥିବା ବେଳେ ଉକ୍ତ ପୁସ୍ତକଟି ତାଙ୍କ ଲେଖନୀର ପଦଯାତ୍ରା ସଂକଳନ ର ୨୯ ତମ ସଂସ୍କରଣ। ଅନ୍ୟାନ୍ୟ ପୁସ୍ତକ ଭଳି ମୁଭ୍ରଜିତ ନିଶିତ ଭାବେ ପାଠକୀୟ ସ୍ୱୀକୃତ ଲାଭ କରିବା ବୋଲି ମତ ପ୍ରକାଶ ପାଇଛି । ଅନୁଷ୍ଠିତ ଉନ୍ମୋଚିତ ସମାରୋହରେ ଯୁବ କବି ତଥା ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମାଦକ ଅମିତାଭ ମିଶ୍ର ସଭାପତିତ୍ୱ କରିଥିଲେ । ଅତଥିଭାବେ ବାରିପଦାସିତ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ରଫେସର ଡ. ସରୋଜ ନାୟକ, ବେତନଟୀ ମହାବିଦ୍ୟାଳୟର ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଶ୍ରୀନିବାସ ଭ ଓ ସୁସାହିତ୍ୟିକ ତଥା ମହାରାଜା ପୂର୍ଣ୍ଣଚନ୍ଦ୍ର ସୂୟଂଶାସିତ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସୁଶାନ୍ତ କୁମାର ବସା ଓ ବିଶିଷ୍ଟ ଗାଳ୍ପିକ ଧନେଶ୍ୱର ପଣ୍ଡା ଯୋଗଦେଇଥିଲେ ।



## ଆଜି ୧୨ ଘଂଟିଆ ତାଳଚେର ବନ୍ଦ

ଭୁବନେଶ୍ୱର, ୧୦ ଅକ୍ଟୋବର - ଆଜି ୧୨ ଘଂଟିଆ ତାଳଚେର ବନ୍ଦ କରାଯାଇଛି । ତାଳଚେର ମେଡ଼ିକାଲ କଲେଜ ପରିଚାଳନାରେ ରାଜ୍ୟ ସରକାରଙ୍କ ଛଳନା ପ୍ରତିବାଦରେ ବନ୍ଦ ଡାକରା ଦେଇଛି ତାଳଚେର ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି । ଅଖ ଚକ ବନ୍ଦ ସହ ସହ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ବନ୍ଦ କରିବାକୁ କମିଟି ଆହ୍ୱାନ ଦେଇଛି । ବନ୍ଦ ଯୋଗୁ ଗାଡିମୋଟର ଚଳାଚଳ ବନ୍ଦ ରହିଛି । ତେବେ ଖଣିରୁ କୋଇଲା ଉତ୍ତୋଳନ ଓ ପରିବହନ ବନ୍ଦ ହେବାର ଆଶଙ୍କା ଦେଖାଦେଇଛି ।

## ନିଖିରେଶ୍ୱର ଶୈବପୀଠର ଉନ୍ନତି ପାଇଁ ୪ଲକ୍ଷ ମଞ୍ଜୁର



ଲଙ୍ଗଳେଶ୍ୱର,୧୦/୧୦(ନିପ୍ର): ବାଲିଆପାଳ ବ୍ଲକ ନିଖିରା ଗ୍ରାମରେ ଅବସ୍ଥିତ ସର୍ବ ପୁରାତନ ପାତାଳଫୁଟ ବାବା ନିଖିରେଶ୍ୱର ଶୈବପୀଠର ସୌନ୍ଦର୍ଯ୍ୟୀକରଣ ପାଇଁ ୪ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ନିକଟରେ ରାଜ୍ୟ ସରକାରଙ୍କ ୫ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଲଙ୍ଗଳେଶ୍ୱର ଗସ୍ତ ସମୟରେ ଅଞ୍ଚଳବାସୀଙ୍କ ତରଫରୁ ପୀଠର ବିକାଶ ପାଇଁ ଦାବୀପତ୍ର ପ୍ରଦାନ କରାଯାଇଥିଲା । ତଦ୍ଅନୁସାରେ ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଭାନେତ୍ରୀ ସମାଜସେବୀ ଶ୍ରୀମତୀ ସୁବାସିନୀ ଜେନାଙ୍କ ସୁପାରିଶ କ୍ରମେ ମାନନୀୟ ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିଗତ ସଚିବ ତଥା ୫ଟି ସଚିବ ପ୍ରଥମ କିସ୍ତିରେ ୪ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହାକୁ ନେଇ ମନ୍ଦିର ପରିଚାଳନା କମିଟି ଏବଂ ଗ୍ରାମବାସୀ ତଥା ଅଞ୍ଚଳବାସୀଙ୍କ ତରଫରୁ ଶ୍ରୀମତୀ ଜେନାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଉଦଳାରେ ଉତ୍କଳମଣିଙ୍କ ୧୪୬ ତମ ଜୟନ୍ତି ପାଳିତ

ଉଦଳା , ୧୦/୧୦ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ଓ ଅଟୋ ମାଲିକ ସଂଘ ଉଦଳାଙ୍କ ନେତୃତ୍ୱରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୬ ତମ ଜୟନ୍ତି ପାଳିତ ହୋଇ ଯାଇଛି । ଓଡ଼ିଶା ସରକାରଙ୍କ ତରଫରୁ ଏହି ଦିବସଟିକୁ 'ସେବା ଦିବସ' ରୂପେ ଘୋଷଣା କରାଯାଇଛି । ପ୍ରଭାତରେ ଉଦଳା ବସ୍ ଷ୍ଟାଣ୍ଡ ନିକଟରେ ସ୍ଥାପନ କରାଯାଇଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ସମସ୍ତେ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିଲେ । ଏହାପରେ ସମସ୍ତେ ଏକସ୍ୱରରେ 'ବନ୍ଦେ ଉତ୍କଳ ଜନନି...' ଗାନ କରିଥିଲେ । ଅପରାହ୍ନରେ ସ୍ଥାନୀୟ ସନ୍ଧାନ ଗୃହ ପରିସରରେ ସେବା ଟ୍ରଷ୍ଟର ସଭାପତି ତଥା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଓ କବିତାପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଆଲୋଚକ ଭାବରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ଦିଲିପ କୁମାର ଦିକ୍ଷିତ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅବିନାଶ ପାଣି, ଫକିର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଂପାଦକ ଡ଼କ୍ଟର କୁମାର ଗୋପାଲ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଗୋପବନ୍ଧୁ ଦାସଙ୍କ ସେବା ଓ ସାହିତ୍ୟକୃତି ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧରେ ରବିକାନ୍ତ ମହାପାତ୍ର, ଶରତଚନ୍ଦ୍ର ଦାସ, ପରେଶ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ପୁଥାଳ ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟକୁ ବଂଚାଇରଖିବା ଏବଂ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବା କ୍ଷେତ୍ରରେ ଉତ୍କଳମଣିଙ୍କ ଅବଦାନ କିପରି ଥିଲା ବ୍ୟକ୍ତ କରିଥିଲେ। ସେହିପରି ସର୍ବେଶ୍ୱର ମହାପାତ୍ର, ରାଜାରାମ ବେହେରା, ମନୋରଂଜନ ମଲ୍ଲିକ, ସତ୍ୟବ୍ରତ ମିଶ୍ର, ଡ଼କ୍ଟର ଶ୍ୟମ ସୁନ୍ଦର ପଣ୍ଡା ପ୍ରମୁଖ 'ସେବା ଦିବସ' କୁ କେନ୍ଦ୍ର କରି ସ୍ୱରଚିତ କବିତା ପାଠ କରିଥିଲେ । ଏହାପରେ ରକ୍ତଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରମାଣପତ୍ର ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସୁବ୍ରତ କୁମାର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଲକ୍ଷବଳ୍ଲ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସନ୍ତୋଷ ବାଛିନି, ହିମାଦ୍ରୀ ଶେଖର ପାଲ, ଅରୁଣ ମହାନ୍ତି, ରବିନ ମହାନ୍ତି, ତପନ ମହାନ୍ତ, କପାଳ ମାର୍ଣ୍ଡି, ସୁକାନ୍ତି ବେହେରା, ସରୋଜ ସାମଲ, ସୁଭାଶିଷ ପତି, ଚନ୍ଦ୍ର ଶେଖର ମିଶ୍ର, ତାରାକାନ୍ତ ରାୟ ପ୍ରମୁଖ ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo